RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

JEYPORE

◆VOLUME- 43 ◆ISSUE-268 ◆FRIDAY ◆27 MARCH 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୬୮ ◆ଶୁକ୍ରବାର ◆୨୭ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଖାର୍ଗରେ ଇରାନର ସମରସଜ୍ଜା

## ଆମେରିକାର ସମ୍ଭାବ୍ୟ ଆକ୍ରମଣ ପୂର୍ବରୁ ଖଞ୍ଜିଲା ମାଇନ୍ସ




■ତେହେରାନ, ୨୬ ।୩ (ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଆହୁରି ଭୟଙ୍କର ରୂପ ନେବାକୁ ଯାଉଛି । ଆମେରିକା ପକ୍ଷରୁ ସ୍ଥଳସେନା ଅଭିଯାନର ଆଶଙ୍କା କରି ଇରାନ ମଧ୍ୟ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦ୍ୱୀପ ଚାରିପଟେ ଇରାନ ମାଇନ୍ସ ବିଛାଇବା ସହ ଅତିରିକ୍ତ ସୈନ୍ୟ ମୁତୟନ କରିଛି । ଆମେରିକା ଗଣମାଧ୍ୟମର ସୂଚନା ଅନୁଯାୟୀ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଖାର୍ଗ ଦ୍ୱୀପକୁ ନିଜ ଦଖଲକୁ ନେବା ପାଇଁ ଯୋଜନା କରୁଛି । ଏହି ଦ୍ୱୀପକୁ କବ୍‌ଜା କରି ଇରାନ ଉପରେ ଚାପ ପକାଇବା ଏବଂ ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଖୋଲିବା ପାଇଁ ▶ପୃଷ୍ଠା-୭

## ଭାରତ ସମେତ ୫ ମିତ୍ର ରାଷ୍ଟ୍ରଙ୍କୁ ହର୍ମୁଜ ଖୋଲା

■ ନୂଆଦିଲ୍ଲୀ, ୨୬ ।୩ (ଏଜେନ୍ସି): ଜାରି ରହିଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଇରାନ ଘୋଷଣା କରିଛି ଯେ 'ହର୍ମୁଜ ପ୍ରଣାଳୀ' ଦେଇ ଭାରତ ସମେତ ୫ଟି ମିତ୍ର ଦେଶର ଜାହାଜ ଚଳାଚଳ ଉପରେ କୌଣସି କଟକଣା ରହିବ ନାହିଁ । ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଅରାଘାଚି କହିଛନ୍ତି ଯେ ଭାରତ, ରୁଷ, ଚୀନ୍, ପାକିସ୍ତାନ ଓ ଇରାକ ପରି ଦେଶଗୁଡ଼ିକର ତୈଳ ଜାହାଜକୁ ନିରାପଦରେ ଯିବାକୁ ଅନୁମତି ଦିଆଯାଇଛି । ବାଂଲାଦେଶର ଜାହାଜକୁ ମଧ୍ୟ ଅନୁମତି ମିଳିପାରେ ବୋଲି ସେ ସୂଚନା ଦେଇଛନ୍ତି । ତେବେ ଆମେରିକା, ଇସ୍ରାଏଲ ଏବଂ ଯୁଦ୍ଧରେ ସମ୍ପୃକ୍ତ ଥିବା କିଛି ଉପସାଗରୀୟ ଦେଶ ପାଇଁ ଏହି ପଥ ବନ୍ଦ ରହିବ ବୋଲି ▶ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ ଆଜି

■ନୂଆଦିଲ୍ଲୀ, ୨୬।୩: ପଶ୍ଚିମ ଏସିଆ ସଙ୍କଟ ପରିପ୍ରେକ୍ଷୀରେ ରାଜ୍ୟମାନେ କେତେ ପ୍ରସ୍ତୁତ ଅଛନ୍ତି, ସେ ସଂପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ଭିଡିଓ କନଫେରେନସିଂ ଜରିଆରେ ଆଲୋଚନା କରିବେ । ତେବେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଏଥିରେ ସାମିଲ ହେବେନାହିଁ । ପରବର୍ତ୍ତୀ ସମୟରେ କ୍ୟାବିନେଟ ସଚିବ ଏହି ରାଜ୍ୟର ମୁଖ୍ୟ ସଚିବମାନଙ୍କ ସହିତ ପୃଥକ ଆଲୋଚନା କରିବେ ବୋଲି ଜଣାପଡ଼ିଛି ।

# ମଦ ଦୋକାନୀଙ୍କୁ ୩ ବର୍ଷିଆ ଲିଜ୍

- ଏପ୍ରିଲରୁ ନୂଆ ଅବକାରୀ ନୀତି
- ପ୍ରତିବର୍ଷ ବଢ଼ିବ ୧୦% ଟିକସ
- ବଡ଼ଦାଣ୍ଡରେ ରହିବନି ମଦ ଦୋକାନ
- ସର୍ବନିମ୍ନ ବଦଳରେ ନିଶ୍ଚିତ କୋଟା
- ମଦ୍ୟପ ଦେବେ ଅଧ ପ୍ରତିଶତ 'ଡି-ଆଡିକ୍ସନ୍ ସେସ୍'

■ ଭୁବନେଶ୍ୱର, ୨୬।୩ (ସମିସ): ଏପ୍ରିଲ ୧ରୁ ରାଜ୍ୟରେ କାର୍ଯ୍ୟକାରୀ ହେବ ନୂଆ ଅବକାରୀ ନୀତି । ନୂଆ ଅବକାରୀ ନୀତି ଅନୁସାରେ ରାଜ୍ୟରେ ଆଉ ଠିପି ବନ୍ଦ ମଦ ଦୋକାନ ଖୋଲିବ ନାହିଁ । ତେବେ ଶିଳ୍ପାଞ୍ଚଳରେ ତିନି ତାରକାରୁ ଉର୍ଦ୍ଧ୍ୱ ହୋଟେଲ, କ୍ଲବ୍ ଆଦିରେ ଠିପି ଖୋଲା ମଦ ବିକ୍ରି ଅନୁମତି ମିଳିବ । ଅନୁରୂପ ଭାବରେ ମଦ ଦୋକାନ ପଟ୍ଟାଦାରଙ୍କୁ ଆସନ୍ତା ବର୍ଷଠାରୁ ବର୍ଷିକିଆ ଲିଜ୍ ବଦଳରେ ୩ ବର୍ଷ ପାଇଁ ଲିଜ୍ ମିଳିବ । ଦୋକାନ ପିଛା ଟିକସ ବର୍ଷକୁ ୧୦% ବୃଦ୍ଧି ପାଇବ । ସେହିପରି ମଦ୍ୟପାନର ଅପକାରିତା ▶ପୃଷ୍ଠା-୭



## ବାରବାଟୀରେ ଭାରତ-ଶ୍ରୀଲଙ୍କା ଟି-୨୦

କଟକର ବାରବାଟୀ ଷ୍ଟାଡିୟମ୍‌ରେ ଡିସେମ୍ବର ୨୪ ତାରିଖରେ ଭାରତ-ଶ୍ରୀଲଙ୍କା ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ତିନିଟିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ୨୨ ତାରିଖରେ ରାଜକୋଟ୍ ଓ ତୃତୀୟ ମ୍ୟାଚ୍ ୨୭ ତାରିଖରେ ପୁଣେରେ ହେବ ।






### ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ

## ଦୋଷୀକୁ ଫାଶୀ

■ବ୍ରହ୍ମପୁର, ୨୬।୩ (ସମିସ): ୯ ବର୍ଷର ଜଣେ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ ମାମଲାର ବିଚାର କରି ବ୍ରହ୍ମପୁର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟ ବିଚାରପତି ରୋହିତଲାଲ ପଣ୍ଡା ଐତିହାସିକ ରାୟ ଶୁଣାଇଛନ୍ତି । ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ସଂପୃକ୍ତ ଅଭିଯୁକ୍ତକୁ କୋର୍ଟ ଫାଶୀଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ଅଭିଯୁକ୍ତଜଣଙ୍କ ହେଲେ, ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅଞ୍ଚଳର କେଶବ ନାହାକ ଓରଫ୍ କେଶା (୩୦) । ଏହାସହ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି ।

୨୦୨୧ ନଭେମ୍ବର ୨୧ରେ ପୋଲସରା ଥାନା ଅଞ୍ଚଳର ଜଣେ ନାବାଳିକା ନିଜ ମା'ଙ୍କ ସହ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିଲେ । ଅଭିଯୁକ୍ତ କେଶବ ନାବାଳିକାଙ୍କୁ ଗାଁ ନିକଟ ନଦୀକୁ ମାଛ ଧରିବାକୁ ଡାକିନେଇ ▶ପୃଷ୍ଠା-୭

# ବିଧାୟକଙ୍କ ଦରମା ଓ ଭତ୍ତା ବିଲ୍ ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ



### ଚଳିତ ଅଧିବେଶନରେ ପୁଣି ଆସିବ ନୂଆ ଦରମା-ଭତ୍ତା ବିଲ୍

### ନୂଆ ବିଲ୍‌ରେ ଦରମା ଓ ପେନସନ ୨୫୦% ବୃଦ୍ଧି ସମ୍ଭାବନା

■ ଭୁବନେଶ୍ୱର, ୨୬।୩ (ସମିସ): ବିଧାୟକଙ୍କ ଦରମା, ଭତ୍ତା ଏବଂ ପେନସନ ସହ ବାଚସ୍ପତି, ଉପ ବାଚସ୍ପତି ଏବଂ ମନ୍ତ୍ରୀଙ୍କ ଦରମା ବୃଦ୍ଧି ସମ୍ପର୍କିତ ୪ଟି ବିଲକୁ ପ୍ରତ୍ୟାହାର କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ସରକାର ।ଏନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାନସଭାର ଅନୁମତି ଲୋଡିଛନ୍ତି । ଗୁରୁବାର ବିଧାନସଭା ସଚିବ ସତ୍ୟବ୍ରତ ରାଉତ ସମସ୍ତ ବିଧାୟକଙ୍କୁ ଚିଠି ଲେଖି ଏନେଇ ଅବଗତ କରାଇଛନ୍ତି ।

ସୂଚନା ଅନୁସାରେ ସରକାର ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ୪ଟି ବିଲ ପ୍ରତ୍ୟାହାର ପାଇଁ ଇଚ୍ଛା ପ୍ରକାଶ କରିଥିବା ସଂକ୍ରାନ୍ତରେ ବିଧାନସଭା ସଚିବ ବିଧାୟକମାନଙ୍କୁ ନୋଟିସ ଦେଇଛନ୍ତି । ଏଥିରେ ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ଦରମା, ଭତ୍ତା ଓ ପେନସନ (ସଂଶୋଧନ) ବିଲ୍, ବାଚସ୍ପତିଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍, ଉପବାଚସ୍ପତିଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍ ଓ ମନ୍ତ୍ରୀମାନଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍ ରହିଛି । ଆସନ୍ତା ୩୦ ତାରିଖରେ ଏହି ୪ ବିଲ ପ୍ରତ୍ୟାହାର ପାଇଁ ଗୃହରେ ବିଧିବଦ୍ଧ ପ୍ରସ୍ତାବ ଆଗତ ହେବ ବୋଲି ବିଧାନସଭା ସୂତ୍ରରୁ ଜଣାପଡ଼ିଛି । ତେବେ ଏହି ଦରମା ଓ ଭତ୍ତା ବିଲ୍ ପ୍ରତ୍ୟାହାର ପରେ ସରକାର ନୂଆ ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ଅନ୍ୟଏକ ସଂଶୋଧିତ ବିଲ୍ ଚଳିତ ଅଧିବେଶନରେ ଆଣିବାର ସମ୍ଭାବନା ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଦରମା ଓ ଭତ୍ତାରେ ୩୫୦% ବୃଦ୍ଧିକୁ ନେଇ ସାରା ରାଜ୍ୟରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିବାରୁ ଏହାକୁ ହ୍ରାସ କରି ୨୫୦% ଅର୍ଥାତ୍ ଅଢ଼େଇଗୁଣ କରିବା ପାଇଁ ଏହି ▶ପୃଷ୍ଠା-୭








90 YEARS
TRUST IS TIMELESS

BHUBANESWAR: Janpath | Chandrasekharpur | Samantarapur | Soubhagya Nagar | ANGUL: Shankar Cinema Hall Road BERHAMPUR: Venkatraju Arcade, Sano Bazar CUTTACK: 558/834, Cantonment Road JAJPUR ROAD: Bank Street Road JHARSUGUDA: Sarbahal Road, Marwari Para PURI: Opp. Police Line, VIP Road ROURKELA: Kesar Bhawan, Main Road SAMBALPUR (Opening Shortly)

BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com 1800 3131 777 FOLLOW US ON:

SCAN TO KNOW MORE





# ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା; ନିଆଁ ଲାଗିବାରୁ ୧୩ ମୃତ

ପ୍ରକାଶମ୍, ୨୬ ।୩ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ପ୍ରକାଶମ ଜିଲ୍ଲାରେ ଗୁରବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଘରୋଇ ଯାତ୍ରୀବାହୀ ବସ୍ ଏବଂ ଗାଡ଼ି ବୋଝେଇ ଟ୍ରକ୍ (ଡମ୍ପର) ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଅତିକମ୍‌ରେ ୧୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ବସ୍‌ରେ ନିଆଁ ଲାଗିବା ଫଳରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଥିଲା । ପ୍ରକାଶମ ଜିଲ୍ଲାର ରାୟଭରମ ଗ୍ରାମ ନିକଟରେ ଗୁରୁବାର ସକାଳ ୬ରୁ ୬ଟା ୩୦ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା । ବସରେ ପ୍ରାୟ ୩୫ ଜଣ ଯାତ୍ରୀ ଥିଲେ । ମୁହାଁମୁହିଁ ଧକ୍କା ଫଳରେ ଉଭୟ ବସ୍ ଓ ଡମ୍ପରରେ ନିଆଁ ଲାଗିଯାଇଥିଲା । ପ୍ରାୟ ୩ ଘଣ୍ଟାର ପରିଶ୍ରମ ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ, କିନ୍ତୁ ସେତେବେଳେକୁ ବସ୍‌ଟି ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଓ ଆହତଙ୍କ ପାଇଁ ୫୦, ୦୦୦ ଟଙ୍କାର ଅନୁକମ୍ପାମୂଳକ ରାଶିର ସହାୟତା ଘୋଷଣା କରିଛନ୍ତି । ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆହତମାନଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅତ୍ୟଧିକ ବେଗ କିମ୍ବା ଡ୍ରାଇଭରଙ୍କ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଥାଏ ପାରେ ବୋଲି ସନ୍ଦେହ କରାଯାଉଛି । ଘଟଣାର ସବିଶେଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ବାଂଲାଦେଶରେ ନଦୀକୁ ଖସିଲା ବସ୍; ୨୬ ମୃତ

ରାଜବାରୀ, ୨୬ ।୩(ଏଜେନ୍ସି): ବାଂଲାଦେଶର ରାଜବାରୀ ଜିଲ୍ଲାରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ଦୌଲତଦିଆ ଘାଟରେ ଫେରି ଅର୍ଥାତ ଡଙ୍ଗା ଉପରକୁ ଚଢ଼ୁଥିବା ସମୟରେ ଏକ ଯାତ୍ରୀବାହୀ ବସ୍ ନିୟନ୍ତ୍ରଣ ହରାଇ ପଦ୍ମା ନଦୀକୁ ଖସିପଡ଼ିଛି । ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୨୬କୁ ବୃଦ୍ଧି ପାଇଛି । ବସ୍‌ରେ ପ୍ରାୟ ୪୦ ଜଣ ଯାତ୍ରୀ ଥିଲେ । ବୁଧବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଥିଲା । ନିୟନ୍ତ୍ରଣ ହରାଇବା ପରେ ବସ୍‌ଟି ମାତ୍ର କେତେ ସେକେଣ୍ଡ ମଧ୍ୟରେ ନଦୀ ଗର୍ଭକୁ ଖସି ପଡ଼ିଥିଲା । ଯାତ୍ରୀମାନେ ଇଦ୍ ଛୁଟି ସାରି ରାଜବାରୀରୁ ଢ଼ାକା ଫେରୁଥିଲେ । ଅଗ୍ନିଶମ ବାହିନୀ ଅନୁଯାୟୀ, ବସ୍ ଭିତରୁ ୨୩ଟି ମୃତ ଦେହ ଉଦ୍ଧାର କରାଯାଇଛି । ସେଥି ମଧ୍ୟରେ ୧୧ଜଣ ମହିଳା, ୭ ଜଣ ପୁରୁଷ ଓ ୫ ଜଣ ଶିଶୁ ରହିଛନ୍ତି । ୮ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିବା ବେଳେ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ୩ ଜଣଙ୍କର ମୃତ୍ୟୁ ଘଟିଛି । ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବାହିନୀର ୪ଟି ଟିମ୍ ଓ ୧୦ ଜଣ ବୁଡ଼ାଳି ନିୟୋଜିତ ଥିଲେ । ସେହିପରି ସେନା, ପୁଲିସ, କୋଷ୍ଟ ଗାର୍ଡ ଓ ବିଆଇଡବ୍ଲ୍ୟୁଟିସିର ସଦସ୍ୟମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ । ପ୍ରାୟ ୬ ଘଣ୍ଟା ପରିଶ୍ରମ ପରେ 'ହମଜା' ନାମକ ଜାହଜ ସାହାଯ୍ୟରେ ବସକୁ ନଦୀରୁ ଉଦ୍ଧାର କରାଯାଇଛି । ପ୍ରଧାନମନ୍ତ୍ରୀ ତାରିକ ରହେମାନ ଏହି ଘଟଣା ଗଭୀର ଶୋକ ପ୍ରକାଶ କରିବା ସହ ଉଦ୍ଧାର କାର୍ଯ୍ୟର ସୀମୀକ୍ଷା କରିଛନ୍ତି । ଦୁର୍ଘଟଣାର କାରଣ ଖୋଜିବା ପାଇଁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଉଚେନ ମେ'ଙ୍କ ନେତୃତ୍ୱରେ ଏକ ୫ ଜଣିଆ ତଦନ୍ତ କମିଟି ଗଠନ କରାଯାଇଛି । ଏହି କମିଟିକୁ ୩ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# କୃଷ୍ଣ ସାଗରରେ ରୁଷୀୟ ତୈଳବାହୀ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ

ଅଙ୍କାରା, ୨୬ ।୩(ଏଜେନ୍ସି): ତୁର୍କୀ ଉପକୂଳରୁ କିଛି ଦୂରରେ କୃଷ୍ଣ ସାଗର ମଧ୍ୟରେ ଏକ ରୁଷୀୟ ଆଶୋଧିତ ତୈଳବାହୀ ଜାହାଜ ଉପରେ ଏକ ଡ୍ରୋନ୍ ବୋଟ୍ ସାହାଯ୍ୟରେ ଆକ୍ରମଣ କରାଯାଇଛି । ଏହି ଘଟଣାରେ ଜାହାଜର କ୍ଷତି ହୋଇଥିଲେ ମଧ୍ୟ ସମସ୍ତ କର୍ମଚାରୀ ସୁରକ୍ଷିତ ଅଛନ୍ତି । ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ଏହି ଜାହାଜର ନାମ ଆଲଟୁରା । ଏହା ସିଏରା ଲିଓନ୍‌ର ପତାକା ଲଗାଇ ରୁଷର ନୋଭୋରୋସିସ୍କ ବନ୍ଦରରୁ ୧୦ ବ୍ୟାରେଲ ତୈଳ ନେଇ ଯାଉଥିଲା । ଇସ୍ତାନବୁଲ୍‌ର ବୋସ୍‌ଫୋରସ ପ୍ରଣାଳୀଠାରୁ ପ୍ରାୟ ୨୮ କିଲୋମିଟର ଦୂରରେ ଏହି ବିସ୍ଫୋରଣ ଘଟିଛି । ବିସ୍ଫୋରଣ ଯୋଗୁଁ ଜାହାଜର ଇଞ୍ଜିନ ରୁମ୍‌ରେ ପାଣି ପଶିଯାଇଥିଲା । ତେବେ ଜାହାଜରେ ଥିବା ସମସ୍ତ ୨୭ ଜଣ କର୍ମଚାରୀ ସୁରକ୍ଷିତ ଅଛନ୍ତି । ତୁର୍କୀ କୋଷ୍ଟ ଗାର୍ଡ ଓ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି । ଏହି ଜାହାଜଟି ତୁର୍କୀର ବେସିକ୍ଟାସ କମ୍ପାନୀ ମାଲିକାନାରେ ଅଛି ଏବଂ ଏହା ଉପରେ ୟୁରୋପୀୟ ସଂଘ ଓ ବ୍ରିଟେନ ପକ୍ଷରୁ କଟକଣା ଲଗାଯାଇଛି । ଚଳିତବର୍ଷ କୃଷ୍ଣ ସାଗରରେ ତୈଳବାହୀ ଜାହାଜ ଉପରେ ଏହା ଦ୍ୱିତୀୟ ଡ୍ରୋନ ଆକ୍ରମଣ । ଏହା ପୂର୍ବରୁ ଜାନୁଆରୀ ୨୦୨୬ରେ ମଧ୍ୟ ଏକ ରୁଷୀୟ ଜାହାଜ ଉପରେ ଆକ୍ରମଣ ହୋଇଥିଲା । ଏହି ଆକ୍ରମଣର ଜବାବରେ ରୁଷିଆ ପକ୍ଷରୁ କଡ଼ା ଜବାବ ଦିଆଯିବାର ଆଶଙ୍କା କରାଯାଉଛି । ଏହି ଅଞ୍ଚଳରେ ବାରମ୍ବାର ଆକ୍ରମଣ ଯୋଗୁଁ ସାମୁଦ୍ରିକ ବୀମା ଦର ବୃଦ୍ଧି ପାଇଛି, ଯାହା ବିଶ୍ୱ ତୈଳ ବାଣିଜ୍ୟ ଉପରେ ପ୍ରଭାବ ପକାଉଛି ।

# ଅସ୍ତ୍ରବିରତି ପରେ ଯୁଦ୍ଧ: ପାକିସ୍ତାନର ସାମରିକ ପୋଷ୍ଟକୁ ଧ୍ୱଂସ କଲା ତାଲିବାନ

କାବୁଲ/ଇସଲାମାବାଦ୍, ୨୬ ।୩(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଇଦ୍ ଉପଲକ୍ଷେ ହୋଇଥିବା ୫ ଦିନିଆ ଅସ୍ତ୍ରବିରତି ଶେଷ ହେବା ମାତ୍ରେ ପୁଣି ଥରେ ଭୟଙ୍କର ସଂଘର୍ଷ ଆରମ୍ଭ ହୋଇଛି । ବୁଧବାରଠାରୁ ସୀମାରେ ଦୁଇ ଦେଶର ସେନା ମଧ୍ୟରେ ଗୁଳି ବିନିମୟ ଜାରି ରହିଛି । ଏଥିରେ ଉଭୟ ପକ୍ଷରୁ ୩ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଆଫଗାନ ଅଧିକାରୀଙ୍କ ଅନୁଯାୟୀ, ଅସ୍ତ୍ରବିରତି ଶେଷ ହେବା ମାତ୍ରେ ପାକିସ୍ତାନୀ ସେନା ନାରାଇ ଓ ସରକାନୋ ଅଞ୍ଚଳରେ ଗୋଳାବାରୁଦ ମାଡ଼ ଆରମ୍ଭ କରିଥିଲା । ଏହାର ଜବାବରେ ଆଫଗାନ ସୀମା ସୁରକ୍ଷା ବାହିନୀ ଆକ୍ରମଣ କରି ପାକିସ୍ତାନର ୩ଟି ସାମରିକ ପୋଷ୍ଟକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେଇଛନ୍ତି । ଏହି ସଂଘର୍ଷରେ ଆଫଗାନିସ୍ତାନର ୨ ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ଘଟିଥିବା ବେଳେ ପାକିସ୍ତାନ ପକ୍ଷରୁ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି । ଉଲ୍ଲେଖଥାଉ କି, ଗତ ମାର୍ଚ୍ଚ ୧୭ ରାତିରେ ପାକିସ୍ତାନୀ ବାୟୁସେନାର କାବୁଲରେ ମିସାଇଲ ମାଡ଼ କରିଥିଲା । ଏହି ଆକ୍ରମଣରେ ଏକ ଡ୍ରଗ୍ସ ପୁନର୍ବାସ କେନ୍ଦ୍ର ଧ୍ୱଂସ ହୋଇଥିବା ଓ ପ୍ରାୟ ୪୦୦ ଜଣଙ୍କର ମୃତ୍ୟୁ ହୋଇଥିବା ତାଲିବାନ ଦାବି କରିଥିଲା । ଗତ ଫେବୃଆରୀ ୨୨ରୁ ଦୁଇ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି । ସାଉଦି ଆରବ, ତୁର୍କୀ ଓ କତାର ମଧ୍ୟସ୍ଥତା କରି ଅସ୍ତ୍ରବିରତି କରାଇଥିଲେ ମଧ୍ୟ ସୀମାରେ ସ୍ଥିତି ସୁଧୁରିବା ପରିବର୍ତ୍ତେ ଜଟିଳ ହେବାରେ ଲାଗିଛି ।

**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

# ଇରାନକୁ ପୁଣି ଧମକାଇଲେ ଟ୍ରମ୍ପ

## ଆଲୋଚନା ଆରମ୍ଭ କର; ନଚେତ ଭୀଷଣ ଆକ୍ରମଣ

ୱାସିଂଟନ, ୨୬ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟ ।।ରେ ଯୁଦ୍ଧବିରତି ଲାଗି ବିଭିନ୍ନ ଆଡୁ ଚାପ ପଡୁଥିବା ବେଳେ ଆମେରିକା ଏବଂ ଇରାନ ନିଜ ନିଜ ଜିଦରେ ଅଟଳ ରହିଥିବାରୁ ଯୁଦ୍ଧ ଥମିବାର ସମ୍ଭାବନା ଦେଖାଯାଉନାହିଁ । ଏଭଳି ପରିସ୍ଥିତି ମଧ୍ୟରେ ପୁଣି ଇରାନକୁ ଧମକ ଦେଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେ କହିଛନ୍ତି ଯେ ଯୁଦ୍ଧବିରତି ଲାଗି ଆମେରିକା ଯେଉଁ ପ୍ରସ୍ତାବ ଦେଇଛି, ତାହା ଉପରେ ଇରାନ ତୁରନ୍ତ ଆଲୋଚନା ଆରମ୍ଭ କରୁ । ଏଥିରେ ବିଳମ୍ବ କଲେ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯିବ ବୋଲି ସେ ତାଙ୍କର ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍ ସୋସିଆଲ'ରେ ଚେତାବନୀ ଦେଇଛନ୍ତି । ସେ ଉ ।।ଲ୍ଲେଖ କରିଛନ୍ତି ଯେ ଯୁଦ୍ଧବିରତି ଲାଗି ଇରାନ ଭିକ ମାଗୁଛି, ଆମେ ପ୍ରସ୍ତାବ ଦେଲାପରେ ଏହାର ନେତାମାନେ ଅଲଗା କଥା କହୁଛନ୍ତି । ଏହା ଗ୍ରହଣୀୟ ନୁହେଁ ।


ଏସଂପର୍କରେ ପ୍ରତିକ୍ରିୟା ପ୍ରକାଶ କରି ଇରାନର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ମଧ୍ୟସ୍ଥି ଜରିଆରେ ଆମେରିକା ଯେଉଁ ୧୫ ସୂତ୍ରୀ ପ୍ରସ୍ତାବ ଦେଇଛି, ତାହା ଇରାନ ପାଇଁ ଗ୍ରହଣୀୟ ନୁହେଁ । ଇରାନ ଏହାର ସାର୍ବଭୌମତ୍ୱର ସୁରକ୍ଷା ଲାଗି ଯୁଦ୍ଧ କରୁଛି ଏବଂ ଏଥିରେ ସାଲିସ କରାଯିବ ନାହିଁ । ଆମରିକାର ସର୍ତ୍ତରେ ଯୁଦ୍ଧବିରତି ସମ୍ଭବ ନୁହେଁ । ଅନ୍ୟପକ୍ଷରେ ଇରାନ ଯେଉଁ ୫ ସୂତ୍ରୀ ପ୍ରସ୍ତାବ ଦେଇଛି, ତାହା ଉପରେ ଆଲୋଚନା ହେଲେ ଯାଇ ଯୁଦ୍ଧବିରତି ସମ୍ଭବ ବୋଲି ସେ କହିଛନ୍ତି । ଇରାନର ସର୍ତ୍ତ ମଧ୍ୟରେ ରହିଛି ଭବିଷ୍ୟତରେ ଇରାନ ଉପରେ ଆକ୍ରମଣ ନକରିବାକୁ ଗ୍ୟାରେଣ୍ଟି, ଯୁଦ୍ଧ ପାଇଁ କ୍ଷତିପୂରଣ ଏବଂ ପୂର୍ବଭଳି ହର୍ମୁଜ ଉପରେ ଇରାନର କବ୍‌ଜା ରହିବ ।

## ଆମେରିକାର ୧୬ ବିମାନ ନଷ୍ଟ, ରାଡାର ବ୍ୟବସ୍ଥା ଧ୍ୱସ୍ତ

ୱାସିଂଟନ, ୨୬ ।୩(ଏଜେନ୍ସି): ଫେବୃଆରୁ ୨୮ରୁ ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ପ୍ରାୟ ଏକ ମାସରେ ପହଞ୍ଚିଛି । ଏହି ସଂଘର୍ଷରେ ଆମେରିକାର ବାୟୁସେନା ଓ ନୌସେନାକୁ ଅପ୍ରତ୍ୟାଶିତ କ୍ଷତି ସହିବାକୁ ପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ଆମେରିକା ଏପର୍ଯ୍ୟନ୍ତ ଅତିକମ୍‌ରେ ୧୬ଟି ଯୁଦ୍ଧ ବିମାନ ହରାଇଥିବା ବେଳେ ଏହାର ଅନେକ ଗୁରୁତ୍ୱପୂର୍ଣ୍ଣ ରାଡ଼ାର କେନ୍ଦ୍ର ଉପରେ ମଧ୍ୟ ଆକ୍ରମଣ ହୋଇଛି । ଯଦିଓ ଆମେରିକା- ଇସ୍ରାଏଲ ମିଳିତ ଭାବେ ଇରାନର ବାୟୁସେନାକୁ ପ୍ରାୟ ନିଶ୍ଚିହ୍ନ କରିଦେଇଛନ୍ତି, କିନ୍ତୁ ଇରାନ ଗ୍ରାଉଣ୍ଡ-ଟୁ- ଏୟାର ମିସାଇଲ ଏବଂ ଡ୍ରୋନ ବ୍ୟବସ୍ଥା ଆମେରିକା ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ବିଶ୍ୱର ସବୁଠାରୁ ଶକ୍ତିଶାଳୀ ତଥା ଦାମୀ ଯୁଦ୍ଧବିମାନ ଏଫ୍-୩୫ ଲାଇଟନିଂ ୨ ପ୍ରଥମଥର ପାଇଁ ଶତ୍ରୁ ପକ୍ଷରୁ ଆକ୍ରମଣ ଶିକାର ହୋଇଛି । ମାର୍ଚ୍ଚ ୧୯ ରେ ଇରାନର ଏକ କ୍ଷେପଣାସ୍ତ୍ର ମାଡ଼ରେ ଏହି ବିମାନଟି କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଏହାକୁ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଥିଲା । ସେହିପରି ଆକାଶରେ ଅନ୍ୟଏକ ଯୁଦ୍ଧ ବିମାନକୁ ତେଲ ଯୋଗାଉଥିବା କେସି-୧୩୫ ଷ୍ଟ୍ରାଟୋଟାଙ୍କର ମଧ୍ୟ ଦୁର୍ଘଟଣାର ଶିକାର ହୋଇଛି । ମାର୍ଚ୍ଚ ୧୨ରେ ଇରାକରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୬ ଜଣ କର୍ମଚାରୀ ପ୍ରାଣ ହରାଇଥିଲେ । ଏହାଛଡ଼ା ସାଉଦି ଆରବର ଏୟାରବେସ୍ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼ରେ ଅନ୍ୟ ଏହିପରି ୫ଟି ବିମାନ କ୍ଷତିଗ୍ରସ୍ତ ହୋଇଛି । ସେହିପରି ଏକ ଦୁଃଖଦ ଘଟଣାକ୍ରମରେ, କୁଏତ ଆକାଶରେ ଇରାନର ଡ୍ରୋନ ସହ ଲଢୁଥିବା ସମୟରେ କୁଏତର ବାୟୁରକ୍ଷା ପ୍ରଣାଳୀ ଭୁଲବଶତଃ ଆମେରିକାର ୩ଟି ଏଫ୍-୧୫ ବିମାନକୁ ଗୁଳି କରି ଖସାଇ ଦେଇଥିଲା । ସେହିପରି ଆମେରିକାର ପ୍ରାୟ ୧୨ଟି ଅତ୍ୟାଧୁନିକ ଏମ୍‌କ୍ୟୁ- ୯ ରିପର ଡ୍ରୋନ ଇରାନର କ୍ଷେପଣାସ୍ତ୍ର ମାଡ଼ରେ କିମ୍ବା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନଷ୍ଟ ହୋଇଯାଇଛି । ବିମାନ ବ୍ୟତୀତ ଆମେରିକାର ଗୁରୁତ୍ୱପୂର୍ଣ୍ଣ ରାଡାର କେନ୍ଦ୍ରଗୁଡ଼ିକୁ ମଧ୍ୟ ଇରାନ ଟାର୍ଗେଟ କରିବାରେ ସଫଳ ହୋଇଛି । କାତାରରେ ୧.୧ ବିଲିୟନ ଡଲାର ମୂଲ୍ୟର ଦୂରଗାମୀ ଏଏନ୍/ଏଫ୍‌ପିଏସ୍-୧୩୨ ରାଡାର କ୍ଷତିଗ୍ରସ୍ତ ହୋଇଛି । ସେହିପରି ଜୋର୍ଡାନରେ ଥାଡ୍ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥାର ମୁଖ୍ୟ ସେନସର ଏଏନ୍/ଟିପିୱାଇ-୨ ରାଡାର ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇଛି । ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓ ସାଉଦି ଆରବରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ରାଡାର ସାଇଟ୍ ଉପରେ ଆକ୍ରମଣ ହୋଇଛି ।



## ଇରାନର ନୌସେନା ମୁଖ୍ୟ ଅଲିରେଜା ନିହତ: ଇସ୍ରାଏଲ



ତେହରାନ/ନୂଆଦିଲ୍ଲୀ, ୨୬ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଚତୁର୍ଥ ସପ୍ତାହରେ ପହଞ୍ଚିଥିବା ବେଳେ ଇରାନର ଶକ୍ତିଶାଳୀ ରିଭୋଲ୍ୟୁସନାରୀ ଗାର୍ଡ କୋର୍ପସ (ଆଇଆରଜିସି)ର ନୌସେନା ମୁଖ୍ୟ କମୋଡର ଅଲିରେଜା ତାଙ୍ଗସିରି ଇସ୍ରାଏଲ ଦ୍ୱାରା ହୋଇଥିବା ଏକ ଆକ୍ରମଣରେ ନିହତ ହୋଇଛନ୍ତି ବୋଲି ଇସ୍ରାଏଲର ଅଧିକାରୀ ଦାବି କରିଛନ୍ତି । ଇରାନର ଦକ୍ଷିଣ ଭାଗରେ ଥିବା ପ୍ରମୁଖ ବନ୍ଦର ସହର ଆବ୍ବାସରେ ଏହି ଆକ୍ରମଣ ହୋଇଥିଲା । ତାଙ୍ଗସିରି ହର୍ମୁଜ ପ୍ରଣାଳୀକୁ ବନ୍ଦ କରିବା ଏବଂ ପାରସ୍ୟ ଉପସାଗରରେ ଇରାନ ନୌସେନା କାର୍ଯ୍ୟକଳାପର ସମ୍ପୂର୍ଣ୍ଣ ଦାୟିତ୍ୱରେ ଥିଲେ । ତାଙ୍କ ମୃତ୍ୟୁ ଇରାନର ସାମରିକ ନେତୃତ୍ୱ ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଇଛି । ତେବେ ଏପର୍ଯ୍ୟନ୍ତ ଇରାନ ପକ୍ଷରୁ ଏହି ଖବରକୁ ନେଇ ଆନୁଷ୍ଠାନିକ ଭାବେ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ ।

କତାଙ୍ଗସିରି ଇରାନର ବୁଶେହର ସହରରେ ଜନ୍ମଗ୍ରହଣ କରିଥିଲେ । ୧୯୮୦ ଇରାନ- ଇରାକ ଯୁଦ୍ଧରେ ଟ୍ୟାଙ୍କର ଯୁଦ୍ଧରୁ ହିଁ ସେ ସାମରିକ କ୍ଷେତ୍ରରେ ସକ୍ରିୟ ରହିଆସିଥିଲେ । ୨୦୧୦ରୁ ୨୦୧୮ ମଧ୍ୟରେ ପର୍ଯ୍ୟନ୍ତ ଉପ-ମୁଖ୍ୟ ଭାବେ କାର୍ଯ୍ୟ କରିବା ପରେ ସେ ଆଇଆରଜିସି ନୌସେନାର ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ । ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଯୁଦ୍ଧରେ ଇରାନ ଏକାଧିକ ଶୀର୍ଷସ୍ତରର ନେତା ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ସେମାନଙ୍କ ମଧ୍ୟରେ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇ, ଇରାନର ସୁରକ୍ଷା ମୁଖ୍ୟ ଅଲି ଲାରିଜାନି, ରିଭୋଲ୍ୟୁସନାରୀ ଗାର୍ଡର ମୁଖପାତ୍ର ଅଲି ମହମ୍ମଦ ନାଇନି ସାମିଲ ଅଛନ୍ତି ।

## ହର୍ମୁଜ୍ ପରେ 'ବାବ୍ ଅଲ୍-ମାଣ୍ଡେବ' ବନ୍ଦ ପାଇଁ ଇରାନର ଧମକ

ନୂଆଦିଲ୍ଲୀ, ୨୬ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏବେ ଭୟଙ୍କର ରୂପ ନେଉଛି । ଇରାନ ଏବେ ହର୍ମୁଜ ପ୍ରଣାଳୀ ପରେ ବିଶ୍ୱର ଚତୁର୍ଥ ବୃହତ୍ତମ ଜଳପଥ 'ବାବ ଅଲ-ମାଣ୍ଡେବ'କୁ ବନ୍ଦ କରିବାକୁ ଧମକ ଦେଇଛି । ଇରାନ ଚେତାବନୀ ଦେଇଛି ଯେ ଯଦି ଆମେରିକା ଓ ଇସ୍ରାଏଲ ତା'ର ଦ୍ୱୀପଗୁଡ଼ିକ ବିଶେଷ କରି ଖାର୍ଗ ଦ୍ୱୀପ ଉପରେ ଆକ୍ରମଣ କରିନ୍ତି, ତେବେ ସେ 'ବାବ ଅଲ-ମାଣ୍ଡେବ' ପ୍ରଣାଳୀକୁ ସମ୍ପୂର୍ଣ୍ଣ ଅବରୋଧ କରିଦେବ । ଏହି ସଂକୀର୍ଣ୍ଣ ଜଳପଥ ଲୋହିତ ସାଗରକୁ ଆଡେନ ଉପସାଗର ସହ ଯୋଡ଼ିଥାଏ । ଏହା ଏସିଆ, ଆଫ୍ରିକା ଓ ୟୁରୋପ ମଧ୍ୟରେ ବାଣିଜ୍ୟର ମୁଖ୍ୟ ମାଧ୍ୟମ । ବିଶ୍ୱର ପ୍ରାୟ ୧୨ ପ୍ରତିଶତ ସାମୁଦ୍ରିକ ତୈଳ ଓ ବିପୁଳ ପରିମାଣର ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) ଏହି ପଥ ଦେଇ ଯାଇଥାଏ । ପ୍ରତିଦିନ ୮.୮ ମିଲିୟନ ବ୍ୟାରେଲ ତୈଳ ଏହି ପ୍ରଣାଳୀ ଦେଇ ପରିବହନ ହୋଇଥାଏ । ପ୍ରତିବର୍ଷ ଏହି ପଥ ଦେଇ ପ୍ରାୟ ୧ ଟ୍ରିଲିୟନ ଡଲାର ଅର୍ଥାତ ୯୪ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ପରିବହନ ହୋଇଥାଏ । ଏହି ପ୍ରଣାଳୀ ନିକଟରେ ହୁତି ବିଦ୍ରୋହୀମାନେ ସକ୍ରିୟ ଅଛନ୍ତି, ଯାହାଙ୍କୁ ଇରାନ ସମର୍ଥନ କରୁଛି । ଯଦି ଏହି ପଥ ବନ୍ଦ ହୁଏ, ତେବେ ଜାହାଜଗୁଡ଼ିକୁ 'କେପ୍ ଅଫ୍ ଗୁଡ଼ ହୋପ୍' ଦେଇ ବୁଲିକି ଯିବାକୁ ପଡ଼ିବ । ଏହା ଦ୍ୱାରା ଯାତ୍ରା ସମୟ ୨୦ରୁ ୪୦ ଦିନ ବଢ଼ିଯିବ ଏବଂ ଜିନିଷପତ୍ରର ଦାମ ଆକାଶଛୁଆଁ ହେବ । କେବଳ ସେତିକି ନୁହେଁ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି ।




## ମଧ୍ୟପ୍ରାଚ୍ୟ ଯୁଦ୍ଧରେ ସରି ଆସୁଛି ଆମେରିକୀୟ ଅସ୍ତ୍ରଶସ୍ତ୍ର

ୱାସିଂଟନ/ନୂଆଦିଲ୍ଲୀ, ୨୬ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ ଆମେରିକା ନିଜର ସାମରିକ ପ୍ରାଥମିକତାରେ ପରିବର୍ତ୍ତନ କରିବାକୁ ବାଧ ହୋଇଛି । ପ୍ରାୟ ମାସେ ଧରି ଚାଲିଥିବା ଯୁଦ୍ଧ ଯୋଗୁଁ ଆମେରିକାର ଅସ୍ତ୍ରଶସ୍ତ୍ର ସରିବାକୁ ବସିଲାଣି । ତେଣୁ ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ଏବେ ୟୁକ୍ରେନ ପାଇଁ ଉଦ୍ଦିଷ୍ଟ ଏୟାର ଡିଫେନ୍ସ ମିସାଇଲଗୁଡ଼ିକୁ ମଧ୍ୟପ୍ରାଚ୍ୟକୁ (ଇରାନ ସହିତ ଯୁଦ୍ଧ) ପଠାଇବା ପାଇଁ ବିଚାର କରୁଛି । ପୂର୍ବରୁ ୟୁକ୍ରେନ ପାଇଁ ନିର୍ଦ୍ଧାରିତ ହୋଇଥିବା ପାଟ୍ରିଅଟ୍ ଓ ଥାଡ୍ ଭଳି ଅତ୍ୟାଧୁନିକ କ୍ଷେପଣାସ୍ତ୍ରଗୁଡ଼ିକୁ ଏବେ ମଧ୍ୟପ୍ରାଚ୍ୟକୁ ପଠାଯିବାର ସମ୍ଭାବନା ସୃଷ୍ଟି ହୋଇଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି ଯେ, ଆମେରିକା ସମର୍ଥିତ ସେନା ମଧ୍ୟପ୍ରାଚ୍ୟରେ ମାତ୍ର ୩ ଦିନର ଯୁଦ୍ଧରେ ୮୦୦ରୁ ଅଧିକ ପାଟ୍ରିଅଟ ମିସାଇଲ ବ୍ୟବହାର କରିଛନ୍ତି, ଯାହାକି ୟୁକ୍ରେନକୁ ଗତ ୪ ବର୍ଷର ଯୁଦ୍ଧରେ ମିଳିଥିବା ମିସାଇଲ ସଂଖ୍ୟାଠାରୁ ଅଧିକ । ମିସାଇଲ ନିର୍ମାତା କମ୍ପାନୀ 'ଲକ୍‌ହିଡ୍ ମାର୍ଟିନ' ବର୍ଷକୁ ମାତ୍ର ୬୦୦ଟି ପିଏସି-୩ ମିସାଇଲ୍ ତିଆରି କରୁଛି, ଯାହାକି ବର୍ତ୍ତମାନର ଚାହିଦା ତୁଳନାରେ ନଗଣ୍ୟ । ଇରାନ ସହ ଚଳିତ ଯୁଦ୍ଧରେ ଆମେରିକା ଦୈନିକ ପ୍ରାୟ ୨ ବିଲିୟନ ଅର୍ଥାତ ୧୬ହଜାର ୭୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି । ତେଣୁ ଏହି ଯୁଦ୍ଧ ଆମେରିକା ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି ।

**ଇରାନ ଯୁଦ୍ଧରେ ଦୈନିକ ଖର୍ଚ୍ଚ ୨ ବିଲିୟନ ଡଲାର**

### ଟ୍ରମ୍ପଙ୍କ ବାଚାଳାମି

## ଇରାନର 'ସୁପ୍ରିମ ଲିଡର' ହେବାକୁ ପ୍ରସ୍ତାବ ମିଳିଥିଲା

ୱାସିଂଟନ, ୨୬ ।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଏକ ଅଜବ କଥା କହି ସମସ୍ତଙ୍କୁ ଚକିତ କରିଛନ୍ତି । ସେ କହିଛନ୍ତି ଯେ, ଇରାନ ନେତୃତ୍ୱ ତାଙ୍କୁ ସେହି ଦେଶର ପରବର୍ତ୍ତୀ 'ସୁପ୍ରିମ ଲିଡର' ଅର୍ଥାତ ସର୍ବୋଚ୍ଚ ନେତା ହେବା ପାଇଁ ପ୍ରସ୍ତାବ ଦେଇଥିଲେ, କିନ୍ତୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ଏକ ପାର୍ଟି ସଂଗ୍ରହ କାର୍ଯ୍ୟକ୍ରମରେ ଯୋଗ ଦେଇ ଟ୍ରମ୍ପ କହିଛନ୍ତି ଯେ 'ସେମାନେ ମୋତେ ପରବର୍ତ୍ତୀ ସୁପ୍ରିମ ଲିଡର କରିବାକୁ ଚାହୁଁଥିଲେ । କିନ୍ତୁ ମୁଁ କହିଲି- ନା ଧନ୍ୟବାଦ । ମୋତେ ସେ ଚାକିରି ଦରକାର ନାହିଁ ।' ଟ୍ରମ୍ପ ଦାବି କରିଛନ୍ତି ଯେ, ମଧ୍ୟପ୍ରାଚ୍ୟରେ ଆମେରିକା ଏକ ବଡ଼ ବିଜୟ ହାସଲ କରୁଛି ଏବଂ ଇରାନ ସାମରିକ ଶକ୍ତି ପ୍ରାୟ ଶେଷ ହୋଇସାରିଛି । ତାଙ୍କ ଅନୁଯାୟୀ, ଇରାନ ଯୁଦ୍ଧ ବନ୍ଦ କରିବା ପାଇଁ ବ୍ୟାକୁଳ ହୋଇପଡ଼ିଛି ଏବଂ ପଛଦ୍ୱାର ଦେଇ ଆଲୋଚନା ଜାରି ରଖିଛି ।

## ଆବୁଧାବିରେ କ୍ଷେପଣାସ୍ତ୍ର ମାଡ଼; ଭାରତ, ପାକିସ୍ତାନ ନାଗରିକ ମୃତ

ଆବୁଧାବି, ୨୬ ।୩(ଏଜେନ୍ସି): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରାଜଧାନୀ ଆବୁଧାବିରେ ଇରାନ ପୁଣି ଆକ୍ରମଣ କରିଛି । ୟୁଏଇ ବାୟୁସେନା ଦ୍ୱାରା ଇରାନର ବାଲିଷ୍ଟିକ କ୍ଷେପଣାସ୍ତ୍ରକୁ ଆକାଶରେ ହିଁ ନଷ୍ଟ କରିଦିଆଯାଇଥିଲା । କିନ୍ତୁ ସେହି କ୍ଷେପଣାସ୍ତ୍ରର ଭଙ୍ଗା ଅଂଶ ତଳେ ପଡ଼ିବା ଯୋଗୁଁ ଜଣେ ଭାରତୀୟ ଓ ଜଣେ ପାକିସ୍ତାନୀ ନାଗରିକ ମୃତ୍ୟୁବରଣ କରିଛନ୍ତି । ଏହାବ୍ୟତୀତ ଜଣେ ଭାରତୀୟ, ଜଣେ ଜୋର୍ଡାନୀୟ ଏବଂ ଜଣେ ସ୍ଥାନୀୟ ଏମିରେଟ୍ସ ନାଗରିକ ଏଥିରେ ଆହତ ହୋଇଛନ୍ତି । ଇରାନ ପକ୍ଷରୁ ନିକ୍ଷେପ କରାଯାଇଥିବା ବାଲିଷ୍ଟିକ କ୍ଷେପଣାସ୍ତ୍ରକୁ ୟୁଏଇର ପ୍ରତିରକ୍ଷା ପ୍ରଣାଳୀ ସଫଳତାର ସହ ଅଟକାଇଥିଲା । କିନ୍ତୁ ମିସାଇଲର ଧ୍ୱଂସାବଶେଷ ଜନବସତି ଅଞ୍ଚଳରେ ପଡ଼ିବାରୁ ବି ।।ସ୍ଫୋରଣ ଘଟିଥିଲା । ୟୁଏଇ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ସେମାନଙ୍କ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଅତ୍ୟନ୍ତ ସକ୍ରିୟ ଅଛି ଏବଂ କୌଣସି ଆକ୍ରମଣର ମୁକାବିଲା କରିବାକୁ ସେମାନେ ପ୍ରସ୍ତୁତ । ସେଠାରେ ରହୁଥିବା ପ୍ରବାସୀଙ୍କୁ କୌଣସି ଗୁଜବରେ ବିଶ୍ୱାସ ନକରି କେବଳ ସରକାରୀ ସୂଚନା ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି ।

## ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଅଧାବାଟରୁ ଦିଲ୍ଲୀ ଫେରିଲା

ନୂଆଦିଲ୍ଲୀ, ୨୬ ।୩(ଏଜେନ୍ସି): ଲଣ୍ଡନ ଯାତ୍ରା କରୁଥିବା ଏୟାର ଇଣ୍ଡିଆର ଏକ ବିମାନ ଏଆଇ-୧୧୧ ଗୁରୁବାର ବୈଷୟିକ ତ୍ରୁଟି ଯୋଗୁଁ ସାଉଦି ଆରବ ଆକାଶରୁ ପଛକୁ ପଛକୁ ଫେରି ପୁଣି ଦିଲ୍ଲୀରେ ଅବତରଣ କରିଛି । ପ୍ରାୟ ୭ ଘଣ୍ଟା କାଳ ଆକାଶରେ ରହିବା ପରେ ବିମାନଟି ସୁରକ୍ଷିତ ଭାବେ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଫେରିଆସିଛି । ଏହି ଏ୩୫୦ ବିମାନଟି ଗୁରୁବାର ସକାଳ ୬.୧୩ରେ ଦିଲ୍ଲୀରୁ ଉଡ଼ାଣ ଭରିଥିଲା । ପ୍ରାୟ ୩୩୦୦ କିଲୋମିଟର ଯାତ୍ରା କରି ସାଉଦି ଆରବ ଉପରେ ଥିବା ବେଳେ ଏହା ପଛକୁ ଫେରିଥିଲା ଏବଂ ଅପରାହ୍ଣ ୧.୨୦ରେ ଦିଲ୍ଲୀରେ ଅବତରଣ କରିଥିଲା । ସୂତ୍ର ଅନୁସାରେ ବିମାନ ଭିତରେ କିଛି ଅସ୍ୱାଭାବିକ୍ ଶବ୍ଦ ଶୁଣାଯିବା ପରେ ଏହାକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏୟାର ଇଣ୍ଡିଆ ତରଫରୁ ଏହାକୁ ଏକ ସନ୍ଦେହଜନକ ବୈଷୟିକ ସମସ୍ୟା ବୋଲି କୁହାଯାଇଛି । ଏହି ସମାନ ବିମାନଟି ଗତ ମାର୍ଚ୍ଚ ୧୫ରେ ନ୍ୟୁୟର୍କ ଯାଉଥିବା ବେଳେ ବୈଷୟିକ ତ୍ରୁଟି ଯୋଗୁଁ ଆୟରଲ୍ୟାଣ୍ଡର ଶାନନକୁ ଡାଇଭର୍ଟ କରାଯାଇଥିଲା । ଗତ ଏକ ସପ୍ତାହ ମଧ୍ୟରେ ଏହା ଦ୍ୱିତୀୟଥର ପାଇଁ ଘଟିଛି ଯେଉଁଠି ଏୟାର ଇଣ୍ଡିଆ ବିମାନ ଅଧାବାଟରୁ ଫେରିଛି । ଏହାପୂର୍ବରୁ ଭାଙ୍କୁଭର ଅଭିମୁଖେ ଯାଉଥିବା ଏକ ବିମାନ ଚୀନ୍ ଆକାଶରୁ ଦିଲ୍ଲୀ ଫେରିଆସିଥିଲା ।

## ଆମେରିକାରେ କାର୍ବନ ନିର୍ଗମନ; ବିଶ୍ୱରେ ୧୦ ଟ୍ରିଲିୟନ ଡଲାର କ୍ଷତି

ୱାସିଂଟନ/ନୂଆଦିଲ୍ଲୀ, ୨୬ ।୩(ଏଜେନ୍ସି): ଆମେରିକାରେ ହେଉଥିବା ଅତ୍ୟଧିକ କାର୍ବନ ନିର୍ଗମନ ଯୋଗୁଁ ୧୯୯୦ ପରଠାରୁ ବିଶ୍ୱ ଅର୍ଥନୀତିକୁ ପ୍ରାୟ ୧୦ ଟ୍ରିଲିୟନ ଡଲାରର କ୍ଷତି ସହିବାକୁ ପଡ଼ିଛି । ପ୍ରତିଷ୍ଠିତ ଜର୍ଣ୍ଣାଲ 'ନେଚର'ରେ ପ୍ରକାଶିତ ଏକ ଗବେଷଣାରେ ଏ ନେଇ ତଥ୍ୟ ପ୍ରକାଶିତ ହୋଇଛି । ଏହି କ୍ଷତିର ସବୁଠାରୁ ବଡ଼ ପ୍ରଭାବ ଗରିବ ଓ ବିକାଶଶୀଳ ଦେଶଗୁଡ଼ିକ ଉପରେ ପଡ଼ିଛି । ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ମାର୍ଶଲ ବର୍କଙ୍କ ନେତୃତ୍ୱରେ ହୋଇଥିବା ଅଧ୍ୟୟନ ଅନୁଯାୟୀ, ଗ୍ଲୋବାଲ ୱାର୍ମିଂ ପାଇଁ ଆମେରିକା ହେଉଛି ବିଶ୍ୱର ସବୁଠାରୁ ବଡ଼ ଆର୍ଥିକ କ୍ଷତିକାରକ ଦେଶ । ଆମେରିକାର ପ୍ରଦୂଷଣ ଯୋଗୁଁ ଭାରତକୁ ପ୍ରାୟ ୫୦୦ ବିଲିୟନ ଡଲାରର କ୍ଷତି ସହିବାକୁ ପଡ଼ିଛି । ଅର୍ଥାତ ଭାରତ ହିଁ ସବୁଠାରୁ କ୍ଷତି ସହିଛି । ସେହିପରି ବ୍ରାଜିଲ ପ୍ରାୟ ୩୩୦ ବିଲିୟନ ଡଲାର କ୍ଷତି ସହିଛି । ଆମେରିକା ପରେ ଚୀନ୍ ଦ୍ୱିତୀୟ ସ୍ଥାନରେ ରହିଛି, ଯାହାର କାର୍ବନ ନିର୍ଗମନ ଯୋଗୁଁ ବିଶ୍ୱରେ ପ୍ରାୟ ୨ ଟ୍ରିଲିୟନ ଡଲାର କ୍ଷତି ହୋଇଛି । ଅତ୍ୟଧିକ ତାପମାତ୍ରା ଯୋଗୁଁ ଶ୍ରମିକମାନଙ୍କ କାର୍ଯ୍ୟଦକ୍ଷତା ଓ କୃଷି ଉତ୍ପାଦନ ହ୍ରାସ ପାଉଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ନୂଆ ନୂଆ ରୋଗ ବ୍ୟାପିବା ଏବଂ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଚାପ ବଢ଼ିବା ଦ୍ୱାରା ଅର୍ଥନୀତି ପ୍ରଭାବିତ ହେଉଛି ।

**ପ୍ରଭାବିତ ଦେଶ ତାଲିକାରେ ଭାରତ ଆଗରେ**

## ପଶ୍ଚିମବଙ୍ଗ ଏସ୍‌ଆଇଆର୍: କାଟିଦେଲେ ଆଉ ୧୩ ଲକ୍ଷ ନାମ

କୋଲକାତା, ୨୬ ।୩(ଏଜେନ୍ସି): ପଶ୍ଚିମବଙ୍ଗରେ ଜାରି ରହିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାର ପ୍ରଥମ ସପ୍ଲିମେଣ୍ଟାରୀ ତାଲିକା ପ୍ରକାଶିତ ହୋଇଛି । ଏହି ତାଲିକାରେ ପ୍ରାୟ ୧୩ ଲକ୍ଷ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି । ଏହାକୁ ମିଶାଇ ରାଜ୍ୟରେ ଏପର୍ଯ୍ୟନ୍ତ ସମୁଦାୟ ୭୬ ଲକ୍ଷ ନାମ ଭୋଟର ତାଲିକାରୁ କଟାଯାଇସାରିଲାଣି । ଭୋଟରଙ୍କ କାଗଜପତ୍ର କିମ୍ବା ଯୋଗ୍ୟତା ଉପରେ ସନ୍ଦେହ ଥିବା 'ଅଣ୍ଡର ଆଡଜୁଡିକେଶନ' ବର୍ଗରେ ଥିବା ୬୦ ଲକ୍ଷ ନାମ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ନାମକୁ ବାଦ୍ ଦିଆଯାଇଛି । ଏଥି ।।ରେ ଗୋଟିଏ ବୁଥରେ ୩୪୦ ଜଣଙ୍କ ନାମ କଟାଯାଇଛି । ପ୍ରାୟ ୨୮ ଲକ୍ଷ ନାମ ଏବେ ମଧ୍ୟ ବିଚାରାଧୀନ ରହିଛି । ମାମଲାର ଶୁଣାଣି ପାଇଁ ରାଜ୍ୟରେ ୭୦୫ ବିଚାର ବିଭାଗୀୟ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ଏଣିକି ପ୍ରତି ଶୁକ୍ରବାର ଦିନ ଏକ ନୂତନ ସପ୍ଲିମେଣ୍ଟାରୀ ତାଲିକା ପ୍ରକାଶ ପାଇବ । ଫେବୃଆରୀ ୨୮ରେ ପ୍ରକାଶିତ ତାଲିକାରେ ଏହି ସଂଖ୍ୟା ଆହୁରି ହ୍ରାସ ପାଇ ପ୍ରାୟ ୭.୦୪ କୋଟିରେ ପହଞ୍ଚିଥିଲା । ପଶ୍ଚିମବଙ୍ଗରେ ୨୯୪ଟି ବିଧାନସଭା ଆସନ ପାଇଁ ୩ଟି ପର୍ଯ୍ୟାୟରେ ଏପ୍ରିଲ ୨୩, ୨୯ ଓ ମେ ୪ରେ ନିର୍ବାଚନ ହେବାକୁ ଯାଉଛି ।


**ବଡ଼ଦାଣ୍ଡରେ ଗଢ଼ୁଛି ଗରିବୀପଣିଆ**

# କୋଳରେ ପିଲାକୁ ଧରି ହାତ ପାତୁଛି 'ସୁଭଦ୍ରା'

ପୁରୀ, ୨୬।୩ (ସମିସ): ଗରିବ, ନିଃସହାୟଙ୍କ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ସମସ୍ତଙ୍କ ମୁଣ୍ଡକୁ ଛାତ, ପେଟକୁ ଭାତ ଯୋଗାଇ ଦେଉଛନ୍ତି। ଦେଢ଼ବର୍ଷ ଭିତରେ 'ସୁଭଦ୍ରା' ଯୋଜନାରେ ଓଡ଼ିଶାର ଅନେକ ମହିଳା ଲକ୍ଷପତି ଆଉ ମହାଲକ୍ଷପତି ହେଲେଣି। ବିଭିନ୍ନ ସଭା ସମିତିରେ ଏମିତି ଗଳା ଫଟାଇ ଚିତ୍କାର କରୁଛନ୍ତି ନେତା, ମନ୍ତ୍ରୀ। ଅଧିକାରୀମାନେ ମଧ ଏଥିରେ ମୁଣ୍ଡ ଟୁଙ୍ଗାରୁଛନ୍ତି। ହେଲେ ବାସ୍ତବତା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ଏବେ ବି ବହୁ ଲୋକ ଅଛନ୍ତି ଯିଏ ଦିହକୁ କନା, ପେଟକୁ ଦାନା ମୁଠାଏ ପାଇଁ ଅହରହ ସଂଘର୍ଷ କରୁଛନ୍ତି। ଆଉ ଏହି ସଂଘର୍ଷ ଏତେ ଲମ୍ବା ଯେ ଅନେକେ ନିଜ ଭିଟାମାଟିଠାରୁ ଦୂରେଇ ଯିବାକୁ ବାଧ ହେଉଛନ୍ତି, ଯାହାର ଏକ ନିଛକ ଚିତ୍ର ଦେଖିବାକୁ ମିଳିଛି ଶ୍ରୀମନ୍ଦିର ନିକଟରେ।

ଗୁରୁବାର ବଡ଼ଦାଣ୍ଡରେ ମୁଣ୍ଡ ଗଡ଼ାଉଥିବା ଜଣେ ମହିଳାର ଗରିବୀପଣିଆ ହିଁ ଏହା ସ୍ପଷ୍ଟ କରୁଥିଲା। ଚଇତି ଖରାରେ ନିଜର ନିଷ୍ପାପ ଶିଶୁକୁ କୋଳରେ ଧରି ହାତ ପାତୁଥିଲା ଜଣେ 'ସୁଭଦ୍ରା' ମା'। ସୁଦୂର ମୟୂରଭଞ୍ଜରୁ ଆସି ପୁରୀରେ ଭିକ୍ଷାବୃତ୍ତି କରୁଥିବା ଏହି ମହିଳା ହେଉଛନ୍ତି ବିଳାସିନୀ। ଯଦିଓ ପିଲା ପାଇଁ ଅନ୍ୟକୁ ହାତ ପତାଉଥିଲେ କିନ୍ତୁ ସେ ଥିଲେ ବେଶ୍ ସ୍ୱାଭିମାନୀ। କାରଣ ତାଙ୍କ ସମ୍ପୂର୍ଣ୍ଣ ପରିଚୟ ଦେବାକୁ ସେ ରାଜି ହୋଇ ନ ଥିଲେ। ଇଚ୍ଛା ହେଲେ କେହି ଟଙ୍କିଏ, ଦୁଇଟଙ୍କା ତାଙ୍କ ଗାମୁଛା ଉପରେ ପକାଇ ଆଗକୁ ଚାଲିଯାଉଥିଲେ। ହେଲେ ଦୁଃଖିନୀ ମା'ର ମୁହଁକୁ ଚାହିଁ ରହିଥିଲା ପିଲାଟି। ଏହି ଦୃଶ୍ୟ ଅନେକଙ୍କୁ ବ୍ୟଥିତ କରିଥିଲା।

ଏଠାରେ ପ୍ରଶ୍ନ ଉଠୁଛି, କୁଆଡ଼େ ଗଲା ନୀଳାଦ୍ରି ନିଳୟ ଯୋଜନା? ଏକଦା ପୁରୀ ସହରକୁ ଭିକାରୀମୁକ୍ତ କରିବା ଲାଗି ଏହି ଯୋଜନା ପରିକଳ୍ପନା କରାଯାଇଥିଲା। ସହରରେ ଥିବା ସମସ୍ତ ଭିକାରୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ପୂର୍ବ ସରକାର ସମୟରେ ଜିଲ୍ଲା ପ୍ରଶାସନ ଏହି ଯୋଜନା ଆରମ୍ଭ କରିଥିଲା। ରାଜ୍ୟର ପ୍ରଥମ ସହର ଭାବେ ୨୦୨୦ ମାର୍ଚ୍ଚରେ ପୁରୀରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ବଡ଼ଦାଣ୍ଡ ହେଉ କିମ୍ବା ପାଖଆଖ ଅଞ୍ଚଳରେ ଭିକ୍ଷୁକମାନଙ୍କୁ ନୀଳାଦ୍ରି ନିଳୟ ଯୋଜନାରେ ଥଇଥାନ କରିବା ଥିଲା ଏହାର ମୂଳ ଉଦ୍ଦେଶ୍ୟ। ଏକାଧିକ ସ୍ଥାନରେ ଏଥିପାଇଁ ଆଶ୍ରୟସ୍ଥଳ ନିର୍ମାଣ କରାଯାଇ ଭିକ୍ଷୁକମାନଙ୍କୁ ନିଆଯାଇ ସେଠାରେ ରଖାଯାଉଥିଲା। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ରହିଥିଲେ। ସେମାନେ ସହରସାରା ବୁଲି ଭିକ୍ଷାବୃତ୍ତି କରୁଥିବା



ଲୋକଙ୍କୁ ଆଣି ଆଶ୍ରୟସ୍ଥଳରେ ପହଞ୍ଚାଉଥିଲେ। ସେମାନଙ୍କୁ ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦିଆଯାଉଥିଲା। ଯୋଗ, ପ୍ରାଣାୟମ ସହ ସକାଳେ ଜଳଖିଆ, ମଧ୍ୟାହ୍ନ ଭୋଜନ, ରାତ୍ର ଭୋଜନ ମଧ ପ୍ରଦାନ କରାଯାଉଥିଲା। ଏପରିକି, ସେମାନେ ଯେପରି ଭିକ୍ଷାବୃତ୍ତି ଛାଡ଼ି ସମ୍ମାନର ସହ ସମାଜରେ ଯେପରି ବଞ୍ଚିପାରିବେ, ସେଥିଲାଗି ପ୍ରଶାସନ ପକ୍ଷରୁ ଧୂପକାଠି, ଝାଡ଼ୁ, ସିଏଫ୍ଏଲ୍ ବଲ୍‌ବ ତିଆରି ସହ ବିଭିନ୍ନ ପ୍ରକାର ଚିତ୍ରକଳା ପ୍ରସ୍ତୁତ କରିବାର ତାଲିମ ଦିଆଯାଉଥିଲା।

ତାଲିମପ୍ରାପ୍ତ ମହିଳା ଓ ପୁରୁଷମାନେ ଜୀବିକା ପାଇଁ ଏଭଳି ନାନା ପ୍ରକାରର ସାମଗ୍ରୀ ତିଆରି କରି ଅର୍ଥ ଉପାର୍ଜନ କରୁଥିଲେ। ଏପରିକି, ପରବର୍ତ୍ତୀ ସମୟରେ ଯେଉଁମାନ ଇଚ୍ଛା କରୁଥିଲେ, ସେମାନଙ୍କୁ ସଠିକ୍ ଭାବେ କାଉନ୍‌ସେଲିଂ କରି ପରିବାରଲୋକଙ୍କ ଜିମା ଦିଆଯାଉଥିଲା। ହେଲେ ଏହି ଯୋଜନା ଏବେ ଏକପ୍ରକାର ବାଟବଣା ହୋଇଯାଇଛି। ପୁରୀ ସହର, ଏପରିକି ବଡ଼ଦାଣ୍ଡ ଏବଂ ଶ୍ରୀମନ୍ଦିର ନିକଟରେ ଭିକ୍ଷାବୃତ୍ତି କରୁଥିବା ଲୋକଙ୍କୁ ଦେଖିବାକୁ ମିଳୁଛି। ବିଳାସିନୀଙ୍କ ଭଳି ଗରିବ ଅସହାୟ ମହିଳାଙ୍କ ପାଇଁ କ'ଣ ସରକାରୀ ଯୋଜନା ନାହିଁ? ସେ କ'ଣ 'ସୁଭଦ୍ରା'ର ଜଣେ ହିତାଧିକାରୀ ନୁହଁନ୍ତି? ଏଭଳି ପ୍ରଶ୍ନ ସମସ୍ତଙ୍କ ଉଙ୍କି ମାରୁଥିବା ବେଳେ ତାଙ୍କ କୋଳରେ ଥିବା ନିଷ୍ପାପ ଶିଶୁଟିର ଭବିଷ୍ୟତ କ'ଣ ହେବ, ତାହା ସମସ୍ତ ଦେଖଣାହାରୀଙ୍କୁ ବିଚଳିତ କରିଛି।

# ୧ ପର୍ଯ୍ୟନ୍ତ କମିବନି କାଳବୈଶାଖୀ

ଭୁବନେଶ୍ୱର,୨୬।୩(ସମିସ): ଟ୍ରଫଲାଇନ୍ ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ଜାରି ରହିଛି। କ୍ରମାଗତ ୩ ଦିନ ହେବ ଏହି ସ୍ଥିତି ଲାଗି ରହିଥିବାରୁ ବ୍ୟାପକ ସ୍ଥାନରେ ବର୍ଷା ପବନ ଜନିତ କ୍ଷୟକ୍ଷତି ଘଟୁଛି। ଦିନବେଳା ପ୍ରବଳ ଖରା ହେଉଥିଲେ ମଧ ଅପରାହ୍ଣ ପରେ ପାଗରେ ପରିବର୍ତ୍ତନ ଆସୁଛି ଓ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ଅନୁଭୂତ ହେଉଛି। ଗତ ଦୁଇ ଦିନ ହେବ ଉତ୍ତର ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିବା ବେଳେ ଗୁରୁବାର ଭୁବନେଶ୍ୱର ସମେତ କଟକ ଓ ଅନ୍ୟ କେତେକ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ଅନୁଭୂତ ହୋଇଛି। ଏହି ସମୟରେ ସ୍ଥାନେ ସ୍ଥାନେ କୁଆପଥର ମାଡ଼ ନେଇ ମଧ ସୂଚନା ମିଳିଛି।

ଗୁରୁବାର ଦିନ ବେଳା ପାଗ ସ୍ୱାଭାବିକ ରହିଥିଲା। ଅପରାହ୍ଣ ୪ ଟା ପରେ ରାଜଧାନୀ ଭୁବନେଶ୍ୱରରେ ହଠାତ ପାଗ ବଦଳିଥିଲା। ଆକାଶରେ ମେଘ ଘୋଟି ଆସିଥିଲା। ପ୍ରାୟ ୪ଟା ୪୫ ବେଳକୁ ପବନ ବହିବା ଆରମ୍ଭ ହେବା ସହ ଅଧଘଣ୍ଟା ଧରି ପବନ ବହିବା ସହ ଆକାଶରେ ବିଜୁଳି ଚମକୁଥିଲା। ବର୍ଷା ସମୟରେ ପବନର ବେଗ ମଧ ପ୍ରାୟ ୪୦-୫୦ କିମି ପର୍ଯ୍ୟନ୍ତ ପହଞ୍ଚିଥିଲା। କଟକରେ ମଧ ଅପରାହ୍ଣରେ କୁଆପଥର ମାଡ଼ ସହ ବର୍ଷା ପବନ ହୋଇଥିବା ସୂଚନା ମିଳିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏଭଳି ସ୍ଥିତି ପ୍ରାୟ ୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଦିନ ବେଳା ଯେଉଁଦିନ ଅଧିକ ଗରମ ଗୁଳୁଗୁଳି ହେବ, ସେହିଦିନ କାଳବୈଶାଖୀର ଆଶଙ୍କା ଅଧିକ ରହିବ। ସାଧାରଣତଃ ମାର୍ଚ୍ଚ ଶେଷ ସପ୍ତାହରୁ ରାଜ୍ୟରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥାଏ। ଉପକୂଳ ସମେତ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର କେତେକ ଜିଲ୍ଲାରେ କାଳବୈଶାଖୀ ସ୍ଥିତି ସୃଷ୍ଟି ହୁଏ। ଏହି ସମୟରେ ପବନ ଯୋଗୁଁ ଗଛ ଭାଙ୍ଗିବା ଓ ବିଜୁଳି, ଘଡ଼ଘଡ଼ିର ଆଶଙ୍କା ରହୁଥିବାରୁ ସତର୍କତା ଅବଲମ୍ବନ ପାଇଁ ପାଣିପାଗ କେନ୍ଦ୍ର ଓ ଏସାଆରସିଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଗୁରୁବାର ୩୮.୮ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ଟିଟିଲାଗଡ଼ ୩୮.୫, ସମ୍ବଲପୁର ୩୮.୪, ଭବାନୀପାଟଣାରେ ତାପମାତ୍ରା ୩୮.୨ ଡିଗ୍ରୀ ରେକର୍ଡ ହୋଇଛି। କାଳବୈଶାଖୀ ଜନିତ ସ୍ଥିତି ପାଇଁ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ଆଲର୍ଟ ଜାରି କରାଯାଇଥିବାରୁ ଏହି ସମୟରେ ସତର୍କତା ଅବଲମ୍ବନ କରିବାକୁ ଜିଲ୍ଲା ପ୍ରଶାସନକୁ ଏସ୍ଆରସିଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ଦେଇଛି। ପାଗକୁ ଦେଖି ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିବା ବେଳେ ଯଦି କାଳବୈଶାଖୀ ପ୍ରଭାବରେ କୌଣସି ସ୍ଥାନରେ କ୍ଷୟକ୍ଷତି ହୁଏ ତେବେ ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି।

**ନିଶା ଉଜାଡ଼ିଲା ପରିବାର**

# ସଜନା ଛୁଇଁ ବିକ୍ରି ଟଙ୍କା ନ ଦେବାରୁ ବାପାକୁ ପିଟିପିଟି ହତ୍ୟା





ମୋରଡ଼ା, ୨୬।୩ (ସମିସ): ନିଶା ପୁଣି ଏକ ପରିବାର ଉଜାଡ଼ିଛି। ସଜନା ଛୁଇଁ ବିକ୍ରି ବାବଦ ମାତ୍ର ୪୦୦ ଟଙ୍କା ନ ଦେବାରୁ ବାପାକୁ ଲୁହା ନଳୀ ଓ ବାଉଁଶରେ ପିଟିପିଟି ମାରିଦେଲା ନିଶାସକ୍ତ ପୁଅ। ମୋରଡ଼ା ଥାନା ଅଧୀନ ହଳଦୀପାଳ ପଞ୍ଚାୟତ ଲଦଡ଼ିହି ଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ଗୋବିନ୍ଦ ମାରାଣ୍ଡି। ପୁଲିସ ଗୋବିନ୍ଦଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଏହି ଘଟଣାରେ ଅଭିଯୁକ୍ତ ପୁଅ ମଧୁ ମାରାଣ୍ଡିକୁ ଗିରଫ କରିଛି। ଗୋବିନ୍ଦଙ୍କ ଝିଅଙ୍କ କହିବା ମୁତାବକ, ପ୍ରତିଦିନ ମଧୁ ନିଶା ଖାଇ ପରିବାରଲୋକଙ୍କ ସହ ଝଗଡ଼ା କରିଥାଏ। ନିଶା ପାଇଁ ଟଙ୍କା ନ ଦେଲେ ଘରଲୋକଙ୍କୁ ନିର୍ମମ ଭାବେ ମାରପିଟ୍ କରିଥାଏ। ବୁଧବାର ଦିନ ଗୋବିନ୍ଦ ବାଡ଼ିରେ ହୋଇଥିବା କିଛି ସଜନା ଛୁଇଁ ବିକ୍ରି କରିଥିବା ୪୦୦ଟଙ୍କା ଆଣିଥିଲେ। ଏ ବାବଦରେ ମଧୁ ଜାଣିବା ପରେ ତାଙ୍କୁ ଟଙ୍କା ମାଗିଥିଲା। କିନ୍ତୁ ଗୋବିନ୍ଦ ମନା କରିବାରୁ ନିଶାସକ୍ତ ମଧୁ ପାଖରେ ପଡ଼ିଥିବା ବାଉଁଶ କାଠ ଓ ଲୁହା ନଳୀରେ ପିଟିପିଟି ଗୋବିନ୍ଦଙ୍କୁ ହତ୍ୟା କରିଥିଲା। ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ଆସାମୀ ମଧୁକୁ ଗିରଫ କରିଥିଲେ।

# ବାପାକୁ ହତ୍ୟା; ଜେଲ୍ ଗଲେ ୩ ପୁଅ



ମହୁଲଡିହା, ୨୬।୩ (ସମିସ): ସାଲେଇବେଡ଼ା ପଞ୍ଚାୟତ କାଶୀବେଡ଼ା ଗ୍ରାମରେ ବାପାକୁ ପିଟିପିଟି ହତ୍ୟା ଘଟଣାରେ ଅଭିଯୁକ୍ତ ୩ପୁଅଙ୍କୁ କୋର୍ଟଚାଲାଣ କରିଛି ଠାକୁରମୁଣ୍ଡା ଥାନା ପୁଲିସ। ସେମାନେ ହେଲେ, ତୁରାମ ଗାଗରାଇ (୨୮), ଈଶ୍ୱର ଗାଗରାଇ (୨୪) ଓ ପର୍ଶୁରାମ ଗାଗରାଇ (୨୧)। ଏନେଇ ଥାନାରେ ନମ୍ବର ୩୫/୨୬ରେ ଏକ ମାମଲା ରୁଜୁ ହୋଇଛି। ଗ୍ରାମର ସୁଲେ ଗାଗରାଇ ସବୁବେଳେ ନିଶା ଖାଇ ପରିବାରଲୋକଙ୍କ ସହ ଝଗଡ଼ା, ମାରପିଟ୍ କରୁଥିଲେ। ଗତ ୨୩ ତାରିଖରେ ସୁଲେ ନିଶାସକ୍ତ ଅବସ୍ଥାରେ ନିଜ ସ୍ତ୍ରୀଙ୍କୁ ମାଡ଼ ମାରି ରକ୍ତାକ୍ତ କରିଦେଇଥିଲେ। ମା' ପ୍ରତି ଏ ଅତ୍ୟାଚାର ଦେଖି ଘରେ ଥିବା ୩ ପୁଅଙ୍କ ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ସେମାନେ ବାପା ସୁଲେଙ୍କୁ ଏକ ଠେଙ୍ଗାରେ ନିସ୍ତୁକ ପିଟିଥିଲେ। ପରେ ସେମାନେ ଗୁରୁତର ସୁଲେଙ୍କୁ ଠାକୁରମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଅଭିଯୁକ୍ତମାନେ ମଧ ଥାନାରେ ଆତ୍ମସମର୍ପଣ କରିଥିଲେ। ଆଜି ପୁଲିସ ସେମାନଙ୍କୁ କୋର୍ଟଚାଲାଣ କରିଛି। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ କରଞ୍ଜିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

**ଅଷ୍ଟମ ଦିନରେ ବି ବିଧାନସଭା ଅଚଳ**

# ଏସସିବି ଅଗ୍ନିକାଣ୍ଡ ମୃତକଙ୍କୁ ବିରୋଧୀଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୬।୩(ସମିସ): ଗତ ୧୬ ତାରିଖରେ ଏସସିବି ଅଗ୍ନିକାଣ୍ଡ ଘଟଣାରେ ୧୩ ଜଣଙ୍କ ଜୀବନ ଯାଇଥିବା ବେଳେ ଗୁରୁବାର ଏନେଇ ଭିନ୍ନ ଢଙ୍ଗରେ ପ୍ରତିବାଦ କରିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। କ୍ରମାଗତ ଅଷ୍ଟମ ଦିନ ଗୃହ ଅଚଳ କରିବା ପରେ ବିରୋଧୀ ସଦସ୍ୟ ବିଧାନସଭା ପରିସରରେ ଏସ୍‌ସିବି ମୃତକମାନଙ୍କୁ ଏକାଦଶାହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏସ୍‌ସିବି ନିଆଁରେ ୧୩ ଜଣଙ୍କ ମୃତ୍ୟୁ ଘଟଣାକୁ ୧୧ ଦିନ ବିତିଥିବା ବେଳେ ଏଯାବତ୍ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଲେ ନାହିଁ, ଏସସିବି ଅଧିକ୍ଷକଙ୍କୁ ଗିରଫ କରାଗଲା ନାହିଁ। ରୋଗୀମାନଙ୍କ ମୃତ୍ୟୁ ସ୍ୱାଭାବିକ ନୁହେଁ, ନିଆଁରେ ସେମାନଙ୍କୁ ପୋଡ଼ି ହତ୍ୟା କରାଯାଇଛି । ତେଣୁ ଏସସିବି ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଗଲେ ଆଗାମୀ ଦିନରେ ରାଜ୍ୟର ଅନ୍ୟ ହସ୍ପିଟାଲରେ ଏପରି ଅଘଟଣ ଘଟିପାରେ। ତେଣୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବରଖାସ୍ତ ନ କରିବା ଯାଏଁ ପ୍ରତିବାଦ ଜାରି ରହିବ ବୋଲି ବିରୋଧୀ କହିଛନ୍ତି। ଅନ୍ୟପକ୍ଷରେ ଅଚଳାବସ୍ଥା ମଧ୍ୟରେ ଗୃହରେ ଶୂନ୍ୟକାଳ ଚାଲିଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିରୋଧୀଙ୍କୁ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିବାକୁ କରିଥିବା ଆହ୍ୱାନକୁ ବିରୋଧୀ ପ୍ରତ୍ୟାଖ୍ୟାନ କରିଛନ୍ତି ।

ଗୁରୁବାର ବିରୋଧୀ ଦଳ ବିଜେଡି, କଂଗ୍ରେସ ଓ ସିପିଆଇଏମ୍ ସଦସ୍ୟ ମାନେ ପ୍ରଶ୍ନକାଳ ଆରମ୍ଭରୁ ହଟ୍ଟଗୋଳ କରିଥିଲେ। ହାତରେ ପୋଷ୍ଟର ଧରି ଗୃହର ମଧ ଭାଗରେ ଜୋରଦାର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବିଜେପି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀଙ୍କ ବଦଳରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ରଖୁଥିଲେ। ଗୃହର ଅସ୍ୱାଭାବିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଚସ୍ପତି ଗୃହକୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଗୃହ ମୁଲତବୀ ହେବ ପରେ ବିରୋଧୀ ସଦସ୍ୟମାନେ ବିଧାନସଭା ପରିସରରେ ଏସସିବି ଅଗ୍ନିକାଣ୍ଡ ଘଟଣାରେ ମୃତ୧୩ ଜଣଙ୍କ ନାମ ଲେଖି ସେମାନଙ୍କୁ ପ୍ରତୀକାତ୍ମକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜଣେ ପରେ ଜଣେ ବିଧାୟକ ଫୁଲ ଦେଇ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଥିବାର ଦେଖିବାକୁ ମିଳିଥିଲା। ବିଧାନସଭାରେ ମଧ ବିରୋଧୀ ସରକାରଙ୍କୁ ଏହି ପ୍ରସଙ୍ଗରେ ପୁଣି ଘେରିଥିଲେ। ପ୍ରଶ୍ନକାଳ ପରି ଶୂନ୍ୟକାଳ ମଧ ଅଚଳ କରିଥିଲେ।

**ଗୃହକାର୍ଯ୍ୟରେ ଯୋଗଦାନ କରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୂନ୍ୟକାଳରେ ବିରୋଧୀଙ୍କ ପ୍ରତିବାଦକୁ ସମାଲୋଚନା କରି କହିଥିଲେ ଯେ ଏସସିବି ଘଟଣାରେ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ତଥାପି ବିରୋଧୀ ଦଳମାନେ ଗୃହ କାର୍ଯ୍ୟରେ ସହଯୋଗ କରୁନାହାନ୍ତି। ଲଗାତାର ଅଷ୍ଟମ ଦିନରେ ଗୃହରେ ଅଚଳାବସ୍ଥା ଲାଗିରହିଛି। ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଆଲୋଚନା କରିଲେ ମଧ ବିରୋଧୀ ଦଳ ଶୁଣୁ ନାହାନ୍ତି। ଲୋକଙ୍କ ସମସ୍ୟା କଥା ଗୃହରେ ଆଲୋଚନା ହୋଇପାରୁନାହିଁ। ତେଣୁ ବିରୋଧୀ ଆଲୋଚନାକୁ ଆସନ୍ତୁ। ବିରୋଧୀ ସେମାନଙ୍କର ଦାୟିତ୍ୱ ନିର୍ବାହ କରନ୍ତୁ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ। ଏହାରି ମଧରେ ବିରୋଧୀ ଦଳର ବିଧାୟକମାନେ କକ୍ଷତ୍ୟାଗ କରି ଚାଲିଯିବା ପରେ ବିଜେପି ବିଧାୟକ ଇରାଶିଶ୍ ଆଚାର୍ଯ୍ୟ, ସନାତନ ବିଜୁଳି, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଅମରେନ୍ଦ୍ର ଦାସ, ପଦ୍ମଲୋଚନ ପଣ୍ଡା ପ୍ରମୁଖ ବିରୋଧୀଙ୍କ ଆଚରଣକୁ ନିନ୍ଦା କରିଥିଲେ।

ଅପରପକ୍ଷେ ଆଜି ପବିତ୍ର ଅଶୋକାଷ୍ଟମୀ ଥିବାରୁ ଗୃହ କାର୍ଯ୍ୟସୂଚୀରେ ଥିବା ଗୃହ ଓ ନଗର ଉନ୍ନୟନ ବିଭାଗ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଖର୍ଚ୍ଚଦାବି ଆସନ୍ତା ୩୦ ତାରିଖରେ ଗିଲୋଟିନ ମାଧ୍ୟମରେ ଗୃହୀତ କରିବାକୁ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରସ୍ତାବ ଆଣିଥିଲେ। ଏହାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ସମର୍ଥନ କରିବା ପରେ ଆସନ୍ତା ୩୦ରେ ଉଭୟ ବିଭାଗର ଖର୍ଚ୍ଚଦାବି ଗିଲୋଟିନ ଆକାରରେ ପାରିତ ହେବ ବୋଲି ବାଚସ୍ପତି ଘୋଷଣା କରିଥିଲେ। ଏହାସହ୧୨ଟା ୩୮ ମିନିଟରୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ।

# ରାଜ୍ୟରେ ଉତ୍କଟ ହେଉଛି ଗ୍ୟାସ୍ ସଙ୍କଟ

ଭୁବନେଶ୍ୱର,୨୬।୩(ସମିସ): ସାରା ରାଜ୍ୟରେ ରନ୍ଧନ ଗ୍ୟାସକୁ ନେଇ ସଙ୍କଟ ଜାରି ରହିଛି। ଗ୍ୟାସ ବୁକିଂ କରି ଡିଏସି ନଂ ଆସିବାର ସପ୍ତାହେ ପରେ ମଧ ଗ୍ୟାସ ମିଳୁନି। ଘରୋଇ ଭାବେ ଯେଉଁ ଗ୍ୟାସ ବାହାରେ ବିକ୍ରି ହେଉଥିଲା, ତାହା ଏବେ ୩-୪ ହଜାର ଟଙ୍କାରେ ଚଢ଼ା ଦରରେ ବିକ୍ରି ହେଉଛି। ଏଭଳି ସ୍ଥିତିରେ ରାଜ୍ୟରେ ଗ୍ୟାସ, ପେଟ୍ରୋଲ ଓ ଡିଜେଲର କୌଣସି ଅଭାବ ନାହିଁ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଗୁରୁବାର ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ରାଜ୍ୟରେ ଏହି ସାମଗ୍ରୀର ଯଥେଷ୍ଟ ମହଜୁଦ ରହିଛି। ହୋଟେଲକୁ ଆବଶ୍ୟକ ଥିବା ରନ୍ଧନ ଗ୍ୟାସର ୫୦ ପ୍ରତିଶତ ଯୋଗାଇବାକୁ ସକ୍ଷମ କରାଯାଇଛି। ଘରୋଇ କ୍ଷେତ୍ରକୁ କୌଣସି ପ୍ରତିବନ୍ଧକ ଲଗାଯାଇ ନାହିଁ। ଅନ୍ୟପଟେ ଗ୍ୟାସ ସଙ୍କଟକୁ ନେଇ ଦିଲ୍ଲୀରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ ଓ ୯ଟି ରାଜ୍ୟର ଯୋଗାଣ ମନ୍ତ୍ରୀ ଏଥିରେ ଯୋଗ ଦେବେ ବୋଲି ସେ ସୂଚନା ଦେଇଛନ୍ତି ।

ରାଜ୍ୟରେ ଏବେ ରନ୍ଧନ ଗ୍ୟାସ ଉପଭୋକ୍ତାଙ୍କ ସଂଖ୍ୟା କୋଟିଏରୁ ଅଧିକ। ଉପଭୋକ୍ତାଙ୍କ ପାଇଁ ଦୈନିକ ଓଡ଼ିଶାକୁ ୧ ଲକ୍ଷ ୪୦ ହଜାର ଗ୍ୟାସ ସିଲିଣ୍ଡର ଆସୁଛି; ମାତ୍ର ଏବେ ଦୈନିକ ବୁକିଂ ସଂଖ୍ୟା ୧ଲକ୍ଷ ୭୦ ହଜାରରୁ ଅଧିକ। ଫଳରେ ଗ୍ୟାସକୁ ନେଇ ସଙ୍କଟଜନକ ସ୍ଥିତି ଉପୁଜିଛି। ଲୋକମାନଙ୍କ ଘରେ ଗ୍ୟାସ ମହଜୁଦ ଥିବା ସତ୍ତ୍ୱେ ଛାନିଆ ହୋଇ ବୁକିଂ କରୁଛନ୍ତି ବୋଲି ସଂଘ କହୁଥିଲେ ମଧ ବାସ୍ତବ ସ୍ଥିତି କିଛି ଅଲଗା। କାରଣ ଗ୍ୟାସ ଅଫିସ୍ କିମ୍ବା ଗୋଦାମ ଆଗରେ ଶହ ଶହ ଲୋକ ଧାଡ଼ି ହୋଇ ଗ୍ୟାସ ନେବାକୁ ଅପେକ୍ଷା କରୁଛନ୍ତି। ପଶ୍ଚିମ ଏସିଆରେ ଯୁଦ୍ଧ ସ୍ଥିତି ଯୋଗୁଁ ଗ୍ୟାସ ଆମଦାନୀ

- ଦୈନିକ ଆବଶ୍ୟକତା ୧.୭ ଲକ୍ଷ ସିଲିଣ୍ଡର, ଆସୁଛି ୧.୪ ଲକ୍ଷ
- ରନ୍ଧନ ଗ୍ୟାସ ଅଭାବ ଅଭିଯୋଗକୁ ମାନିବାକୁ ମନ୍ତ୍ରୀ ନାରାଜ
- ୯ ରାଜ୍ୟର ଯୋଗାଣ ମନ୍ତ୍ରୀଙ୍କ ସହ ଆଜି କେନ୍ଦ୍ର ସରକାରଙ୍କ ବୈଠକ

ବାଧାପ୍ରାପ୍ତ ହୋଇଥିବାରୁ ବାଣିଜ୍ୟିକ ଗ୍ୟାସ ଉପରେ ବଡ଼ ଧରଣର କଟକଣା ଲାଗିଛି। ତେଣୁ ଉଠା ଦୋକାନୀମାନେ ଚଢ଼ା ଦରରେ ଗ୍ୟାସ କିଣୁଥିବା ଦର୍ଶାଇ ପ୍ରତି ଖାଦ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି କରିଛନ୍ତି ।

ଅନ୍ୟପଟେ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲ ଟାଙ୍କି ମଧ ବନ୍ଦ ହେବା ଆରମ୍ଭ ହୋଇଛି। ତେଲ କମ୍ପାନୀଙ୍କ କହିବା ଅନୁଯାୟୀ ତେଲ ଟାଙ୍କି ମାଲିକମାନେ ନଗଦ ଟଙ୍କା ଦେଇ କମ୍ପାନୀଠୁ ତେଲ କିଣିବେ। ଏବେ ବାକି କାରବାର ବନ୍ଦ ହୋଇ ଥିବାରୁ ନଗଦ ନ ଦେଲେ ଟାଙ୍କି ମାଲିକଙ୍କୁ ତେଲ ଦିଆଯାଉ ନାହିଁ। ଫଳରେ ଗ୍ରାହକ ହଇରାଣ ହେଉଛନ୍ତି। ପୂର୍ବରୁ ତୈଳ କମ୍ପାନୀମାନେ ବାକିରେ କଞ୍ଚାମାଲ କିଣୁଥିଲେ। ଏବେ ସେମାନଙ୍କୁ ନଗଦ ଟଙ୍କା ଦେଇ କିଣିବାକୁ ପଡୁଛି। ତେଣୁ ସେମାନେ ନଗଦ ଦେଣନେଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଭୁବନେଶ୍ୱରରେ ଏବେ ୪୨ଟି ପେଟ୍ରୋଲ ପମ୍ପ ରହିଛି। ଭୁବନେଶ୍ୱର ଦୈନିକ ୩ଲକ୍ଷ ୧୨ ହଜାର ଲିଟର ପେଟ୍ରୋଲ ଓ ୨ଲକ୍ଷ ୧୫ ହଜାର ଲିଟରରୁ ଊର୍ଦ୍ଧ୍ୱ ଡିଜେଲ ବିକ୍ରି ହୁଏ। ଏବେ ଲୋକମନେ ଛାନିଆ ହୋଇ ଅଧିକ ପେଟ୍ରୋଲ ପକାଉଛନ୍ତି। ପୂର୍ବାପେକ୍ଷା ୧୦ ପ୍ରତିଶତ ପେଟ୍ରୋଲ-ଡିଜେଲ ବିକ୍ରି ବୃଦ୍ଧି ପାଇଛି। ତେଣୁ କିଛି ମାତ୍ରାରେ ସମସ୍ୟା ସୃଷ୍ଟି ହୋଇଛି।

ଗୋଟିଏ ପଟେ ରାଜ୍ୟରେ ଗ୍ୟାସ ସଙ୍କଟ ସ୍ଥିତି ଲାଗି ରହିଥିବା ବେଳେ ମନ୍ତ୍ରୀ କିନ୍ତୁ ଏହି ଘଟଣାକୁ ନେଇ ସମ୍ପୂର୍ଣ୍ଣ ଭିନ୍ନ ମତ ରଖୁଛନ୍ତି। ପୂର୍ବରୁ ଆଳୁ ସଙ୍କଟ ସମୟରେ ମଧ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ସେତେବେଳେ ଉତ୍ତର ପ୍ରଦେଶରୁ ଟ୍ରେନ୍‌ରେ ଆଳୁ ଆସୁଥିବା ନେଇ ମନ୍ତ୍ରୀ କହିଥିଲେ। ଏହି କଥାକୁ ନେଇ ଆଜି ପର୍ଯ୍ୟନ୍ତ ବିରୋଧୀ ଯୋଗାଣ ମନ୍ତ୍ରୀଙ୍କୁ ସମାଲୋଚନା କରୁଥିବା ବେଳେ ଏବେ ଗ୍ୟାସ କଥାକୁ ନେଇ ମଧ ତାଙ୍କର ଉକ୍ତି ଚର୍ଚ୍ଚା ସୃଷ୍ଟି କରିଛି।

# ଏସିଏଫ୍‌ଙ୍କ ମାଡ଼ରେ ଫରେଷ୍ଟଗାର୍ଡ ଲହୁଲୁହାଣ

ବାଲେଶ୍ୱର, ୨୬।୩ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି କୁଲଡ଼ିହା ଫରେଷ୍ଟ ରେଞ୍ଜରେ ବନବିଭାଗର ଏସିଏଫ ଜଣେ ଫରେଷ୍ଟ ଗାର୍ଡଙ୍କୁ ନିର୍ମମ ଭାବେ ପିଟି ଲହୁଲୁହାଣ କରିବା ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଗାଡ଼ି ଓଭରଟେକ୍ ଭଳି ସାଧାରଣ ଘଟଣାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା କୁହାଯାଉଛି। ସଂପୃକ୍ତ ଫରେଷ୍ଟଗାର୍ଡଙ୍କୁ ରେମୁଣାସ୍ଥିତ ଫକୀର ମୋହନ ମେଡ଼ିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଛି। ସେ ଏବେ ହସ୍ପିଟାଲ ଶଯ୍ୟାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି।

ସୂଚନାନୁସାରେ, ବରହମପୁର ଥାନା ଉପରଡ଼ିହା ଗ୍ରାମର ପଦ୍ମଲୋଚନ ପାତ୍ର ବାଲେଶ୍ୱର ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ଫରେଷ୍ଟଗାର୍ଡ ଭାବେ କାର୍ଯ୍ୟରତ। ବୁଧବାର ରାତି ପ୍ରାୟ ସାଢ଼େ ୧୨ଟାରେ ସେ ଏକ ବୋଲେରୋରେ ଝିଙ୍କପଦା ଅଞ୍ଚଳରୁ ନିଜ ଭଡ଼ାଘର ନୀଳଗିରିକୁ ଜଣେ ବନ୍ଧୁଙ୍କ ସହ ଫେରୁଥିଲେ। ବରହମପୁର ଥାନା ଗରଡ଼ିହି ବଜାର ନିକଟରେ ସେ ଏସିଏଫ ସୁବ୍ରତ ବେହେରାଙ୍କ ଗାଡ଼ିକୁ ଓଭରଟେକ୍



କରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ପରେ, ଏସିଏଫ୍ ଶ୍ରୀ ବେହେରା ନିଜ ପଦର ଦୁରୁପଯୋଗ କରି ୧୫/୨୦ଜଣ ବନ କର୍ମଚାରୀଙ୍କ ସହ ମିଶି ଫରେଷ୍ଟଗାର୍ଡ ପଦ୍ମଲୋଚନ ଓ ତାଙ୍କ ସହଯୋଗୀ କ୍ଷୀରୋଦ ପ୍ରସାଦ ଦାସଙ୍କୁ ରାସ୍ତା ମଝିରେ ଗାଡ଼ିରୁ ଘୋଷାଡ଼ି ଆଣି ନିସ୍ତୁକ ଭାବେ ମାଡ଼ ମାରିଥିଲେ। ଏଥିରେ ପଦ୍ମଲୋଚନ ଓ କ୍ଷୀରୋଦ ଗୁରୁତର ଆହତ ହୋଇଥିଲେ। ପଦ୍ମଲୋଚନଙ୍କ ହାତ ଭାଙ୍ଗି ଯାଇଥିବା ବେଳେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ନିର୍ଯାତନା ସେତିକିରେ ସରିନଥିଲା; ଏସିଏଫ୍ ଶ୍ରୀ ବେହେରା ଗୁରୁତର ଅବସ୍ଥାରେ ଉଭୟଙ୍କୁ ଥାନାକୁ ନେଇ ସାଧା କାଗଜରେ ଜୋରଜବରଦସ୍ତି ଦସ୍ତଖତ କରାଇ ନେଇଥିଲେ। ଏପରିକି, ଆଜି ସଂଧ୍ୟାରେ ଏସିଏଫ୍ ଶ୍ରୀ ବେହେରା ମେଡିକାଲକୁ ଯାଇ ଗୁରୁତର

**ଗାଡ଼ି ଓଭରଟେକ୍ କରିବାରୁ ନିସ୍ତୁକ ପିଟିଲେ**

ପଦ୍ମଲୋଚନ ଏବଂ ତାଙ୍କ ପରିବାରଲୋକଙ୍କୁ ମାମଲା ପ୍ରତ୍ୟାହାର ପାଇଁ ଧମକ ଦେଇଛନ୍ତି। ଏ ସଂପର୍କରେ ପଦ୍ମଲୋଚନ ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏନେଇ ଏସିଏଫ ଶ୍ରୀ ବେହେରାଙ୍କ ସହ ଅନ୍ୟାନ୍ୟଙ୍କ ନାମରେ ୪୧/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଏସିଏଫ ମଧ ଥାନାରେ ପାଲଟା ଅଭିଯୋଗ କରିବାରୁ ପୁଲିସ ଆଉ ଏକ ମାମଲା ରୁଜୁ କରିଛି।

ଅପରପକ୍ଷେ, ଆଜି ସଂଧ୍ୟାରେ ଏସିଏଫ ସୁବ୍ରତ ବେହେରା ମେଡିକାଲରେ ପହଞ୍ଚି ପଦ୍ମଲୋଚନ ଓ ତାଙ୍କ ପରିବାରକୁ ଧମକାଉଥିବା ବେଳେ ମେଡ଼ିକାଲରେ ଉପସ୍ଥିତ ଲୋକଙ୍କ ଆକ୍ରୋଶର ଶୀକାର ହୋଇଥିଲେ। ତୁରନ୍ତ ଏହି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ସହ ସମ୍ପୃକ୍ତ ଅଧିକାରୀଙ୍କୁ ଗିରଫ ପାଇଁ ଦାବି ଜୋର ଧରିଛି।



# ଆଦର୍ଶ ଥାନା ପାଖ ଡାକ୍ତରଙ୍କ ଘରୁ ଚୋରି

ଗୁଣୁପୁର,୨୬।୩(ସମିସ): ଦିନକୁ ଦିନ ଗୁଣୁପୁର ଅଞ୍ଚଳରେ ଅପରାଧ ବଢିବାରେ ଲାଗିଛି। ଗୋଟିଏ ଗୋଟିଏ ପରେ ଅପରାଧ ବଢୁଥିବା ବେଳେ ଏବେ ô ଚୋର ଥାନା ପାଶ୍ୱର୍ରେ ଥିବା ଘରୁ ଚୋରି କରିବାରେ ସାହାସ କରୁଛନ୍ତି। ଗଜପତି - ଗୁଣୁପୁର ସହରକୁ ପ୍ରବେଶ କରୁଥିବା ମୁଖ୍ୟରାସ୍ତା ପାଶ୍ୱର୍ରେ ଥିବା କଲେଜ୍ ରୋଡ୍‌ରେ ଡାକ୍ତରାଣି ସୁଜାତା ଗମାଙ୍ଗଙ୍କ ଘର। ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ମୁଖ୍ୟ କବାଟ ଭାଙ୍ଗିବା ସହ ସିସି କ୍ୟାମେରାକୁ ଭାଙ୍ଗି ଦେଇ ଚୋରି କରିଛନ୍ତି। ଏହାସହ ଘର ଭିତରେ ଥିବା ଆଲମିରା ଓ ବିଭିନ୍ନ ଟ୍ରଙ୍କ୍, ବକ୍ସ ଗୁଡିକୁ ଭାଙ୍ଗି ବିଭିନ୍ନ ଅଳଙ୍କାର ସହ ନଗଦ କିଛି ଟଙ୍କା ଚୋରି ହୋଇଥିବା ଜଣାପଡିଛି। ଡାକ୍ତରାଣି ସୁଜାତାଙ୍କ କହିବା ଅନୁଯାୟୀ ପ୍ରାୟ ୩ ଭରି ସୁନା, ନଗଦ ୨୫ ହଜାର ଟଙ୍କା ଚୋରି ହୋଇଛି। ଡାକ୍ତର ସୁଜାତା ଦେବି ଖୋର୍ଦ୍ଧା ଜିଲ୍ଲା ଚିକିତ୍ସାଳୟରେ କାର୍ଯ୍ୟରତ ଥିବା ବେଳେ ସେ ଭୁବନେଶ୍ୱର ଠାରେ ରହୁଛନ୍ତି। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ବୁଧବାର ରାତି ୨ ଘଣ୍ଟା ୩୦ ମିନିଟ୍ ସମୟରେ ଘରେ ପଶିବା ବେଳେ ଘରେ ଲାଗିଥିବା ସିସି କ୍ୟାମେରାରେ ଉତ୍ତୋଳନ ହୋଇଥିବା ଭିଡିଓ ଦେଖିବାକୁ ପାଇଥିଲେ। ଏହାପରେ ଗୁଣୁପୁର ପୁଲିସ୍ ଏସ୍ଡିପିଓ ବାବୁଲି ନାୟକଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ଗୁଣୁପୁର ଆଦର୍ଶ ଥାନା ପୁଲିସ୍ ସୁଜାତା ଦେବୀଙ୍କ ଘରକୁ ଯାଇ ରାୟଗଡା ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନକାରୀ କୁକୁରଙ୍କ ସହାୟତରେ ତଦନ୍ତ କରୁଛନ୍ତି। ସୂଚନା ଅନୁସାରେ ଡାକ୍ତର ସୁଜାତା ଦେବୀ ଗୁଣୁପୁର ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ଥିଲେ। ସେ ପୂର୍ବତନ ରାୟଗଡା ଜିଲ୍ଲାପରିଷଦ ଅଧକ୍ଷ ସ୍ୱର୍ଗତ ପୁରଷୋତ୍ତୋମ ଗମାଙ୍ଗଙ୍କ ଧର୍ମପତ୍ନୀ। ପୁଲିସ୍ ଥାନା ପାଶ୍ୱର୍ରେ ଚୋରି ହୋଇଥିବାରୁ ଗୁଣୁପୁରବାସୀ କେତେ ସୁରକ୍ଷିତ ବୁଦ୍ଧିଜୀବୀ ମହଲରେ ତୀବ୍ର ସମାଲୋଚନା କରାଯାଇଛି। ଦୀର୍ଘମାସ ହେବ ଗୁଣୁପୁର ପୌରପରିଷଦ ପକ୍ଷରୁ ଲଗାଯାଇଥିବା ସମସ୍ତ ସିସିକ୍ୟାମେରା ଅଚଳ ରହିଛି। ଏନେଇ ପୁଲିସ୍ ଅସହାୟ ରହୁଥିବା ବେଳେ ଗୁଣୁପୁର ଜିଲ୍ଲା ପ୍ରଶାସନ ପାଖରେ ବୁଦ୍ଧିଜୀବୀ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଛି।

# ବେଆଇନ ଇଟାଭାଟି ଭାଙ୍ଗିଲେ ତହସିଲଦାର

ନନ୍ଦାହାଣ୍ଡି,୨୬।୩(ସମିସ): ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି କରାଯାଇଥିବା ଚିଠି ଅନୁସାରେ ମାଟି ଇଟା ତିଆରି କରିବା ସମ୍ପୂର୍ଣ୍ଣ ରୂପେ ବେଆଇନ ଓ ଓଡିଶା ଲଘୁ ଖଣିଜ ନିୟମର ୨୦୧୪ର ଉଲ୍ଲଂଘନ କରୁଛି। ଏହାକୁ ଖିଲାପି କଲେ ଖିଲାପିକାରୀଙ୍କ ବିରୁଦ୍ଧରେ ପରିବେଶ ସୁରକ୍ଷା ଅଧିନିୟମ ଧାରା ୫ ଅନୁଯାୟୀ ୫ ବର୍ଷ କାରାଦଣ୍ଡ ସହ ଏକ ଲକ୍ଷ ଟଙ୍କା ଜରିମାନାର ପ୍ରାବଧାନ ରହିଛି। ନବରଙ୍ଗପୁର ଜିଲ୍ଲା, ନନ୍ଦାହାଣ୍ଡି ବ୍ଲକ୍‌ରେ ମାଟି ଇଟା ତିଆରି ଓ ବିକ୍ରି ବହୁଳ ମାତ୍ରାରେ ଚାଲିଥିବାରୁ ପୋଡାଲଗୁଡା ମୌଜା



ନିକଟରେ ଥିବା ସମସ୍ତ ବେଆଇନ ଇଟା ଭାଟି ଉପରେ ଚଢ଼ଉ କରିଛନ୍ତି ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ଓ କନିଷ୍ଠ ଖଣିଜ ଅଧିକାରୀ ସୁଧୀର ନାୟକ। ଚଢ଼ଉ କରି ସମସ୍ତ ଇଟାଭାଟିକୁ ଜେସିବି ଲଗାଇ ଭାଙ୍ଗି ନଷ୍ଟ କରିଦିଆଯାଇଛି । ଆଗାମୀ ଦିନରେ ଇଟା ତିଆରି କଲେ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ନନ୍ଦାହାଣ୍ଡି ତହସିଲଦାର। ଇଟା ତିଆରି କରୁଥିବା ଲୋକଙ୍କୁ କିଛି ଅର୍ଥ ଦଣ୍ଡରେ ଦଣ୍ଡିତ କରିବା ସହ ଆଗାମୀ ଦିନରେ ଇଟା ତିଆରି ନ କରିବାକୁ ଚେତାବନୀ ଦିଆଯାଇଥିବା ସୂଚନା ମିଳିଛି। ଏଭଳି ସାରା ବ୍ଲକ୍‌ରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ତହସିଲଦାର ଶ୍ରୀ ମହାନନ୍ଦିଆ। ଏହି କାର୍ଯ୍ୟାନୁଷ୍ଠାନ ସମୟରେ ସିନ୍ଧିଗୁଡା ରାଜସ୍ୱ ନିରୀକ୍ଷକ, ସୁପରଭାଇଜର ଓ ନବରଙ୍ଗପୁର ଥାନାର ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

● ଅବିଭକ୍ତ କୋରାପୁଟ ମାଳି ସମାଜର ସାମ୍ବାଦିକ ସମ୍ମିଳନୀ

# କୁସଂସ୍କାର ଓ କୁତ୍ସିତ ପରମ୍ପରା ବନ୍ଦ କରିବାକୁ ଦାବି

କୋରାପୁଟ,୨୬।୩(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ମାଳି ସମ୍ପ୍ରଦାୟର ନେତାମାନେ ଅନ୍ୟ ଜାତିରେ ବିବାହ କରୁଥିବା ଦମ୍ପତିମାନଙ୍କୁ ଦଣ୍ଡିତ କରୁଥିବା ପାରମ୍ପରିକ ପ୍ରଥାର ଉଚ୍ଛେଦ ପାଇଁ ଦାବି କରିଛନ୍ତି। ସ୍ଥାନୀୟ ପ୍ରେସକ୍ଲବ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଅବିଭକ୍ତ କୋରାପୁଟ ଜିଲ୍ଲା ମାଳି ସମାଜର ସଭାପତି ଦାସରଥୀ ମାଳି ଏବଂ କୋରାପୁଟ ଜିଲ୍ଲା ମାଳି ସମାଜର ସଭାପତି ଚିତ୍ରା ମାଳି ପ୍ରମୁଖ ମାଳି ସମ୍ପ୍ରଦାୟରେ ଅନ୍ୟ ଜାତିରେ ବିବାହ କଲେ ଜରିମାନା ଲାଗୁ କରୁଥିବା କିମ୍ବା ଦମ୍ପତିମାନଙ୍କୁ ସାମୂହିକ ଭୋଜି ଆୟୋଜନ କରିବାକୁ ବାଧ କରୁଥିବା ପୁରୁଣା ପ୍ରଥାର ଅନ୍ତ କରିବାକୁ ଆହ୍ୱାନ କରିଛନ୍ତି। ଏପରି ପ୍ରଥା କେବଳ ବ୍ୟକ୍ତିଗତ ସ୍ୱାଧୀନତାକୁ ଉଲ୍ଲଂଘନ କରେ ନାହିଁ । ବରଂ ନାଗରିକଙ୍କ ଜୀବନ ସାଥୀ ବାଛିବାର ସାମ୍ବିଧାନିକ ଅଧିକାରର ମଧ୍ୟ ବିରୁଦ୍ଧାଚରଣ କରେ। ଜିଲ୍ଲା ମାଳି



ସମାଜ ୨୦୧୪ରେ ଗଠିତ ଏକ ପଞ୍ଜିକୃତ ସଂଗଠନ ଏବଂ ମୁଖ୍ୟତଃ ଯୁବ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ନେଇ ଗଠିତ। ପୁରାତନ କୁସଂସ୍କାର ଓ କୁତ୍ସିତ ପରମ୍ପରା ପ୍ରଥାର ଦୃଢ଼ ବିରୋଧ କରୁଛି। ଆମେ ସମାଜକୁ ସୁରକ୍ଷା ଦେବା ପାଇଁ ସମାଜ ଗଠନ କରିଥିଲୁ। ଶୋଷଣ କିମ୍ବା ଅନ୍ଧବିଶ୍ୱାସକୁ ଉତ୍ସାହିତ କରିବା ପାଇଁ ନୁହେଁ ବୋଲି ଦାସରଥୀ ମାଳି କହିଛନ୍ତି। ଗତ ୨୨ ତାରିଖରେ ଜୟପୁରର ମାଳି ସମାଜର ପୁଅ ଅନ୍ୟ ଏକ ଜାତିରେ ବିବାହ କରି ଥିବାରୁ ପୁଅକୁ ନଣ୍ଡା କରାଯିବା ସହିତ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଏହି ଘଟଣାକୁ ସବୁ ମହଲରୁ ନିନ୍ଦା କରାଯାଇଥିଲା। କୋରାପୁଟ ପୁଲିସ ଏ ନେଇ କୁଳ ସମାଜକୁ ଡାକି ଏକ ବୈଠକ କରିଥିଲା। ସମାଜରେ ରହିଥିବା ଏଭଳି କୁପ୍ରଥାରୁ ଦୂରେଇ ରହିବା ପାଇଁ ମାଳି ସମାଜ ସହିତ ପୁଲିସ ଆଲୋଚନା କରିଥିଲା। ଏସଡିପିଓ ଏବଂ ଆଇଆଇସିଙ୍କ ସମେତ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଘଟଣାରେ ସମ୍ପୃକ୍ତ ପାରମ୍ପରିକ କୁଳ ନାୟକ ମାନେ ସେମାନଙ୍କର ଭୁଲ ସ୍ୱୀକାର କରି ଏବଂ ଏପରି ଅଭ୍ୟାସ ପୁନରାବୃତ୍ତି ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇ ଲିଖିତ ପ୍ରତିଶ୍ରୁତି ଦାଖଲ କରିଥିଲେ। ମାଳି ସମାଜରେ ରହିଥିବା ଜାତି ପ୍ରଥାକୁ ଦୂର କରିବା ନେଇ ମାଳି ସମାଜକୁ ଏକ ସଚେତନତା ବାର୍ତ୍ତା ଦେବା ଏହି ସାମ୍ବାଦିକ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅବିଭକ୍ତ ଓ ଜିଲ୍ଲା ସଭାପତିଙ୍କ ସହିତ ଯୁବ ସଭାପତି ଦୁର୍ଯ୍ୟ ମାଳି, ବ୍ଲକ ସଭାପତି ପୂର୍ବ ମାଳି ଓ ମାଧବ ମାଳି ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ସାଂସଦଙ୍କ ସହ ନାଗରିକ କମିଟିର ଆଲୋଚନା

ପାପଡାହାଣ୍ଡି, ୨୬।୩(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ତୁରୁଞ୍ଜାଗୁଡା ଗ୍ରାମ ଠାରେ ପୂର୍ବତନ ସାଂସଦ ପର୍ଶୁରାମ ମାଝୀଙ୍କୁ ଭେଟି ଗ୍ରାମ ସମସ୍ୟା ଜଣାଇଲେ ଗ୍ରାମ୍ୟ ନାଗରିକ କମିଟି। ନାଗରିକ କମିଟି ସଭାପତି ବି. ଜଗନ ମୋହନ ରାଓ ଓ କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ଅଗ୍ରୱାଲ ନେତୃତ୍ୱରେ ଗ୍ରାମ୍ୟ ନାଗରିକ କମିଟି ଶ୍ରୀ ମାଝୀଙ୍କୁ ଭେଟି ଗାଁର ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରିଥିଲେ। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ପାପଡାହାଣ୍ଡି ଗ୍ରାମର ଉନ୍ନତି ହୋଇ ପାରିନାହିଁ। ପାପଡାହାଣ୍ଡି ଏକ ସହିଦ ମାଟି । ଏହି ଅଞ୍ଚଳର ଲୋକେ ଇଂରେଜ ବିରୁଦ୍ଧରେ ଲଢେଇ କରି ଦେଶ ପାଇଁ ପ୍ରାଣବଳୀ ଦେଇଛନ୍ତି। ପାପଡାହାଣ୍ଡି ଗ୍ରାମ ନବରଙ୍ଗପୁର ଜିଲ୍ଲାର ହୃଦୟ ବୋଲି କୁହାଯାଏ। ଜିଲ୍ଲାର ଯେକୌଣସି ବ୍ଲକ୍‌କୁ ଯିବାକୁ ହେଲେ ପାପଡାହାଣ୍ଡି ଦେଇ ଯିବାକୁ ପଡ଼େ। କିନ୍ତୁ ଗ୍ରାମରେ କୌଣସି ଉନ୍ନତି ମୂଳକ କାମ ହୋଇ ପାରିନାହିଁ। ଗାଁର ଅନେକ ସମସ୍ୟା ରହିଛି। ପାପଡ଼ାହାଣ୍ଡି



ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଡାକ୍ତର ସମସ୍ୟା, ବାଇପାସ ରାସ୍ତା, ରେଳ ଷ୍ଟେସନ, କଲ୍ୟାଣ ମଣ୍ଡପ, ଶବ ବ୍ୟବଚ୍ଛେଦ ଗୃହ, ଶବ ବାହକ ଗାଡ଼ି, ବ୍ରିଟିଶ ଅମଳର ଡାକ ବଙ୍ଗଳାର ଉନ୍ନତି, ଦୈନିକ ବଜାର , ହାଟ ବଜାର , ରାସ୍ତା କଡ଼ରେ ତିନୋଟି ପୁରାତନ ବିଦ୍ୟାଳୟର ଉନ୍ନତି, ଖେଳ ଷ୍ଟାଡିୟମ, ପାନୀୟ ଜଳ ସମସ୍ୟା, ଦୁର୍ଗା ମଣ୍ଡପ ନେଇ ଆଲୋଚନା ହୋଇଥିଲା। ପୂର୍ବତନ ସାଂସଦ ଶ୍ରୀ ମାଝୀ ତୁରନ୍ତ ଡାକ୍ତର ସମସ୍ୟା ନେଇ ସିଡିଏମଓ ସହ ଯୋଗାଯୋଗ କରିଥିଲେ। ଇତିମଧ୍ୟରେ ଜଣେ ଡାକ୍ତର ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦେଇଥିଲେ। ଏହି ସମସ୍ୟା ଗୁଡିକ ନେଇ ବିଭାଗୀୟ ମନ୍ତ୍ରୀ ସହ ଯୋଗାଯୋଗ କରି ସମସ୍ୟାର ସମାଧାନ କରିବା ପାଇ ପ୍ରତିଶୃତି ଦେଇଛନ୍ତି। ଏହି ସମୟରେ ସମ୍ପାଧକ ଏନ. ଜନାର୍ଦ୍ଦନ ରାଓ, ସହ ସମ୍ପାଧକ, ନୀଳକଣ୍ଠ ତ୍ରିପାଠୀ, ତ୍ରିନାଥ ପ୍ରଧାନ, ବିଜୟ ବିଷୋୟୀ, ଦୀନବନ୍ଧୁ ବିଷୋୟୀ, ବିଭୁତି ପ୍ରସାଦ ପଣ୍ଡା, ରାଜ କିଶୋର ରାଓ, ଶୋଷିମୋହନ ଶର୍ମା, ଗଙ୍ଗାଧର ନାୟକ, ଅଜୟ ବିଷୋୟୀ, ମହେନ୍ଦ୍ର ବିଷୋୟୀ, ବି. ସୀମାଦ୍ରୀ ରାଓ ଓ ତରଣୀ କଶ୍ୟପ ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗଙ୍କୁ ଇଲେକ୍ଟ୍ରିକ୍ ସ୍କୁଟର ବଣ୍ଟନ




କୋରାପୁଟ,୨୬ ।୩(ସମିସ): ସ୍ଥାନୀୟ ପୁଲିସ ପଡିଆଠାରେ କୋରାପୁଟ ଜିଲ୍ଲା ପ୍ରଶାସନ ଓ ହାଲ, ସୁନାବେଡ଼ା ତରଫରୁ ଜିଲ୍ଲାର ୮୪ ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ହାଲ (ସିଏସଆର ଫଣ୍ଡ) ସହାୟତାରେ ଇଲେକ୍ଟ୍ରିକ୍ ସ୍କୁଟର ପ୍ରଦାନ କରାଯାଇଛି। କୋରାପୁଟର ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ହାଲ ସୁନାବେଡ଼ା ଇଡି ଶ୍ରୀରଙ୍ଗ.ଏ.କୋଠେ, ଜିଏମ୍ ଇଞ୍ଜିନ ବିଭାଗ କାଲୋଲ ଭଟ୍ଟାଚାର୍ଯ୍ୟ ଜିଏମ ଏସଇଡି ସରୋଜ କୁମାର ପଣ୍ଡା ,ଏଜିଏମ ବାଳକୃଷ୍ଣ ରାଓ, ଡିଜିଏମ ଏଚଆର ରମାକାନ୍ତ ଦାଶ, କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଡାକ୍ତର ଶିବ ସାଇ ସ୍ୱରୂପ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ କାର୍ଯ୍ୟକ୍ରମ ପ୍ରାରମ୍ଭରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦିବ୍ୟାଙ୍ଗ ମାନଙ୍କୁ ଏହି ସ୍କୁଟର ଜୀବନ ନିର୍ବାହରେ ସହାୟକ ହୋଇ ପାରିବ ବୋଲି ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୫ ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ ମଧ୍ୟ ପ୍ରଦାନ କରାଯାଇଥିଲା। ଶଶୀକାନ୍ତ ପଟ୍ଟନାୟକ, ସ୍ମିତା ମହାପାତ୍ରଙ୍କ ସମେତ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ରବି ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମାଥିଲି,୨୬।୩(ସମିସ):

ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ମେକ୍ଟା ପଞ୍ଚାୟତ ସଦର ମହକୁମା ସ୍ଥିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗର ସରକାରୀ ଆଶ୍ରମ ବିଦ୍ୟାଳୟର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ବାରିକଙ୍କ ଆବାହକତ୍ୱରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁମନ୍ତ କୁମାର ମାଝୀ ଯୋଗ ଦେଇଥିବା ବେଳେ ସଭାପତି ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶିବ ଶଙ୍କର ସାହୁ , ମୁଖ୍ୟ ବକ୍ତା ଭାବରେ ସମାଜସେବୀ ତଥା ବେଜେଡି ବ୍ଲକ ସଭାପତି ସଦାଶିବ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ୍ ଚନ୍ଦ୍ର ନାୟକ, ମେକ୍ଟା ପଞ୍ଚାୟତ ସରପଞ୍ଚ ରଞ୍ଜିତା ପୂଜାରୀ, ନାଏବ ସରପଞ୍ଚ ପଦ୍ମିନୀ ଦାଷା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭୀମସେନ ପୂଜାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦାମା ପାଡା ଉମାକାନ୍ତ ଛୋଟରାୟ, ପ୍ରଧାନ ଶିକ୍ଷକ ଦାମାପାଡା ବାବୁଲି ପୃଷ୍ଟି ଯୋଗଦେଇ ଶ୍ରୀ ଗଣେଶଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ବାରିକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆଶ୍ରମ ବିଦ୍ୟାଳୟର ବିଦ୍ୟାଳୟର ଶିକ୍ଷକ ଶ୍ରୀ ବାରିକଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା । ଆଶ୍ରମ ବିଦ୍ୟାଳୟର ସମସ୍ୟା ସେ ମୁଖ୍ୟ ଅତିଥି ଶ୍ରୀ ମାଝୀ ଙ୍କୁ ଅନୁରୋଧ କରିଥିଲେ। ଶେଷରେ ପୂର୍ବରୁ ବିଭିନ୍ନ ବର୍ଗରେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ରହିତ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଆଦିବାସୀ ଛାତ୍ରଛାତ୍ରୀମାନେ ଶିକ୍ଷାର ବିକାଶ ହେଲେ ରାଜ୍ୟ ତଥା ଦେଶର ବିକାଶ ହେବ, ଏହା ସରକାରଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବହୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନେ ଯୋଗ ଦେଇଥିଲେ। ଆଜିର ଏହି ବାର୍ଷିକ ଉତ୍ସବକୁ ବିଦ୍ୟାଳୟର ପ୍ରଧାମ ଶିକ୍ଷକ ଶ୍ରୀ ବାରିକ , ଶିକ୍ଷକ ପ୍ରସନ୍ନ କୁମାର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ।



# ରାମନବମୀ ପାଇଁ କୋରାପୁଟ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

କୋରାପୁଟ,୨୬ ।୩ (ସମିସ): ଶୁକ୍ରବାର ଦିନ କୋରାପୁଟ ସହରରେ ରାମନବମୀ ଉତ୍ସବ ଶାନ୍ତି ଓ ଶୃଙ୍ଖଳାର ସହ ପାଳନ ନିଶ୍ଚିତ କରିବା ଲକ୍ଷ୍ୟରେ କୋରାପୁଟ ପୁଲିସ ପକ୍ଷରୁ ସହରେ ଏକ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ସହରରେ ଆଇନ ଶୃଙ୍ଖଳା ବଜାୟ ରଖିବା ସହ ସହର ବାସିନ୍ଦାଙ୍କ ମଧ୍ୟରେ ସୁରକ୍ଷା ଓ ଆତ୍ମବିଶ୍ୱାସ ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସହରର ପୁଲିସ ପଡିଆରୁ ପୂଜାରିପୁଟ ରାମ ମନ୍ଦିର ପର୍ଯ୍ୟନ୍ତ ପୁଲିସ ପକ୍ଷରୁ ସହର ପରିକ୍ରମା କରାଯାଇଥିଲା। ଏହି ଫ୍ଲାଗ୍ ମାର୍ଚ୍ଚରେ ଅତିରିକ୍ତ ଏସ୍‌ପି ଅମ୍ବିତ ମହାନ୍ତି, କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ, କୋରାପୁଟ ବିଡିଓ ଦେବାଶିଷ ଗୌଡ, କୋରାପୁଟ ତହସିଲଦାର ସୟଦ ସବିର ସାହା, କୋରାପୁଟ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ସହ କୋରାପୁଟ ସଦର ଓ ଟାଉନ ଥାନା ର ଅଧିକାରୀ ମାନେ ଅଂଶ ଗ୍ରହଣ କରିଥିଲେ। ଚଳିତ ବର୍ଷ କୋରାପୁଟରେ ଶାନ୍ତିପୂର୍ଣ୍ଣ ପରିବେଶରେ ରାମନବମୀ ପାଳନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ପ୍ରସ୍ତୁତି ସମ୍ପନ୍ନ କରାଯାଇଛି। ରାମନବମୀ ଦିନ ସୁରକ୍ଷା ବ୍ୟବସ୍ଥା ପାଇଁ ୫ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହିବେ ବୋଲି ଅତିରିକ୍ତ ଏସପି ଅମ୍ବିତ ମହାନ୍ତି କହିଛନ୍ତି। ଦିନ ୨ଟା ପରେ ସହର ମଧକୁ ଭାରିଯାନ ପ୍ରବେଶ ଉପରେ କଟକଣା କରାଯାଇଛି। ସହରର ବିଭିନ୍ନ ଛକରେ ସାଧା ପୋଷାକରେ ପୁଲିସ ମୁତୟନ କରାଯିବା ସହ ମହିଳା ପୁଲିସ ମୁତୟନ କରାଯିବ ବୋଲି କୋରାପୁଟ ଉପଖଣ୍ଡ ପୁଲିସ ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ କହିଛନ୍ତି।



## ରବିଧାନ ବିକ୍ରି ପାଇଁ ପଞ୍ଜୀକରଣ ଅବଧି ବୃଦ୍ଧି ନେଇ ଦାବିପତ୍ର

# ୧୯୩୨୪ ଚାଷୀ ପଞ୍ଜିକୃତ; ଏଥର ୨୩୪୮ ଅଧିକ

**ଜୟପୁର, ୨୬ ।୩(ସମିସ) :** ରବିଧାନ ଫସଲକୁ ବିକ୍ରି କରିବା ପାଇଁ ପଞ୍ଜୀକରଣ ଅବଧିକୁ ୨୦ ଦିନ ବୃଦ୍ଧି କରିବା ନେଇ ଜୟପୁର ବ୍ଲକ କମୁଲିପୁଟ ଲ୍ୟାମ୍ପ୍‌ସ ଅଧିନରେ ରହିଥିବା ଚାଷୀ ମାନେ ଏକ ଦାବିପତ୍ର ଉପଜିଲ୍ଲାପାଳ , ସମବାୟ ବିଭାଗ କାର୍ଯ୍ୟାଳୟଠାରେ ପ୍ରଦାନ କରିଛନ୍ତି। ଏଥିନେଇ କୌଣସି ପଦକ୍ଷପ ଗ୍ରହଣ କରା ନଗଲେ ରାଜରାସ୍ତାକୁ ଅବରୋଧ କରାଯିବ ବୋଲି ଶତାଧିକ ଚାଷୀ ଚେତାବନୀ ଦେଇଛନ୍ତି। ରବିଧାନ ପଞ୍ଜିକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ମାସ ଗତ ୧୦ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ କ୍ରୟକାରୀ ସଂସ୍ଥା ଭାବେ ନିଯୁକ୍ତ ଲ୍ୟାମ୍ପ୍‌ସ ଏବଂ ପାଣିପଞ୍ଚାୟତ କମିଟିକୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଗତ ୧୦ ତାରିଖରେ ପ୍ରକ୍ରିୟା ହୋଇଥିଲେ ସୁଦ୍ଧା ଏହି ପଞ୍ଜିକରଣ ପ୍ରକ୍ରିୟା ଗତ ୧୫ ତାରିଖ ଠାରୁ ଅନ୍‌ଲାଇନ ମାଧ୍ୟମରେ କାର୍ଯ୍ୟକାରୀ ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ଗତବର୍ଷ ରହିଥିବା କ୍ରୟକାରୀ ସଂସ୍ଥାକୁ ଚଳିତ ଉଭୟ ଫସଲରେ ବାଦ ଦିଆଯାଉଥିବା ବେଳେ ସେମାନଙ୍କ ନିକଟରେ ଗତବର୍ଷ ପଞ୍ଜିକୃତ ହୋଇଥିବା ସମସ୍ତ ଚାଷୀଙ୍କ ତଥ୍ୟ ବିଭିନ୍ନ ଲ୍ୟାମ୍ପ୍‌ସକୁ ପରିବର୍ତ୍ତନ କରାଯାଇଥିଲା। ସେହିପରି ବିଭିନ୍ନ ଲ୍ୟାମ୍ପ୍‌ସ ପକ୍ଷରୁ ପଞ୍ଜୀକରଣ ଫର୍ମ ପ୍ରଦାନରେ ବିଳମ୍ବ ହୋଇଥିଲା। କୁମୁଲିପୁଟ ଲ୍ୟାମ୍ପ୍‌ସ ଏମ୍‌ଡି ବଂଶାନୁକ୍ରମ, ଚାଷ ଜମିର ଧାନ ୨ ଏବଂ ଧାନ ୩ କିସମର ଜଳସେଚିତ ଜମିକୁ ପଞ୍ଜୀକରଣ ନେଇ ବାରଣ କରିବାରୁ ଗତକାଲି ସଂଧ୍ୟାରେ ପଞ୍ଜୀକରଣ ସମୟରେ କୁମୁଲିପୁଟ ଲ୍ୟାମ୍ପ୍‌ସରେ ପାଟିତୁଣ୍ଡ ହୋଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପଞ୍ଜୀକରଣ କାର୍ଯ୍ୟ ପ୍ରାୟ ୧ ଘଣ୍ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଅନ୍‌ଲାଇନ ସର୍ଭେର ଡାଉନ୍ ରହିବା ଯୋଗୁଁ ପଞ୍ଜୀକରଣ କାର୍ଯ୍ୟ ମଧ ବିଳମ୍ବ ହେଉଥିଲା। ତେଣୁ ପ୍ରାୟ ଜିଲ୍ଲାରେ ୧୨ଶହରୁ ୨ଶହ ଚାଷୀ ସେମାନଙ୍କ ରବିଧାନ ଚାଷ ଜମିର ପଞ୍ଜିକରଣରୁ ବଞ୍ଚିତ ହୋଇଛନ୍ତି। ତେଣୁ ପଞ୍ଜିକରଣ ଅବଧିକୁ ୧୫ ଦିନ ବଦଳରେ ୨୦ ଦିନକୁ ବୃଦ୍ଧି କରିବାକୁ ଚାଷୀ ମାନେ ଦାବି କରିଛନ୍ତି। ଚାଷୀ ମାନେ ଉକ୍ତ ଦାବିପତ୍ର ଉପଜିଲ୍ଲାପାଳ ଦାୟୀତ୍ୱରେ ରହିଥିବା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ତୃପ୍ତିମୟୀ ବରାଇ ଏବଂ ସମବାୟ କାର୍ଯ୍ୟାଳୟ ଠାରେ ଏସଆରସିଏସ ଶିଶିର ଦାଶଙ୍କୁ ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ କୁମୁଲିପୁଟ ଲ୍ୟାମ୍ପ୍‌ସର ସଭାପତି ତ୍ରିନାଥ ମଦୁଲି, ସୁଦ୍ଦିପ ପଦ୍ମାର, ବାବୁଲା ପଟ୍ଟନାୟକ, କୁନୁ ଗୌଡ, ନାରାୟଣ ଗାଦବା, ଚାଲଣ ମାଳି, ପ୍ରଫୁଲ୍ଲ ହରିଜନ, ତୁଳାରାମ ଜାନୀ, କୁମ ହରିଜନ, ରାମଦାଶ ମାଝି ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କୋରାପୁଟ ଜିଲ୍ଲାରେ ଚଳିତ ବର୍ଷ ଖରିଫ ଧାନ କ୍ରୟ ନିମନ୍ତେ ୧୩ଟି ଲ୍ୟାମ୍ପ୍‌ସ ଏବଂ ୩ଟି ପାଣି ପଞ୍ଚାୟତକୁ କ୍ରୟକାରୀ ସଂସ୍ଥା ଭାବେ ନିଯୁକ୍ତ କରାଯାଇଛି। ରବିଧାନ ବିକ୍ରି ନିମନ୍ତେ ଚାଷୀଙ୍କ ପଞ୍ଜିକରଣ ଗତକାଲି ଅନ୍ତିମ ଦିବସରରେ ଜିଲ୍ଲାରେ କ୍ରୟକାରୀ ସଂସ୍ଥାରେ ସମୁଦାୟ ୧୯୩୨୪ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଯାହା ଗତ ବର୍ଷ ତୁଳନାରେ ୨୫୪୮ ଜଣ ଚାଷୀ ଅଧିକ ରହିଛନ୍ତି। ଗତ ବର୍ଷ ରବିଧାନ ବିକ୍ରି ନିମନ୍ତେ ୧୬୯୭୮ ଜଣ ଚାଷୀ ପଞ୍ଜିକରଣ କରିଥିଲେ। କିନ୍ତୁ ଗତବର୍ଷ ତେଲିଙ୍ଗିର ଜଳଭଣ୍ଡାରର ମରାମତି ଯୋଗୁଁ ରବିଧାନ ଚାଷ ହୋଇପାରିନଥିଲା। ତେଣୁ ଜୟପୁର ବ୍ଲକର ଗୋଟିଏ ଏବଂ ବୋରିଗୁମ୍ମା ବ୍ଲକର ୧୧ଟି ପଞ୍ଚାୟତର ପ୍ରାୟ ୪ ହଜାର ଚାଷୀ ସେମାନଙ୍କ ଜମିରେ ଚାଷ କରିନଥିଲେ।





# ଚଇତି ପରବ ପାଇଁ କର୍ତ୍ତନପାଲ୍ଲୀ ଉତ୍ସବମୁଖର

ମାଥିଲି, ୨୬ ।୩(ସମିସ): ଉପାନ୍ତ ଅଞ୍ଚଳରେ ବିଭିନ୍ନ ସମୟରେ ଅନେକ ପରବ ପାଳନ ହେଉଛି। ସେଥିମଧ୍ୟରୁ ଚଇତି ପରବ ନିଆରା ହିସାବରେ ପାଳନ ହେଉଛି। ଆଦିବାସୀ ଗ୍ରାମର ପ୍ରତି ଘରର ଲୋକମାନେ ନିଜର ଘରକୁ ରଙ୍ଗ ମାରିବା ସହିତ ନିଜର ପରିବାର ଲୋକଙ୍କ ପାଇଁ ନୂତନ ବସ୍ତ୍ର ଆଣି ପରବ ପାଳନ କରିବା ସହିତ ନିଜ ନିଜ ହୁଣ୍ଡି ମାନଙ୍କରେ ପୂଜାର୍ଚ୍ଚନା କରିବା ପରେ ଆମ୍ବ ଖାଇବାର ପରମ୍ପରା ଚାଲି ଆସିଛି। ଆଜିବି ପୂର୍ବ ପୁରୁଷରୁ ଚାଲି ଆସୁଥିବା ସେହି ପରମ୍ପରା ବଜାୟ ରଖିବା ପାଇଁ ଉଦ୍ୟମ ହେଉଥିବା ଦେଖିବାକୁ ମିଳୁଛି। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କର୍ତ୍ତନ ପାଲ୍ଲୀ ପଞ୍ଚାୟତ ସଦର ଗ୍ରାମରେ। ଗ୍ରାମବାସୀ ଏକତ୍ରିତ ହୋଇ ଚଇତି ପରବ ପାଇଁ ନିଜର ନିଜର ଘରକୁ ରଙ୍ଗ ମାରିବା ସହିତ ଗତକାଲି ସାବେରୀ ନଦୀ କୂଳରେ ପୂଜାର୍ଚ୍ଚନା କରିଛନ୍ତି। ଗ୍ରାମ ଦେବତୀ ପାଖରେ ଆଜି ପୂଜାର୍ଚ୍ଚନା କରିବା ପରେ ନୂତନ ଭାବେ ଆମ୍ବ ଖାଇଥିଲେ। ଗ୍ରାମର ମହିଳା ପୁରୁଷ ଓ ଅବାଳ ବୃଦ୍ଧ ବନିତା ଏକତ୍ରିତ ହୋଇ ଗାଁର ମଣ୍ଡପ ଠାରେ ଆଦିବାସୀ ମାନଙ୍କ ଢେମସା ନୃତ୍ୟ କରି ଏକ ଭାଇଚାରାର ପ୍ରମାଣ ଦେଇଥିଲେ। ଏହି ପରବ ଆରମ୍ଭ ଦିନ ଠାରୁ ଚଉଦ ଦିନ ପର୍ଯ୍ୟନ୍ତ ଗ୍ରାମରେ କୌଣସି ନୂତନ କାର୍ଯ୍ୟ ଆରମ୍ଭ କରିବେ ନାହିଁ କିମ୍ବା କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ପରମ୍ପରା ରହିଛି ବୋଲି ଆଦିବାସୀ ନେତା ମାନେ କହିଛନ୍ତି। ସେହି ପରମ୍ପରା ଆଜି ବି ଆଧୁନିକ ଯୁଗରେ ଚାଲିଛି ବୋଲି ଦେଖିବାକୁ ମିଳିଛି।



## ଗ୍ୟାସ୍ ସିଲିଣ୍ଡର ଯୋଗାଣରେ ଅବ୍ୟବସ୍ଥା

ଜୟପୁର,୨୬।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଅନ୍ୟତମ ପୁରାତନ ଗ୍ୟାସ ଏଜେନ୍ସି ଘରୋଇ ଗ୍ୟାସ ସିଲିଣ୍ଡର ଯୋଗାଣ ନାମରେ ଗ୍ରାହକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ସାରା ବିଶ୍ୱରେ ଯୁଦ୍ଧ ପରିସ୍ଥିତି ଯୋଗୁଁ ଗ୍ୟାସର ଅଭାବ ଥିବାରୁ ଗ୍ରାହକ ମାନେ ଚିନ୍ତାରେ ରହିଛନ୍ତି। ସରକାରୀ ଧାର୍ଯ୍ୟ ଅନୁଯାୟୀ ଜୟପୁର ସହରର ଦୈନିକ ବଜାର ନିକଟରେ ରହିଥିବା ହିନ୍ଦୁସ୍ଥାନ ପେଟ୍ରୋଲିୟମର କମ୍ପାନୀର ସର୍ବପୁରାତନ ଗ୍ୟାସ ବିତରୋକ ସଂସ୍ଥା ପକ୍ଷରୁ ଗ୍ୟାସ ସିଲିଣ୍ଡର ପିଛା ୯୪୧ ଟଙ୍କା ରହିଥିବା ବେଳେ ଗୋଦାମ ଯାଇ ନିଜେ ଗ୍ରାହକ ଆଣିଲେ ତାଙ୍କୁ ସବ୍‌ସିଡ ବାବଦକୁ ୨୭ ଟଙ୍କା ୫୦ ପଇସା ଫେରସ୍ତ କରିବା କଥା । କିନ୍ତୁ ଏହାକୁ ଫେରସ୍ତ କରାଯାଉନାହିଁ। ଘରକୁ ବିତରକଙ୍କ ପକ୍ଷରୁ ପଠାଗଲେ ସମାନ ୯୪୧ ଟଙ୍କାରେ ହିଁ ପହଞ୍ଚାଇବାର ନିୟମ ରହିଛି। କିନ୍ତୁ ବିତରକ କମ୍ପାନୀ ୯୭୦ ଟଙ୍କା ନେଉଛନ୍ତି। ସିଲିଣ୍ଡର ପିଛା ଅଧିକ ୨୯ ଟଙ୍କା ନେଇ ଗ୍ରାହକଙ୍କୁ ଠକୁଛନ୍ତି। ଦୈନିକି ଉକ୍ତ ବିତରକ ସଂସ୍ଥା ପକ୍ଷରୁ ନିଜ କାଉଣ୍ଟରରେ ୩୦୦ ଗ୍ୟାସ ଭର୍ତ୍ତି ସିଲିଣ୍ଡର ବିକ୍ରି ହେଉଥିବା ବେଳେ ପ୍ରାୟ ୧୦୦ ସିଲିଣ୍ଡର ଗ୍ରାହକଙ୍କ ଘରକୁ ନେଇ ବିକ୍ରି କରୁଛନ୍ତି। ସମୁଦାୟ ଦୈନିକ ୧୧ ହଜାର ୧୫୦ ଟଙ୍କା ଗ୍ରାହକଙ୍କୁ ଠକେଇ କରାଯାଉଥିବା ଗ୍ରାହକ ମାନେ ଅଭିଯୋଗ କରିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏବଂ ଗ୍ୟାସ କମ୍ପାନୀ ପକ୍ଷରୁ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାହକ ମାନେ ଦାବି କରୁଛନ୍ତି। ଏଥିନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର କହିଛନ୍ତି ଯେ, ସବ୍‌ସିଡ ଗୁଡିକ ଗ୍ରାହକଙ୍କ ଜମାଖାତାରେ ଅନ୍‌ଲାଇନ ମାଧ୍ୟମରେ ଆସିବ। କିନ୍ତୁ ଗୃହକୁ ନେଇ ପହଞ୍ଚାଇବା ପାଇଁ ଯଦି ଅଧିକ ଟଙ୍କା ନିଆଯାଉଛି, ଏଥିନେଇ ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବେ ବୋଲି ପ୍ରତିଶୃତି ଦେଇଛନ୍ତି।




### ଦିଗହରା ହୋଇଛି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

## ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ସ୍କୁଲ୍, ଅଙ୍ଗନବାଡ଼ି ଛାତ୍ରଛାତ୍ରୀ

ବିଷମକଟକ,୨୬।୩(ସମିସ): ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର। ବର୍ତ୍ତମାନ ଦିଗହରା ହୋଇପଡିଛି ସ୍ୱାସ୍ଥ୍ୟସେବା। ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି, ହେଲେ ବାସ୍ତବରେ ଏହାର ସଫଳ ରୂପାୟନ ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଛି । ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଟି ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍‌ରେ ଏକ ପ୍ରକାର କୋମାରେ ଗତି କରୁଛି । ଏହି ଯୋଜନା ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଜାରି ରହିଛି। ଏହି ଯୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ଲକ ଅଧୀନରେ ରହିଥିବା ଅଙ୍ଗନବାଡି କେନ୍ଦ୍ର ଏବଂ ସ୍କୁଲଗୁଡ଼ିକରେ ଥିବା (୦-୧୮ ବର୍ଷ)ର ଛାତ୍ରଛାତ୍ରୀଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା। ଏଥି ନିମନ୍ତେ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଦୁଇଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଦଳ ରହିଛନ୍ତି। ଏହି ସ୍ୱାସ୍ଥ୍ୟ ସେବା ଗତ ଦୁଇମାସ ହେବ ସଂପୂର୍ଣ୍ଣ ଦିଗହରା ହୋଇଯାଇଛି। ମୁଖ୍ୟ କାରଣ ହେଉଛି ଭ୍ରାମ୍ୟମାଣ ଦଳ ନିମନ୍ତେ ଗାଡ଼ିର ବ୍ୟବସ୍ଥା ହୋଇପାରୁନାହିଁ। ପୂର୍ବରୁ ଯେଉଁ ଘରୋଇ ଗାଡି ଗୁଡ଼ି ଏହି ସେବାରେ ଲାଗିଥିଲା ସେହି ଗାଡିର ସମୟ ସୀମା ଶେଷ ହୋଇଯାଇଛି। ନୂତନ ଗାଡି ଏଥିରେ ନିୟୋଜିତ କରିବା ପାଇଁ ଟେଣ୍ଡର ଆହ୍ୱାନ ଦିଆଯାଇଛି। ନୂଆ ଟେଣ୍ଡରରେ ଯେଉଁ ୩୧ ହଜାର ଦର ଧାର୍ଯ୍ୟ କରାଯାଇଛି, ସେଥିପାଇଁ କେହି ହେଲେ ଏହି ଟେଣ୍ଡର ପ୍ରକ୍ରିୟାରେ ସାମିଲ ହେଉନାହାନ୍ତି।




ଯଦ୍ୱାରା ଦୀର୍ଘ ଦୁଇମାସ ହେଲା ଏହି ସ୍ୱାସ୍ଥ୍ୟସେବା ବନ୍ଦ ରହିଛି। ଏହି କାରଣ ପାଇଁ ବ୍ଲକର ହଜାର ହଜାର ପିଲା ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ରହୁଛନ୍ତି। ଗାଡ଼ିର ଅଭାବ ଯୋଗୁଁ ସ୍ୱାସ୍ଥ୍ୟସେବା ବନ୍ଦ ହେବା ଚିତ୍ର ସାମ୍ନାକୁ ଆସିଛି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଦଳ ବ୍ଲକ ବିଭିନ୍ନ ଅଞ୍ଚଳରେ ଜନ୍ମ ସମୟରେତ୍ରୁଟି, ରୋଗ,ସ୍ୱାସ୍ଥ୍ୟର ବିକାଶରେ ବିଳମ୍ବ ଘଟୁଥିବା ଯୋଗୁଁ ଜନ୍ମଗତ ରକ୍ତହୀନତା, ଭିଟାମିନ୍ ଇ ଅଭାବ, ଶ୍ରବଣ ହ୍ରାସ, ଦୃଷ୍ଟି ଦୁର୍ବଳତା, ଅଟିଜିମ୍ ଆକ୍ରାନ୍ତଙ୍କୁ ଚିହ୍ନଟ କରିବା ଉପରେ ପ୍ରାଥମିକତା ଦେଇ ମାଗଣା ସେବା ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରିବା ଏହି ଭାମ୍ୟମାଣ ସ୍ୱାସ୍ଥ୍ୟ ଦଳରେ ଦୁଇଜଣ ଆୟୁସ୍ ଡାକ୍ତର, ଜଣେ ପୁରୁଷ ଏବଂ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ ଜଣେ ଫାର୍ମାସିଷ୍ଟ ରହିଥାନ୍ତି । ଏହି ଟିମ୍ ଘରେ ରହିଥିବା ନବଜାତ ଶିଶୁ, ଅଙ୍ଗନବାଡି କେନ୍ଦ୍ରରେ ପ୍ରାକ୍-ସ୍କୁଲ୍ ପିଲା ଏବଂ ସରକାରୀ ଓ ବେସରକାରୀ ସରକାରୀ ସହାୟତା ପ୍ରାପ୍ତ ସ୍କୁଲରେ ସ୍କୁଲ ଯାଉଥିବା ପିଲାଙ୍କ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାର ବ୍ୟବସ୍ଥା ରହିଥିବା ବେଳେ ଗାଡିର ଦୁଇ ମାସ ଅଭାବରୁ ଏହି ସେବା ବନ୍ଦ ରହିଛି। ବ୍ଲକର ୧୭୦ଟି ଅଙ୍ଗନବାଡି କେନ୍ଦ୍ର ଏବଂ ୩୦୦ରୁ ଅଧିକ ସରକାରୀ ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଗତ ଦୁଇ ମାସ ହେବ ଏହି ସେବା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଏଥିପ୍ରତି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ନିଘା ମଧ୍ୟ ପଡ଼ିନାହିଁ। ଏହି ସ୍ୱାସ୍ଥ୍ୟସେବା ବନ୍ଦ ରହିଥିବାରୁ ଭ୍ରାମ୍ୟମାଣ ଦଳରେ ରହିଥିବା କର୍ମଚାରୀମାନଙ୍କୁ ଅନ୍ୟତ୍ର ନିୟୋଜିତ କରାଯାଇଛି। ତେବେ ସେମାନେ ନିଜ କାର୍ଯ୍ୟ କରିବାକୁ କୁଣ୍ଠାବୋଧ ପ୍ରକାଶ କରିବା ସହିତ ଅନୁପସ୍ଥିତ ରହୁଥିବା ସାଧାରଣରେ ଅଭିଯୋଗ ହେଉଛି। ଏ ନେଇ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ହରିହର ବଳଦେବ ଟୁଡୁଙ୍କ ସହ ଯୋଗାଯୋଗ କରାଯାଇଥିଲା। ଭ୍ରାମ୍ୟମାଣ ଦଳ ନିମନ୍ତେ ଗାଡି ଯୋଗାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଟେଣ୍ଡରରେ ଗାଡି ଯୋଗାଇଲେ ଏହି ସ୍ୱାସ୍ଥ୍ୟ ସେବା ସ୍ୱାଭାବିକ ହେବ ବୋଲି ସୂଚନା ମିଳିଛି। ଭାମ୍ୟମାଣ ଦଳର କର୍ମଚାରୀମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ କରାଯାଇଛି ବୋଲି ସେ କରିଛନ୍ତି।

### ● ନୂଆ ରୂପରେ ରାଣୀ ଡୁଡୁମା

## ମନମୋହୁଛି ବନ ବିଭାଗର ଚିଲ୍ଡ୍ରେନ୍ ବୋଟ୍

ନନ୍ଦପୁର,୨୬।୩(ସମିସ): ନୂଆ ରୂପରେ ରାଣୀ ଡୁଡୁମା। ଆଗକୁ ଗ୍ରୀଷ୍ମ ଛୁଟି ଆସୁଥିବାରୁ ବନ ବିଭାଗ ପକ୍ଷରୁ ନୂଆ ପ୍ରୟାସ କରାଯାଇଛି। ଏଥର କୁନି ପିଲାଙ୍କ ମନ ଜିଣିଛି ବନ ବିଭାଗ । ଚିଲ୍‌ଡ୍ରେନ୍ ପାର୍କ ପରେ ବର୍ତ୍ତମାନ ଚିଲ୍‌ଡ୍ରେନ୍ ବୋଟ ଚାଲୁ କରାଯାଇଛି। ଯାହା ବର୍ତ୍ତମାନ କୁନି ପିଲାଙ୍କୁ ଅଧିକ ଆକୃଷ୍ଟ କରିଛି। ରାଣୀ ଡୁଡୁମା ପରିସରରେ ବୁଧବାର ସନ୍ଧ୍ୟାରେ ବନ ବିଭାଗ ପକ୍ଷରୁ ପିଲାଙ୍କ ପାଇଁ ବୋଟ ବ୍ୟବସ୍ଥା କରାଯାଇଛି । ଆଗକୁ ଗ୍ରୀଷ୍ମ ଛୁଟି ଆସୁଥିବା ବେଳେ ଛୁଟିରେ ପିଲାଙ୍କ ମନୋରଞ୍ଜନ ପାଇ ବନ ବିଭାଗ ରାଣୀ ଡୁଡୁମା ପରିସରରେ ପିଲାଙ୍କ ପାଇଁ ବୋଟ ବ୍ୟବସ୍ଥା କରିଛନ୍ତି । ସେଥିପାଇଁ ସବୁ ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଛନ୍ତି ଫରେଷ୍ଟର ଗୋପୀନାଥ ପାଙ୍ଗି । ତେବେ ଏହାର ପରିଚାଳନା ଦାୟିତ୍ୱ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ଅବଲମ୍ବନ କରାଯାଇ ଥିବା ଦେଖା ଦେଇଛି । ତେବେ ନୂଆ ରୂପରେ ଚଳିତ ଗ୍ରୀଷ୍ମ ଛୁଟିରେ ରାଣୀ ଡୁଡୁମା ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି କୁହାଯାଉଛି। ତେବେ ରାଣୀ ଡୁଡୁମା ପ୍ରାକୃତିକ ସୌନ୍ଦର୍ଯ୍ୟ ସହ କୃତିମ ଉପହାର ପର୍ଯ୍ୟଟନ ସ୍ଥଳୀକୁ ନୂଆ ରୂପ ଦେଇଛି । ସେପଟେ ଫରେଷ୍ଟର ଗୋପୀନାଥ ପାଙ୍ଗି କହିଛନ୍ତି, ଖାସ୍ କରି ପିଲାମାନଙ୍କ ପାଇଁ ଦୃଷ୍ଟିରେ ରଖି ଅନେକ କାର୍ଯ୍ୟ ହାତକୁ ନିଆଯାଇଛି। ଆଗକୁ ଅନେକ ନୂଆ ନୂଆ ଉଦ୍ୟମ କରାଯାଉଛି। ଯାହା ଗୋଟିଏ ପାରିବାରିକ ପର୍ଯ୍ୟଟନ ସ୍ଥଳୀ ହେବ । ସମସ୍ତେ ପରିବାର ସହିତ ଆସି ବଣ ଭୋଜି, ପ୍ରାକୃତିକ ଦୃଶ୍ୟ ଦେଖି ଆନନ୍ଦ ଉପଭୋକ କରିବେ ବୋଲି କହିଛନ୍ତି।



## ଖରକି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାପଡାହାଣ୍ଡି,୨୬।୩ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ଡେଙ୍ଗାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ସରକାରୀ ଖରକି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବାର୍ଷିକ ଉତ୍ସବ ଆରମ୍ଭରୁ ଗଣେଶଙ୍କ ପ୍ରତିମୂର୍ତ୍ତି ଠାରେ ଧୂପ ଦୀପ ଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହି କାର୍ଯ୍ୟକ୍ରମର ସଭାପତି ତଥା ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ବେହେରା କାର୍ଯ୍ୟକ୍ରମ ଆରମ୍ଭରୁ ବାର୍ଷିକ ବିବରଣୀ ପ୍ରଦାନ କରି ବିଦ୍ୟାଳୟର ଆବଶ୍ୟକତା ବିଷୟରେ ଅତିଥିଙ୍କୁ ଜଣାଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ , ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଲୋକସଭା ସାଂସଦ ପ୍ରତିନିଧି ସମନାଥ ପୂଜାରୀ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବଳରାମ ମାଝି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ବ୍ଲକ ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡା, ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ମଞ୍ଚାସିନ ଥିଲେ। ସାଂସଦ ପ୍ରତିନିଧି ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ସମ୍ପର୍କ କେମିତି ହେବା ଦରକାର ସେ ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇ ଥିଲେ। ସମ୍ମାନିତ ଅତିଥି ସୁଶାନ୍ତ ବେହେରା ଛାତ୍ରଛାତ୍ରୀଙ୍କୁ ଭଲ ପାଠ ପଢି ଭଲ ମଣିଷ ହେବାକୁ ଚେଷ୍ଟା କରି ନିଜ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ନିଜ ଗ୍ରାମର ନାମ ରଖିବାକୁ ପ୍ରତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ତାଙ୍କ ଜୀବନୀ, ପାଠପଢା ଏହି ଆଶ୍ରମ ବିଦ୍ୟାଳୟରୁ ଆରମ୍ଭ କରିଥିଲେ। ସେହି ସମୟରେ ବହୁ କଷ୍ଟ ଏବଂ ବହୁ ଅସୁବିଧାରେ ଆଶ୍ରମ ବିଦ୍ୟାଳୟରେ ପାଠ ପଢିଥିଲେ। ବର୍ତ୍ତମାନ ଆଶ୍ରମ ବିଦ୍ୟାଳୟର ଚିତ୍ର ଏବଂ କାୟା ପରିବର୍ତ୍ତନ ହୋଇଛି ବୋଲି କହିଥିଲେ। ତାଙ୍କ ଅଭିଭାଷଣରେ ମିସାଇଲ ମ୍ୟାନ୍ ପୂର୍ବତନ ରାଷ୍ଟ୍ରପତି ଅବଦୁଲ କାଲାମଙ୍କ ଉଦାହରଣ ଦେଇ ତାଙ୍କ ଭଳି କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମଞ୍ଚ ପରିଚାଳନା ଅରୁଜା ସାମଲ କରିଥିଲେ। ଶିକ୍ଷକ ବିଭୁ ପଦାରବିନ୍ଦ ବରାଡ଼ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯକ୍ରମକୁ ଶିକ୍ଷକ ଶିକ୍ଷୟିତ୍ରୀ ବିଭୁ ପଦାରବିନ୍ଦ ବରାଡ଼ , ଖଗେଶ୍ୱର ଭୋଇ, ଉପେନ୍ଦ୍ର ସେଠୀ, ବିନୀତ ଠାକୁର, ସୁଶ୍ରୀ ସଂଗୀତ ଖସଲା, ମେଟ୍ରନ ସ୍ୱାତୀ ଜଗଦେବ ସଫଳ କରିବାରେ ସହଯୋଗ କରିଥିଲେ।



## ଜିଲ୍ଲାରେ ପଶୁ ଟୀକାକରଣ କାର୍ଯ୍ୟକ୍ରମ

କୋରାପୁଟ,୨୬।୩(ସମିସ): କୋରାପୁଟ ଜିଲ୍ଲାରେ ପଶୁ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେଇ ମିଶନ୍ ମୋଡ୍‌ରେ ପଶୁ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ତଥା ରୋଗ ନିରାକରଣ ଅଧିକାରୀ ଡା. ପରୀକ୍ଷିତ କୁଣ୍ଡୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଦର୍ଶନ ସାହୁ ପ୍ରମୁଖ ଯୋଗ ଦେଇ ଟୀକାକରଣର ଉପଯୋଗୀତା ଓ ଆନ୍ଥ୍ରାକ୍ସ ରୋଗ ନିରାକରଣ ପାଇଁ ଗୃହପାଳିତ ପଶୁଙ୍କ ନିମନ୍ତେ ନିଃଶୁଳ୍କ ଟୀକାକରଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ, ପଞ୍ଚାୟତିରାଜ ବିଭାଗ, ଆଇସିଡିଏସର ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ, କୋରାପୁଟର ପ୍ରଫେସର ଡାକ୍ତର ରମେଶ କୁମାର ବିଶ୍ୱାଳ ଆନ୍ଥ୍ରାକ୍ସ ରୋଗର ଚିକିତ୍ସା ଓ ଜନ ସଚେତନତାର ବ୍ୟାପକ ପ୍ରସାର ପାଇଁ ନିବେଦନ କରିଥିଲେ। ପୋଡାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ସହିଦ ଲକ୍ଷ୍ମଣ ନାୟକ ସଭା ପରିଚାଳନା ଡାକ୍ତର ସୁଧାକର ବେହେରା, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ଗ୍ରାମୀଣ ସ୍ୱାସ୍ଥ୍ୟ ତାଲିମ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ପିନାକି ପିୟୁଷ ପାତ୍ର, ଆନ୍ଥ୍ରାକ୍ସ ରୋଗର ଲକ୍ଷଣ ଓ ପ୍ରାଣୀଙ୍କ ଠାରୁ କିପରି ଲୋକଙ୍କୁ ବ୍ୟାପିଥାଏ ସେ ସମ୍ପର୍କରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇସିଏମଆର ଆଞ୍ଚଳିକ ଚିକିତ୍ସା ଗବେଷଣା କେନ୍ଦ୍ର ଆରଏମଆରସି ତରଫରୁ ବୈଜ୍ଞାନିକ ଡ.ହରିରାମ ଚୌଧୁରୀ ଏବଂ ବୈଜ୍ଞାନିକ ଡା.ଅମିୟ ରଞ୍ଜନ ମହାନ୍ତ ଉପସ୍ଥିତ ରହି ସମସ୍ତ ସହଭାଗୀ ବିଭାଗର ସମନ୍ୱୟ ଓ ସହଯୋଗ ମାଧ୍ୟମରେ ରୋଗ ଦୂରୀକରଣ ସମ୍ଭବ ବୋଲି ସୂଚନା ଦେଇଥିଲେ। ଦଶମନ୍ତପୁର ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସୁଧାକର ବେହେରା ମଞ୍ଚ ପରିଚାଳନା କରିଥିଲେ। ୱାନହେଲଥ ଟିମର ଅଗ୍ରଣୀ କାର୍ଯ୍ୟକର୍ତ୍ତା ବିରେନ କୁମର ପାଡୀ, ସେଖ ତାହିର ଅଲ୍ଲୀ, ପାର୍ଥ ସାରଥି ପାତ୍ର, ରାମାୟଣ ପ୍ରସାଦ ବରାଳ ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୋରାପୁଟ ଜିଲ୍ଲାପାଳ ଆନ୍ଥ୍ରାକ୍ସ ଟିକକରଣ ବ୍ୟାପକ କରିବା ପାଇଁ ଡିଏମ୍‌ଏଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି।



## ଜିଲ୍ଲାପାଳଙ୍କ ସହ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ଆଲୋଚନା

ମାଲକାନଗିରି,୨୬।୩ (ସମିସ): ମାଲକାନଗିରି ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଦାୟିତ୍ୱ ନେଇ ଥିବା ବେଳେ ଆଜି ସୌଜନ୍ୟ ମୂଳକ ସାକ୍ଷାତ କଲା ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ। ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ରଙ୍କ ନେତୃତ୍ୱରେ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟ ମାନେ ଆଜି ଜିଲ୍ଲାପାଳ ଶ୍ରୀ ରାଜସିର୍କେଙ୍କ ସହ ସାକ୍ଷାତ କରି ଜିଲ୍ଲାର ବିଭିନ୍ନ ବିକାଶ ଦିଗରେ ଆଲୋଚନା କରିଛନ୍ତି। ଉତ୍କଳ ସାମ୍ବାଦିକ ସଂଘ ସଭାପତି ଶ୍ରୀ ମିଶ୍ର ପ୍ରଥମେ ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ଜିଲ୍ଲାପାଳଙ୍କୁ ସମ୍ମାନିତ କରିଥିଲେ। ପରେ ଜିଲ୍ଲାର ବିଭିନ୍ନ ବିକାଶ ଯଥା ଜିଲ୍ଲା ସଦର ଦେଇ ଯାଉଥିବା ଜାତୀୟ ରାଜପଥର ରିଙ୍ଗ ରୋଡ଼ ନିର୍ମାଣ, ବଣ୍ଡା ଘାଟିରେ କଫି ଚାଷ କରିବା ସହ ଏହାର ବିକାଶ ଦିଗରେ ଗୁରୁତ୍ୱ, ପର୍ଯ୍ୟଟନ କ୍ଷେତ୍ରରେ ଗୁରୁତ୍ୱାରୋପ, ସ୍ୱାଭିମାନ ଅଞ୍ଚଳରେ ଜାଫ୍ରା ଏବଂ ଡ୍ରାଗନ ଫଳ ଚାଷ, ତୁରନ୍ତ ରେଲୱେ ପ୍ରକଳ୍ପ ଆରମ୍ଭ, ଜିଲ୍ଲାରେ ବିମାନ ସେବା ଆରମ୍ଭ, ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ସହ ପର୍ଯ୍ୟଟନ କ୍ଷେତ୍ରରେ ପଦକ୍ଷେପ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା। ଏଥିସହ ଜିଲ୍ଲାପାଳ ଶ୍ରୀ ରାଜସିର୍କେ ଜିଲ୍ଲାର ବିକାଶ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ମଧ୍ୟ ଏଥିରେ ପୂର୍ଣ୍ଣ ସହଯୋଗ କରିବ ଓ ଜିଲ୍ଲାପାଳ ଜିଲ୍ଲା ବିକାଶର ସାରଥୀ ହୁଅନ୍ତୁ ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ଜିଲ୍ଲାର କୋଣ ଅନୁକୋଣକୁ ସଂଯୋଗ କରିବାକୁ ହେଲେ ପ୍ରଥମେ ରାସ୍ତା ଘାଟ ନିର୍ମାଣ କରିବା ଆବଶ୍ୟକ । ତେଣୁ ଜିଲ୍ଲାପାଳ ଏହି ଦିଗରେ ନିଶ୍ଚୟ ପଦକ୍ଷେପ ନେବେ ବୋଲି କହିଥିଲେ। ସାମ୍ବାଦିକମାନେ ଜିଲ୍ଲା ବିକାଶରେ ସହାୟକ ହେଲେ ଆହୁରି ଏହି ଜିଲ୍ଲାର ବିକାଶ ହୋଇପାରିବ, ତେଣୁ ସାମ୍ବାଦିକ ମାନଙ୍କ ସହଯୋଗ ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ଆଜିର ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ ଉତ୍କଳ ସାମ୍ବାଦିକ ସଂଘ ସମ୍ପାଦକ ବି ଶ୍ରୀନିବାସ ପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମଲ୍ଲ, କୋଷାଧ୍ୟକ୍ଷ ହୃଷିକେଶ ସେଠୀ, ଭଗବାନ ସାହୁ, ବିକ୍ରମ କେଶରୀ ସ୍ୱାଇଁ, ଦିଲ୍ଲୀପ ପଟ୍ଟନାୟକ, ମନୋଜ ସାହା, ରାହୁଲ ଗଲୋରୀ, ପ୍ରଦୀପ ମହାରଣା, ସୁଧାଂଶୁ ଶେଖର ମହାନ୍ତି, ବାଦଲ ବିଶ୍ୱାଳ, ବିଟୁ ରାଓ, ବିଜୟ ଶାହା, ମାଣିକ ବାଚାର ଓ ମୃଣାଳ ମଣ୍ଡଳଙ୍କ ସମେତ ସଂଘର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



## ନିଆଁ ଲାଗି ଜଳିଗଲା ୫ ଏକର ଆଖୁବାଡ଼ି



କୋଷାଗୁମୁଡ଼ା,୨୬।୩(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ସନ୍ତୋଷପୁର ପଞ୍ଚାୟତର କଦଭଟା ଗ୍ରାମରେ ପ୍ରାୟ ୪ରୁ ୫ ଏକର ଆଖୁ ବାଡ଼ି ନିଆଁରେ ଜଳିଯାଇଛି । ସୂଚନା ମୁତାବକ କୋଣସି ଜଣେ ବ୍ୟକ୍ତି ନିଜର ଆଖୁ କାଟିଲା ପରେ ସେଠାରେ ଥିବା ଶୁଖିଲା ପତ୍ରକୁ ନିଆଁ ଲଗାଇ ଚାଲି ଯାଇଥିଲେ । ସେଇ ନିଆଁ କ୍ରମଶଃ ମାଡି ଆସି ନିକଟସ୍ଥ ଆଖୁବାଡ଼ରେ ଲାଗିଯାଇଥିଲା। ନିଆଁକୁ ଆୟତ୍ତ କରିନପାରି ଗ୍ରାମର ଲୋକେ କୋଷାଗୁମୁଡା ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଦମକଳ ବାହିନୀର ଟିମ ଆସିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ସେଠାରେ ଦମକଳ ଗାଡ଼ି ଯିବାପାଇଁ ରାସ୍ତା ନଥିବା କାରଣରୁ ଗାଁ ମୁଣ୍ଡରେ ଅଧାରେ ଅଟକି ରହିଯାଇଥିଲା। କିନ୍ତୁ ଅଗ୍ନିଶମ କର୍ମଚାରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ନିଆଁ ବ୍ୟାପି ପାରିନଥିଲା। ଅଗ୍ନିଶମ ବାହିନୀ ବ୍ଲୋୟର ମାଧ୍ୟମରେ ଏବଂ ଡାଳ ମାଧ୍ୟମରେ ନିଆଁକୁ ଆୟତ୍ତ କରିଥିଲେ। ବର୍ତ୍ତମାନ ଚାଷୀ ଧାର କରଜ କରି କରିଥିବା ଋଣ କିପରି ଶୁଝିବେ ବୋଲି ଚିନ୍ତାରେ ପଡିଛନ୍ତି।

## ହିଣ୍ଡାଲ୍‌କୋ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପର ଶୁଭାରମ୍ଭ




ସେମିଲିଗଡ଼ା,୨୬।୩(ସମିସ): ହିଣ୍ଡାଲକୋ କମ୍ପାନୀ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମ ଅଧୀନରେ କୋରାପୁଟ ଜିଲ୍ଲାର ସେମିଲିଗୁଡ଼ା ହାଟପଦା ଭେଣ୍ଡିଂ ଜୋନ୍ ଠାରେ ଏକ ମଡେଲ ପାନୀୟ ଜଳ ଯୋଗାଣ ସୁବିଧା ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ସୁନାବେଡା ପୌର ପରିଷଦ ଅନ୍ତର୍ଗତ ୧୮ ନଂ ୱାର୍ଡରେ ଥିବା ବିଜୁ ପଟ୍ଟନାୟକ ଭେଣ୍ଡିଂ ଜୋନ୍ ଠାରେ କମ୍ପାନୀ ପକ୍ଷରୁ ଏକ ସୌରଚାଳିତ ମଡେଲ ପାନୀୟ ଜଳ ଯୋଗାଣ ପ୍ରକଳ୍ପଟିକୁ ସୁନାବେଡା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଉକ୍ତ ପ୍ରକଳ୍ପ ଦ୍ୱାରା ଏଠାରେ ଥିବା ଭେଣ୍ଡିଙ୍ଗ ଜୋନର ବ୍ୟବସାୟୀ, ଗ୍ରାହକ ଏବଂ ପଥଚାରୀ ଦିବାରାତ୍ରି ବିଶୁଦ୍ଧ ପିଇବା ପାଣି ପାଇପାରିବେ। ଏହି ଜଳ ଯୋଗାଣ ପ୍ରକଳ୍ପରେ ସ୍ୱୟଂ ଚାଳିତ ମଟର ଦ୍ୱାରା ଭୂତଳ ଜଳକୁ ବିଶୋଧନ କରାଯାଇ ଖରାଦିନେ ଥଣ୍ଡା ଏବଂ ଅନ୍ୟ ଦିନ ମାନଙ୍କରେ ସାଧାରଣ ପାଣି ଯୋଗାଇବାର ବ୍ୟବସ୍ଥା ରହିଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷଙ୍କ ସମେତ ହିଣ୍ଡାଲକୋ କମ୍ପାନୀ ସେମିଲିଗୁଡାର ମାନବ ସମ୍ବଳ ବିଭାଗର ମୁଖ୍ୟ ଅମିତ ସର, ସିଏସଆରର ମୁଖ୍ୟ ପ୍ରକାଶ ସାହୁ ଓ ପ୍ରଶାସନିକ ମୁଖ୍ୟ ସନ୍ତୋଷ ପଟ୍ଟନାୟକ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୁନାବେଡା ମ୍ୟୁନିସପାଲିଟି ଠିକାଦାର ସଂଘର ସଭାପତି ତ୍ରିନାଥ କଣ୍ଡା, ବଜାର କମିଟି ସଭାପତି ଏମ୍‌କେଏସଭି ରମେଶ, ବରିଷ୍ଠ ନାଗରିକ ସଂଘର ସଭାପତି, ୨୮ ନମ୍ବର ୱାର୍ଡର କାଉନ୍‌ସିଲର ମମତା ରାୟ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

## ‘ଓଡ଼ିଆ ପକ୍ଷ-୨୦୨୬’ ପାଳନ ପାଇଁ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୨୬।୩(ସମିସ): ଆସନ୍ତା ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସ ଠାରୁ ଏପ୍ରିଲ ୧୪ ତାରିଖ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ‘ଓଡ଼ିଆ ପକ୍ଷ-୨୦୨୬’ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ପିରାମଲ ଫାଉଣ୍ଡେସନ କାର୍ଯ୍ୟାଳୟ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ୧୪ ଦିନିଆ କାର୍ଯ୍ୟକ୍ରମ ଅନୁଯାୟୀ, ଏପ୍ରିଲ ୧ରେ ଓଡ଼ିଶା ଦିବସ ଅବସରରେ ପ୍ରଭାତ ଫେରି, ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସଭା, ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପରିଚାଳିତ ହେବ। ଏପ୍ରିଲ ୨ରେ ଖଡ଼ିଛୁଆଁ ଦିବସ ଜିଲ୍ଲା ଶିକ୍ଷା ଓ ମଙ୍ଗଳ ବିଭାଗ ପକ୍ଷରୁ, ୩ରେ ପାରମ୍ପରିକ ପୋଷାକ ଦିବସ ହସ୍ତଶିଳ୍ପ ଓ ବୟନ ଶିଳ୍ପ ଉପ-ନିର୍ଦ୍ଦେଶକଙ୍କ ପକ୍ଷରୁ ଏବଂ ୪ରେ ଓଡ଼ିଆ ନାମଫଳକ ଅଭିଯାନ, ସଚେତନତା ପଦଯାତ୍ରା ଜିଲ୍ଲା ଶ୍ରମ ବିଭାଗ ଦ୍ୱାରା ଆୟୋଜିତ ହେବ। ସେହିପରି ୫ରେ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ନେତୃତ୍ୱରେ ଗଣ ଦୌଡ଼, ୬ରେ ପର୍ଯ୍ୟଟନ କାୟ୍ୟାଳୟ ଦ୍ୱାରା ଐତିହ୍ୟ ସ୍ଥଳୀ ,ଦେବାଳୟ, ପର୍ଯ୍ୟଟନ ସ୍ଥଳୀ ସ୍ୱଚ୍ଛତା ଅଭିଯାନ, ୭ରେ ଜିଲ୍ଲା ଶିକ୍ଷା ଓ ସଂସ୍କୃତି ବିଭାଗ ଦ୍ୱାରା ବର୍ଣ୍ଣବୋଧ ବଣ୍ଟନ ଏବଂ ୮ରେ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏପ୍ରିଲ ୯ରେ ନବରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହଯୋଗରେ “ଆସ ବହିଟିଏ କିଣିବା’ କାର୍ଯ୍ୟକ୍ରମ ଓ ୧୦ରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଦ୍ୱାରା ଲୋକକଳା ଦିବସ ପାଳିତ ହେବ। ପକ୍ଷର ଶେଷ ଭାଗରେ ଏପ୍ରିଲ ୧୧ ଓ ୧୨ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଯୁବ ଲେଖକ ସମ୍ମିଳନୀ ଓ ବରପୁତ୍ରଙ୍କ ଉପରେ ଆଲୋଚନାଚକ୍ର ହେବ। ୧୩ରେ ପାରମ୍ପରିକ ଖାଦ୍ୟ ଦିବସ ଓ ୧୪ରେ ଓଡ଼ିଆ ନବବର୍ଷ ଉପଲକ୍ଷେ ଝୋଟି, ମୁରୁଜ ଓ ପିଠାପଣା ପ୍ରତିଯୋଗିତା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ। ବ୍ଲକସ୍ତରରେ ସମସ୍ତ କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ବୈଠକରେ ପୂର୍ବ ବର୍ଷର କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା କରାଯିବା ସହ ଚଳିତ ବର୍ଷର ସମସ୍ତ କାର୍ଯ୍ୟକ୍ରମକୁ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ଓ ସରକାରୀ ୱେବସାଇଟରେ ବ୍ୟାପକ ପ୍ରଚାର କରିବାକୁ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ବିଶ୍ୱଜିତ ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଛୋଟ ରାୟ ଟୁଡୁ, ନବରଙ୍ଗପୁର ପୌରପାଳିକା ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଆଗାମୀ ୧୪ ଦିନିଆ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସହଯୋଗ କାମନା କରିଥିଲେ।



# ସମ୍ପାଦକୀୟ



ଗଣମାଧ୍ୟମ ଯେଉଁ ବିଷୟକୁ ବିଶ୍ୱସନୀୟ ବୋଲି କହେ ଜନସାଧାରଣ ତା'କୁ ହିଁ ବିଶ୍ୱାସ କରନ୍ତି।

-ଜର୍ଜ ଅରୱେଲ୍

ସକାଳ
THE SAKALA

## ଓଡ଼ିଶାରେ ଧର୍ମବିଦ୍ୱେଷ!

ଯେଉଁ ରାଜ୍ୟ କେବେ ସାମ୍ପ୍ରଦାୟିକ ହିଂସା ଦେଖିନଥିଲା ସେଠାରେ ଗତ ବର୍ଷକ ଭିତରେ ୧୨୨ଟି ସାମ୍ପ୍ରଦାୟିକ ହିଂସା ବା ଧର୍ମାନ୍ଧତା ଦଙ୍ଗା ସଂଘଟିତ ହୋଇଛି। ଏକଥା ଖୋଦ୍ ଓଡ଼ିଶା ସରକାରଙ୍କ ଶ୍ୱେତପତ୍ର କହୁଛି। ରାଜ୍ୟ ବିଧାନସଭାରେ ଉପସ୍ଥାପିତ ଗୃହ ମନ୍ତ୍ରଣାଳୟର ଶ୍ୱେତପତ୍ର ଅନୁଯାୟୀ, ୨୦୨୫ରେ ହିନ୍ଦୁ-ମୁସ୍‌ଲିମ ମଧ୍ୟରେ ୧୦୬ଟି ଏବଂ ହିନ୍ଦୁ-ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟମଧ୍ୟରେ୧୬ଟି ଉତ୍ତେଜନା ଓ ହିଂସାତ୍ମକ ଘଟଣା ସଂଘଟିତ ହୋଇଛି। ଏହି ଘଟଣା ସହିତ ସମ୍ପୃକ୍ତି ଅଭିଯୋଗରେ ୧୬୫ଟି ଫୌଜଦାରୀ ମାମଲା ରୁଜୁ କରାଯାଇଛି। ସେହିଭଳି ୨୦୨୫ରେ ୧୦୯୫ଟି ଦଙ୍ଗା ମାମଲା ରାଜ୍ୟର ବିଭିନ୍ନ ଥାନାରେ ରୁଜୁ କରାଯାଇଛି, ଯେଉଁଥିରୁ ୪୯୮ଟିରେ ଚାର୍ଜସିଟ୍ ଦାଖଲ ହୋଇଛି।

ଗରିବ ହେଲେ ମଧ୍ୟ ଭାଇଚାରା ଓ ଶାନ୍ତିପ୍ରିୟ ରାଜ୍ୟ ଭାବେ ଓଡ଼ିଶାର ସୁନାମ ସାରା ଦେଶରେ ରହିଥିଲା। କେଉଁଠି ମୁସଲମାନ୍ ସମ୍ପ୍ରଦାୟ ପରିବାର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଆୟୋଜନ କରୁଥିଲେ ତ କେଉଁଠାରେ ହିନ୍ଦୁ-ମୁସଲିମ୍ ପରିବାର ମିଶି ସତ୍ୟନାରାୟଣ ପୂଜା କରୁଥିଲେ। ସାହିସାହିରେ ଆୟୋଜିତ ପର୍ବପର୍ବାଣିରେ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଉଭୟ ଧର୍ମର ଉତ୍ସବମାନ ଆନନ୍ଦ ଓ ଶାନ୍ତି ସହାବସ୍ଥାନରେ ପାଳିତ ହୋଇଆସୁଥିଲା। କେବେ କେଉଁଠି କାଁଭାଁ ଧର୍ମାନ୍ତରୀକରଣ ଜନିତ ଘଟଣା ଓ ଛୋଟମୋଟ ସାମ୍ପ୍ରଦାୟିକ ଗଣ୍ଡଗୋଳ ଦୃଷ୍ଟିକୁ ଆସୁଥିଲା। ପ୍ରଶାସନିକ ହସ୍ତକ୍ଷେପରେ ତାହାର ସମାଧାନ ହୋଇଯାଉଥିଲା। କିନ୍ତୁ ୨୦୨୪ରେ ଶାସନ ପରିବର୍ତ୍ତନ ପରେ ଓଡ଼ିଶାରେ କ୍ରମାଗତ ଭାବେ ଆଶଙ୍କା ଅନୁରୂପ ଧର୍ମଗତ ବିଦ୍ୱେଷ ଓ ସାମ୍ପ୍ରଦାୟିକ ଅସୂୟା ବଢ଼ିବାରେ ଲାଗିଛି। ଭାଇଚାରାର ସହର କଟକରେ ଗତବର୍ଷ ଦୁର୍ଗାପୂଜା ଭସାଣିରେ ସାମ୍ପ୍ରଦାୟିକତାର ଉଗ୍ର ରୂପ ଦେଖିବାକୁ ମିଳିଥିଲା ବେଳେ ମାଲକାନଗିରି ଜିଲ୍ଲା ଆଉ ଏକ ମଣିପୁରର ରୂପ ନେବାରୁ ଅଳ୍ପକେ ବର୍ତ୍ତିଯାଇଥିଲା। ଏହାଛଡ଼ା ରାଜ୍ୟରେ ଅନେକ ଅଞ୍ଚଳରେ ସାମ୍ପ୍ରଦାୟିକ ଉତ୍ତେଜନା ହିଂସାର ରୂପ ନେଇଛି। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯେଉଁଠାରେ ଶାନ୍ତିର ରାଜୁତି ଓ ସହାବସ୍ଥାନ ଥିଲା ସେଠାରେ ଶାସନ ପରିବର୍ତ୍ତନ ସହିତ ହଠାତ୍ ହିଂସା ଓ ଅଶାନ୍ତିର ପ୍ରବେଶ ହେଲା କେମିତି? ଯେଉଁମାନେ ଧର୍ମନିରପେକ୍ଷତାକୁ ଗ୍ରହଣ କରିସାରିଥିଲେ ସେମାନଙ୍କ ମନରେ ସାମ୍ପ୍ରଦାୟିକତାର ବିଦ୍ୱେଷର ମଞ୍ଜି ବୁଣିଲା କିଏ? ଏଥିରେ ତୃତୀୟ ପକ୍ଷର ଭୂମିକା ନିଶ୍ଚୟ ସନ୍ଦେହଘେରକୁ ଆସୁଛି।

ବର୍ତ୍ତମାନ ଲୋକେ ଧର୍ମ ନୁହେଁ, ସହାବସ୍ଥାନ ଓ ପ୍ରଗତି ଚାହୁଁଛନ୍ତି। ସରକାର ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଓ ରୋଜଗାର ନିଶ୍ଚିତତା ପ୍ରଦାନ କରନ୍ତୁ। ସାମ୍ପ୍ରଦାୟିକତା ଭିତ୍ତିରେ ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଧର୍ମର ନାରା ଅପେକ୍ଷା ପ୍ରଗତିର ପରିଭାଷାର ଅଧିକ ପ୍ରଚାର ପ୍ରସାର ଆବଶ୍ୟକ। ସାମ୍ପ୍ରଦାୟିକତାରୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଫାଇଦା ମିଳୁଥାଇପାରେ; କିନ୍ତୁ ସାମଗ୍ରିକ ସ୍ୱାର୍ଥର ଏହା ପରିପନ୍ଥୀ। ●

## ଡିଡିଜିଟାଲାଇଜେସନ୍

କର୍ଣ୍ଣାଟକରେ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସ୍ମାର୍ଟଫୋନ୍ ବ୍ୟବହାରରେ କଟକଣା ପାଇଁ ସେଠାକାର ସରକାର ଏକ ନୀତିଗତ ଚିଠାପ୍ରସ୍ତାବ ଆଗତ କରିଛନ୍ତି। ଏହି ପ୍ରସ୍ତାବ ଅନୁଯାୟୀ ୧୬ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀଙ୍କ ପାଇଁ ମୋବାଇଲ୍ ସ୍କ୍ରିନ୍‌ରେ ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ ବିଷୟବସ୍ତୁ ଦେଖିବାକୁ କେବଳ ୧ ଘଣ୍ଟା ମିଳିବ। ସନ୍ଧ୍ୟା ୭ଟା ପରେ ସେମାନଙ୍କ ମୋବାଇଲ୍ ହ୍ୟାଣ୍ଡସେଟ୍‌ରେ ଇଣ୍ଟରନେଟ୍ ସଂଯୋଗ ଆପେ ଆପେ ବନ୍ଦ ହୋଇଯିବ। ଏହି କଟକଣା କାର୍ଯ୍ୟକାରିତାରେ ସୁବିଧା ପାଇଁ ଆଧାର ଭିତ୍ତିକ ସାଇନ୍‌ଅପ୍ ବା ଆକାଉଣ୍ଟ ଖୋଲିବାକୁ ବାଧ୍ୟତାମୂଳକ କରାଯାଇଛି। ଅନେକ ଦୃଷ୍ଟିକୋଣରୁ ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବର୍ଣ୍ଣନା କରାଯାଇପାରେ।

ଏକ ସର୍ବେକ୍ଷଣ ଅନୁଯାୟୀ ଭାରତୀୟ କିଶୋରମାନଙ୍କ ମଧ୍ୟରୁ ୨୫% ଇଣ୍ଟରନେଟ୍ ଆସକ୍ତ ଥିବା ଏବଂ ତାହାର ପ୍ରଭାବରେ ଉନ୍ମାଦନା, ନିଦ୍ରାହୀନତା, ଅନ୍ୟମନସ୍କତା, ଅବସାଦ ସହିତ ଆପରାଧିକ ମାନସିକତା ବୃଦ୍ଧି ପାଉଥିବା ଜଣାପଡ଼ିଛି। ଏହିକାରଣରୁ ପିଲାମାନଙ୍କୁ କିଭଳି ସ୍ମାର୍ଟଫୋନ୍ ଓ ସାମାଜିକ ଗଣମାଧ୍ୟମରୁ ଦୂରେଇ ରଖାଯାଇପାରିବ ସେ ବିଷୟରେ ବୁଦ୍ଧିଜୀବୀ ଓ ସାମାଜିକ ବିଜ୍ଞାନୀମାନେ ମତ ଦେଇ ଆସୁଥିଲେ। ଗତବର୍ଷ ପ୍ରଥମ ରାଜ୍ୟ ଭାବେ କର୍ଣ୍ଣାଟକ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ବିଶେଷଜ୍ଞ, ଶିକ୍ଷାବିତ୍, ସାମାଜିକ ସଂସ୍ଥା ଆଦି ସହିତ ଆଲୋଚନା ଓ ବିଚାରବିମର୍ଶକ୍ରମେ କମିଟି ଦେଇଥିବା ରିପୋର୍ଟ ଅନୁଯାୟୀ ଯେଉଁ ନୀତିଗତ ଚିଠାପ୍ରସ୍ତାବ ସରକାର ଆଗତ କରିଛନ୍ତି ତାହା ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମାନସିକ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ, ଶିକ୍ଷା ବିଭାଗ ଓ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ ବିଜ୍ଞାନ ଅନୁଷ୍ଠାନ(ନିମ୍‌ହାନ୍‌ସ) ଦ୍ୱାରା ମିଳିତ ଭାବେ ବିକଶିତ ହୋଇଛି।

କେବଳ ସରକାର ଚାହିଁଲେ ଏହା ସଫଳ ହେବ ନାହିଁ। ତେଣୁ ଏହି ନୀତିଗତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଅଭିଭାବକ, ଶିକ୍ଷକ, ଛାତ୍ରଛାତ୍ରୀଙ୍କ ସହାୟତା ନେବାକୁ ସରକାର ଚିନ୍ତା କରୁଛନ୍ତି। ଆଉ ଏକ ଉଲ୍ଲେଖନୀୟ ଘଟଣାକ୍ରମେ ହ୍ୱାଟ୍‌ଆସପ୍ ଗ୍ରୁପ୍ ଯୋଗାଯୋଗ ପରିବର୍ତ୍ତେ ପାରମ୍ପରିକ ଡାଏରୀ ପଦ୍ଧତି ଜରିଆରେ ପିତାମାତାଙ୍କ ସହିତ ସମ୍ପର୍କ ସ୍ଥାପନ ଓ ମତାମତ ଆହ୍ୱାନ ବ୍ୟବସ୍ଥା ଆପଣେଇବାକୁ ରାଜ୍ୟ ସରକାର ସ୍କୁଲ୍‌ଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଉକ୍ତ ଚିଠାପ୍ରସ୍ତାବ ଅନୁଯାୟୀ ପ୍ରତି ସ୍କୁଲ୍‌ରେ ଏକ 'ଡିଜିଟାଲ୍ ୱେଲ୍‌ନେସ୍ କମିଟି' ଗଠନ କରାଯିବ, ଯେଉଁଥିରେ ଅଧ୍ୟକ୍ଷଙ୍କ ସମେତ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ, ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀ, ସାଇବର ଅପରାଧ ବିଶେଷଜ୍ଞମାନେ ସଦସ୍ୟ ରହିବେ। ସ୍କୁଲ୍‌ଗୁଡ଼ିକ ଅଫ୍‌ଲାଇନ୍ କାର୍ଯ୍ୟକଳାପ, 'ଇଣ୍ଟରନେଟ୍‌ରହିତ ପିରିୟଡ୍' ଓ 'ଡିଜିଟାଲ୍‌ମୁକ୍ତ ସପ୍ତାହ' ପାଳନ କରିବେ ସେଥିପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ଛାତ୍ରଛାତ୍ରୀମାନଙ୍କର ଡିଜିଟାଲ୍ ନିର୍ଭରଶୀଳତା ହ୍ରାସ କରି ସେମାନେ ଯେପରି ଅଧିକରୁ ଅଧିକ ଅଫ୍‌ଲାଇନ୍‌ରେ ପାଠପଢ଼ିପାରିବେ ସେଥିପ୍ରତି ଚିଠା ନିୟମରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହିତ ଅଭିଭାବକଙ୍କୁ ଉତ୍ତରଦାୟିତ୍ୱ ଦିଆଯାଇଛି।

ଅଷ୍ଟ୍ରେଲିଆ ଓ ଏବେ କର୍ଣ୍ଣାଟକ ପରେ ବ୍ରିଟେନ୍, ଡେନ୍‌ମାର୍କ ଓ ଗ୍ରୀସ୍ ଏ ଦିଗରେ କାର୍ଯ୍ୟାରମ୍ଭ କରିଛନ୍ତି। କିଶୋର ମାନସିକ ସ୍ୱାସ୍ଥ୍ୟ ଉପରେ ଇଣ୍ଟରନେଟ୍‌ର କୁପ୍ରଭାବ ବଢୁଥିବା ଅନୁଭବ କରିବା ପରେ ସେମାନଙ୍କୁ ଡିଜିଟାଲ୍ ଆସକ୍ତିରୁ ମୁକ୍ତ କରିବା ବା 'ଡିଡିଜିଟାଇଲେଜସନ୍' ପ୍ରକ୍ରିୟା ବିଶ୍ୱସ୍ତରରେ ଆରମ୍ଭ ହେବା ଶୁଭଙ୍କର। ●

## ଡିଜିଟାଲ୍ ଯୁଗରେ ଅସ୍ପୃଶ୍ୟତା ଓ ଜାତିପ୍ରଥା

ତ୍ରିନାଥ ନନ୍ଦୀ

ଏକବିଂଶ ଶତାବ୍ଦୀ ମାନବ ସଭ୍ୟତାର ଏକ ଅଦ୍ଭୁତ ପର୍ଯ୍ୟାୟ, ଯେଉଁଠାରେ ବିଜ୍ଞାନ, ପ୍ରଯୁକ୍ତି, ଶିକ୍ଷା ଓ ମାନବ ଅଧିକାରର ଚେତନା ଅଭୂତପୂର୍ବ ବିକାଶଲାଭ କରିଛି। ମଣିଷ ଆଜି ଚନ୍ଦ୍ର ଓ ମଙ୍ଗଳ ଗ୍ରହରେ ପହଞ୍ଚିବାର ସ୍ୱପ୍ନକୁ ସାକାର କରୁଛି, କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ ବିପ୍ଲବ ଜଗତକୁ ଏକ ଗ୍ରାମରେ ପରିଣତ କରିଛି। ତଥାପି ସମାଜର ଅନ୍ତର ମନରେ ଅନେକ ପୁରାତନ କୁପ୍ରଥା ଏପର୍ଯ୍ୟନ୍ତ ବସା ବାନ୍ଧି ରହିଛି। ସେଥିମଧ୍ୟରେ ଜାତିପ୍ରଥା ଓ ଅସ୍ପୃଶ୍ୟତା ଏକ ଗଭୀର ସାମାଜିକ ବିକୃତି ଭାବରେ ଆଜି ମଧ୍ୟ ଚିନ୍ତାର କାରଣ ହୋଇ ରହିଛି। ଏହା ମାନବ ସମାଜର ସାମ୍ୟ, ସମାନତା ଓ ଭାଇଚାରାର ମୂଳ ଆଦର୍ଶ ଉପରେ ପ୍ରଶ୍ନବାଚକ ଚିହ୍ନ ଲଗାଇଥାଏ। ଭାରତୀୟ ସମାଜର ଐତିହାସିକ ଗଠନରେ ଜାତିପ୍ରଥା ଏକ ପ୍ରମୁଖ ଅଂଶ ଥିଲେ ମଧ୍ୟ ଏହା କାଳକ୍ରମେ ଏମିତି ଏକ ରୂପ ନେଇଛି, ଯାହା ମାନବିକତାର ମୂଲ୍ୟବୋଧକୁ ଗୁରୁତର ଭାବେ ଆଘାତ କରିଛି। ଏହି ପ୍ରଥା ମାନବକୁ ଜନ୍ମ ଆଧାରରେ ଉଚ୍ଚ ଓ ନିମ୍ନ ଶ୍ରେଣୀରେ ବିଭକ୍ତ କରି ଏକ ସାମାଜିକ ବିଚ୍ଛିନ୍ନତା ଓ ଅସମତାର ପରିବେଶ ସୃଷ୍ଟି କରିଛି।



ଜାତିପ୍ରଥାର ମୂଳ ଅର୍ଥ ହେଉଛି ଏମିତି ଏକ ସାମାଜିକ ବ୍ୟବସ୍ଥା, ଯେଉଁଥିରେ ମାନବକୁ ତା'ର ଜନ୍ମ, ବୃତ୍ତି ଓ ପାରିବାରିକ ପରମ୍ପରା ଆଧାରରେ ଭିନ୍ନ ଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଏ। ପ୍ରାଚୀନ ଭାରତରେ ଏହା ମୂଳତଃ ବର୍ଣ୍ଣ ବ୍ୟବସ୍ଥା ରୂପେ ଆରମ୍ଭ ହୋଇଥିଲା, ଯେଉଁଥିରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ନାମକ ଚାରିଟି ପ୍ରମୁଖ ବର୍ଣ୍ଣ ଥିଲା। ପ୍ରାରମ୍ଭିକ ଅବସ୍ଥାରେ ଏହି ବର୍ଣ୍ଣ ବ୍ୟବସ୍ଥା କାର୍ଯ୍ୟ ଓ କ୍ଷମତା ଆଧାରିତ ଥିଲେ ମଧ୍ୟ କାଳକ୍ରମେ ଏହା ଜନ୍ମାଧାରିତ ଓ ଅନୁଚିତ ଭେଦଭାବର ରୂପ ନେଲା। ଏହାଫଳରେ ସମାଜର କିଛି ଶ୍ରେଣୀ ଉଚ୍ଚ ଓ କିଛି ନିମ୍ନ ଭାବେ ଚିହ୍ନଟ ହେଲେ, ଯାହା ସାମାଜିକ ଅସମତାର ମୂଳ କାରଣ ହେଲା। ଅସ୍ପୃଶ୍ୟତା, ଜାତିପ୍ରଥାର ଏକ ଅତ୍ୟନ୍ତ କୁରୂପ, ଯେଉଁଥିରେ କିଛି ଲୋକଙ୍କୁ ସମାଜର ଅନ୍ୟ ଶ୍ରେଣୀ ଦ୍ୱାରା ଛୁଇଁବାକୁ ମଧ୍ୟ ଅପବିତ୍ର ମନେ କରାଯାଏ। ଏହି ପ୍ରଥାରେ ଦଳିତ ଓ ନିମ୍ନବର୍ଗୀୟ ଲୋକମାନେ ମନ୍ଦିର ପ୍ରବେଶ, ସାଧାରଣ କୂଅ ବା ଜଳସ୍ରୋତ ବ୍ୟବହାର, ଶିକ୍ଷା ଓ ସାମାଜିକ ସୁବିଧାରୁ ବଞ୍ଚିତ ହୋଇଥିଲେ। ଏହା ମାନବ ମର୍ଯ୍ୟାଦା ଓ ସମାନତାର ମୂଳ ମୂଲ୍ୟବୋଧକୁ ଭଙ୍ଗ କରିଥାଏ। ଏକବିଂଶ ଶତାବ୍ଦୀରେ ମଧ୍ୟ ଏହି ସମସ୍ୟା ସମ୍ପୂର୍ଣ୍ଣ ଭାବେ ଦୂର ହୋଇପାରିନାହିଁ, ବରଂ ନୂତନ ରୂପ ନେଇ ସମାଜରେ ପ୍ରକାଶ ପାଉଛି। ଗ୍ରାମୀଣ ଅଞ୍ଚଳରେ ଏହା ଅଧିକ ସ୍ପଷ୍ଟ ଭାବେ ଦେଖାଯାଏ, ଯେଉଁଠାରେ ଜାତିଆଧାରିତ ଭେଦଭାବ, ବିବାହରେ ନିଷେଧ ଓ ସାମାଜିକ ବିଚ୍ଛିନ୍ନତା ଏପର୍ଯ୍ୟନ୍ତ ରହିଛି।

ସହର ଅଞ୍ଚଳରେ ଏହା ସେତେଟା ସ୍ପଷ୍ଟ ନ ଥିଲେ ମଧ୍ୟ ଚାକିରି, ରାଜନୀତି ଓ ସାମାଜିକ ସମ୍ପର୍କରେ ଗୁପ୍ତ ଭାବେ ଏହାର ପ୍ରଭାବ ଦେଖାଯାଏ। ଏକବିଂଶ ଶତାବ୍ଦୀର ଡିଜିଟାଲ ଯୁଗରେ ମଧ୍ୟ ସମାଜିକ ଗଣମାଧ୍ୟମ ଓ ରାଜନୀତିକ ମଞ୍ଚରେ କେବେ କେବେ ଜାତିଆଧାରିତ ଚର୍ଚ୍ଚା ଓ ଦ୍ୱନ୍ଦ୍ୱ ଦେଖିବାକୁ ମିଳେ, ଯାହା ସମାଜର ସାମ୍ୟବାଦୀ ମୂଲ୍ୟବୋଧକୁ କ୍ଷତିଗ୍ରସ୍ତ କରେ। ଏହାର ପ୍ରମୁଖ କାରଣମାନଙ୍କ ମଧ୍ୟରେ ଅଶିକ୍ଷା, ପୁରାତନ ମନୋଭାବ, ଆର୍ଥିକ ଅସମତା ଓ ସାମାଜିକ ଅସଚେତନତା ମୁଖ୍ୟ। ଅନେକ ଲୋକ ପାରମ୍ପରିକ ଧାରଣାକୁ ଅନୁସରଣ କରି ଏହି ପ୍ରଥାକୁ ଆଜି ମଧ୍ୟ ଚାଲୁ ରଖିଛନ୍ତି। ଏହି ପରିସ୍ଥିତିରେ ଜାତିପ୍ରଥା ଓ ଅସ୍ପୃଶ୍ୟତା ନିବାରଣ ପାଇଁ ବିଭିନ୍ନ ସମୟରେ ସାମାଜିକ ସୁଧାର ଆନ୍ଦୋଳନ ଓ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତର ସଂବିଧାନ ମାନବ ସମାନତାକୁ ସର୍ବୋଚ୍ଚ ମୂଲ୍ୟବୋଧ ଭାବେ ସ୍ଥାନ ଦେଇଛି ଓ ଅସ୍ପୃଶ୍ୟତାକୁ ଅବୈଧ ଘୋଷଣା କରିଛି। ସଂବିଧାନର ଧାରା ୧୭ ଅନୁଯାୟୀ ଅସ୍ପୃଶ୍ୟତାର ସମ୍ପୂର୍ଣ୍ଣ ନିରାକରଣ କରାଯାଇଛି ଏବଂ ଆଇନତଃ ଦଣ୍ଡନୀୟ ଅପରାଧ ବୋଲି କୁହାଯାଇଛି। ଏହାସହିତ ଦଳିତ ଓ ପଛୁଆ ବର୍ଗର ଉନ୍ନତି ପାଇଁ ଆରକ୍ଷଣ ନୀତି, ଶିକ୍ଷା ଓ ଚାକିରିରେ ବିଶେଷ ସୁବିଧା ଦିଆଯାଇଛି। ସମାଜ ସୁଧାରକମାନେ ଏହି କୁପ୍ରଥା ନିବାରଣ ପାଇଁ ବିଶେଷ ଭୂମିକା ନିର୍ବାହ କରିଛନ୍ତି।

ମହାତ୍ମା ଗାନ୍ଧୀ ଦଳିତମାନଙ୍କୁ 'ହରିଜନ' ଭାବେ ସମ୍ବୋଧନ କରି ସେମାନଙ୍କ ସମ୍ମାନ ଓ ଅଧିକାର ପାଇଁ ଆନ୍ଦୋଳନ କରିଥିଲେ। ସେ ଅସ୍ପୃଶ୍ୟତାକୁ ସମାଜର ଏକ ମହାପାପ ଭାବେ ବିବେଚନା କରିଥିଲେ। ଡ. ଭୀମରାଓ ଆମ୍ବେଦକର ଦଳିତ ସମାଜର ଅଧିକାର ଓ ସମାନତା ପାଇଁ ଦୃଢ଼ ଆନ୍ଦୋଳନ କରିଥିଲେ ଏବଂ ସଂବିଧାନ ରଚନା ମାଧ୍ୟମରେ ସେମାନଙ୍କୁ ଆଇନଗତ ସୁରକ୍ଷା ଦେଇଥିଲେ। ସ୍ୱାମୀ ବିବେକାନନ୍ଦ ଓ ଅନ୍ୟାନ୍ୟ ସାମାଜିକ ସୁଧାରକମାନେ ମାନବ ସମାନତା ଓ ଭାଇଚାରାର ବାର୍ତ୍ତା ପ୍ରଚାର କରିଥିଲେ। ଏହି ସମସ୍ତ ପ୍ରୟାସ ସତ୍ତ୍ୱେ ସମାଜର କେତେକ ସ୍ଥାନରେ ଏହି ସମସ୍ୟା ଏପର୍ଯ୍ୟନ୍ତ ତିଷ୍ଠି ରହିଛି। ଏହା ପ୍ରମାଣ କରେ ଯେ କେବଳ ଆଇନ ଓ ନୀତି ପର୍ଯ୍ୟାପ୍ତ ନୁହେଁ; ମନୋଭାବର ପରିବର୍ତ୍ତନ ମଧ୍ୟ ଅତ୍ୟନ୍ତ ଆବଶ୍ୟକ।

ଜାତିପ୍ରଥା ଓ ଅସ୍ପୃଶ୍ୟତା ନିବାରଣ ପାଇଁ ଶିକ୍ଷା ହେଉଛି ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ଶିକ୍ଷା ମାନବକୁ ସଚେତନ କରି ସମାନତା ଓ ମାନବତାର ମୂଲ୍ୟବୋଧ ସମ୍ପର୍କରେ ଅବଗତ କରେ। ଯଦି ସମାଜର ପ୍ରତ୍ୟେକ ଲୋକ ଶିକ୍ଷିତ ଓ ସଚେତନ ହୁଅନ୍ତି, ତେବେ ସେମାନେ ଏପ୍ରକାର ଭେଦଭାବକୁ ସ୍ୱୀକାର କରିବେ ନାହିଁ। ତଦୁପରି ସାମାଜିକ ସଚେତନତା କାର୍ଯ୍ୟକ୍ରମ, ସାହିତ୍ୟ, ସାମ୍ବାଦିକତା ଓ ଡିଜିଟାଲ ମାଧ୍ୟମଏହି ବିଷୟରେ ସଚେତନତା ବୃଦ୍ଧି କରିପାରେ। ସାହିତ୍ୟିକ ଓ ସୃଜନଶୀଳ ରଚନା ମାନବତାର ବାର୍ତ୍ତା ପ୍ରସାର କରି ସମାଜର ମନୋଭାବକୁ ପରିବର୍ତ୍ତନ କରିପାରେ। ଆଧୁନିକ ଯୁଗରେ ଯୁବବର୍ଗ ଏହି ପରିବର୍ତ୍ତନର ମୂଳ ଶକ୍ତି ହୋଇପାରିବେ। ସେମାନେ ସମାନତା, ମାନବତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅନୁସରଣ କରି ସମାଜରେ ନୂତନ ଚେତନା ସୃଷ୍ଟି କରିପାରନ୍ତି। ଅନ୍ୟଜାତିରେ ବିବାହ, ସାମାଜିକ ମିଶ୍ରଣ ଓ ସାମୂହିକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଏହି ଭେଦଭାବକୁ ହ୍ରାସ କରିବାରେ ସହାୟକ ହୋଇପାରେ।


ଗ୍ରାମୀଣ ଅଞ୍ଚଳରେ ବିଶେଷ ସଚେତନତା କାର୍ଯ୍ୟକ୍ରମ ଓ ସମାଜସେବୀ ସଂଗଠନମାନଙ୍କର ଭୂମିକା ଏଥିରେ ଗୁରୁତ୍ୱପୂର୍ଣ୍ଣ। ଶାସନ, ଶିକ୍ଷାସଂସ୍ଥା, ସମାଜସେବୀ ସଂଗଠନ ଓ ସାଧାରଣ ନାଗରିକମାନେ ଏକତ୍ର ହୋଇ ଯଦି ସମାନତାର ପକ୍ଷରେ କାମ କରନ୍ତି, ତେବେ ଏହି ସମସ୍ୟାକୁ ଦୂର କରିବା ସମ୍ଭବ। ଏହା ସହିତ ଆର୍ଥିକ ସମତା ଓ ସାମାଜିକ ନ୍ୟାୟ ସ୍ଥାପନ ମଧ୍ୟ ଅତ୍ୟନ୍ତ ଆବଶ୍ୟକ। ଯେପର୍ଯ୍ୟନ୍ତ ସମାଜର କିଛିଶ୍ରେଣୀ ଆର୍ଥିକ ଓ ଶିକ୍ଷାରେ ପଛୁଆ ରହିବେ, ସେପର୍ଯ୍ୟନ୍ତ ଜାତିଆଧାରିତ ଭେଦଭାବର ସମ୍ଭାବନା ରହିବ। ତେଣୁ ଦଳିତ ଓ ପଛୁଆ ବର୍ଗର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ବିଶେଷ ପଦକ୍ଷେପ ଆବଶ୍ୟକ। ଯେତେବେଳେ ପ୍ରତ୍ୟେକ ମଣିଷ ମଣିଷକୁ କେବଳ ମଣିଷ ଭାବେ ଦେଖିବାର ମନୋଭାବ ଗଢ଼ିଉଠିବ, ସେତେବେଳେ ଯାଇ ଏହି କୁପ୍ରଥାର ସମ୍ପୂର୍ଣ୍ଣ ନିବାରଣ ସମ୍ଭବ ହେବ ଏବଂ ସମାଜ ସତ୍ୟ ଅର୍ଥରେ ସମାନତା, ନ୍ୟାୟ ଓ ଭାଇଚାରାର ଆଦର୍ଶକୁ ସାକାର କରିପାରିବ। ●

ଜଳେଶ୍ୱର(ବାଲେଶ୍ୱର), ମୋ: ୮୧୧୮୦୪୦୩୯୦

## ଡାକବାଜି ଯନ୍ତ୍ରର ଯନ୍ତ୍ରଣା!

ମହେଶ୍ୱର ପାତ୍ର

ପ୍ରଦୂଷଣ ବିଭିନ୍ନ ରୂପର ହେଇପାରନ୍ତି। ସାଧାରଣତଃ ପରିବେଶ ଓ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଥିବା ଉପାଦାନକୁ ଆମେ ପ୍ରଦୂଷଣ ବର୍ଗରେ ରଖିଥାଉ। ଦୈନନ୍ଦିନ ଜୀବନରେ ଆମେ ବିଭିନ୍ନ ରକମର ପ୍ରଦୂଷଣ ସମ୍ପର୍କରେ ଆଲୋଚନା କରୁ। ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ରୂପେ ଏହାର ସଂସ୍ପର୍ଶରେ ଆସୁ। ମାତ୍ର ଯେପର୍ଯ୍ୟନ୍ତ ଏହା ଆମର ବ୍ୟକ୍ତିଗତ ବା ପାରିବାରିକ ଜୀବନକୁ ପ୍ରଭାବିତ କରିନାହିଁ, ସେ ପର୍ଯ୍ୟନ୍ତ ଆମେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରସଙ୍ଗକୁ ହେୟଜ୍ଞାନ କରୁ, ଯାହା ଭବିଷ୍ୟତରେ ଆମ ପାଇଁ ଘାତକ ସାବ୍ୟସ୍ତ ହୁଏ। ଶବ୍ଦ ପ୍ରଦୂଷଣ ଏହାର ଏକ ଉଦାହରଣ। ଏହି ବିଷୟରେ ସାଧାରଣରେ ଏତେ ଚର୍ଚ୍ଚା ହୁଏ ନାହିଁ। କିନ୍ତୁ ଏହା ଏକ ନିରବ ଘାତକ ପରି ଆମର ସର୍ବନାଶ କରି ଚାଲିଥାଏ। ଯେପର୍ଯ୍ୟନ୍ତ ଆମେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନାହିଁ, ସେପର୍ଯ୍ୟନ୍ତ ଏହା ଆମର ବ୍ୟକ୍ତିଗତ ରୂପେ କ୍ଷତି ସାଧନ କରିଚାଲିଥିବ।



ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଆଇନ-୨୦୦୦, ପରିବେଶ ସୁରକ୍ଷା ଆଇନ -୧୯୮୬ ଅଧୀନରେ ଏବଂ ଜାତୀୟ ପ୍ରଦୂଷଣ ବୋର୍ଡର ନିର୍ଦ୍ଦେଶାବଳୀ ଅନୁଯାୟୀ ଶବ୍ଦ ପ୍ରଦୂଷଣର ବିଭିନ୍ନ ସ୍ତର ଓ ସମୟ କଟକଣା ନିର୍ଦ୍ଧାରଣ କରାଯାଇଛି। ଯେପରିକି, ଘରୋଇ ଅଞ୍ଚଳ ପାଇଁ ସର୍ବାଧିକ ୫୫ ଡେସିବଲ (ଦିନ) ଓ ୪୫ଡେସିବଲ (ରାତି), ବାଣିଜ୍ୟିକ ଅଞ୍ଚଳ ପାଇଁ ୬୫ଡେସିବଲ(ଦିନ) ଓ ୫୫ ଡେସିବଲ(ରାତି) ଏବଂ ନିରବତା ଅଞ୍ଚଳ ଯଥା - ସ୍କୁଲ, କଲେଜ, ହସ୍ପିଟାଲ, କୋର୍ଟ ଆଦି ପାଇଁ ଏହା ଯଥାକ୍ରମେ ୫୦ ଡେସିବଲ(ଦିନ) ଓ ୪୦ଡେସିବଲ(ରାତି)। ଏଥିସହିତ ୮୦ ଡେସିବଲରୁ ଅଧିକ ଶବ୍ଦ ଶୁଣିବା ମନୁଷ୍ୟ ପାଇଁ ବିପଜ୍ଜନକ ବୋଲି ଉଲ୍ଲେଖ ରହିଛି। କେବଳ ସେତିକି ନୁହେଁ, ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଯେକୌଣସି ପ୍ରକାର ଉଚ୍ଚଶବ୍ଦ ସୃଷ୍ଟିକାରୀ ଡାକବାଜି ଯନ୍ତ୍ର ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ନିୟମ ଅବଜ୍ଞା କଲେ ଆଇନ ଅନୁଯାୟୀ ଦଣ୍ଡର ପ୍ରାବଧାନ ମଧ୍ୟ ରହିଛି। କିନ୍ତୁ ଦୁଃଖ ଓ ପରିତାପର ବିଷଯ ଅନେକ ସ୍ଥାନରେ ଏହି ଆଇନର ଉଲ୍ଲଙ୍ଘନ ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଫଳରେ ଏହି ନିୟମ କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଛି। ବିଶେଷକରି ଗାଁ ଗହଳିରେ ଏହି ନିୟମର ଉଲ୍ଲଙ୍ଘନ ଅତି ସାଧାରଣ ପାଲଟି ଯାଇଛି।

ଏବେ ପରୀକ୍ଷା ଋତୁ ଆରମ୍ଭ ହୋଇସାରିଛି। ସାରା ରାଜ୍ୟରେ ଛାତ୍ରଛାତ୍ରୀମାନେ ପରୀକ୍ଷାମନସ୍କ। ମାଟ୍ରିକ ପରୀକ୍ଷାଠାରୁ ଆରମ୍ଭ କରି +୨, +୩ ଆଦି ପରୀକ୍ଷାମାନ ଚାଲୁ ରହିଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାଗୁଡ଼ିକ ଦେବା ପାଇଁ ସେମାନେ ବିଗତ ବର୍ଷଗୁଡ଼ିକରେ କଠିନ ପରିଶ୍ରମ କରିଛନ୍ତି। ବର୍ତ୍ତମାନ ସେହି ପରିଶ୍ରମର ଫଳ ପାଇବାର ସମୟ। ଏହାରି ମଧ୍ୟରେ ରାଜ୍ୟର ବିଭିନ୍ନପ୍ରାନ୍ତରେ ଲକ୍ଷ୍ୟ କରା ଯାଉଛି ଧାର୍ମିକ ମହୋତ୍ସବ, ଅଷ୍ଟପ୍ରହରୀ, ମେଳା, ଅପେରା, ବିବାହ ଶୋଭାଯାତ୍ରା ଆଦି ନାମରେ ଡିଜେ ଓ ଡାକବାଜି ଯନ୍ତ୍ରର ଅନିୟନ୍ତ୍ରିତ ଶବ୍ଦ ସେମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରୁଛି। ଗୋଟେ ଗୋଟେ (ମୁଖ୍ୟତଃ ଧାର୍ମିକ ମହୋତ୍ସବ) ସ୍ଥାନରେ ରାତି ସାରା ଉଚ୍ଚ ଡାକବାଜି ଯନ୍ତ୍ରର ବ୍ୟବହାର ହେଉଛି। ଅନେକ ସ୍ଥାନରେ ବିଳମ୍ବିତ ରାତିରେ ବାହାଘର ଶୋଭାଯାତ୍ରା କାନଫଟା ଶବ୍ଦ ସୃଷ୍ଟି କରି ଗାଁ ଗାଁରେ ବୁଲୁଛି। ଆଉ କେଉଁଠି ଅପେରା ପାର୍ଟିର ସଂଳାପ କାନପାଖରେ ଗୁଞ୍ଜରିତ ହୋଇ ରାତିଯାକ ଅସ୍ତବ୍ୟସ୍ତ କରି ଦେଉଛି, ଯାହା କେବଳ ପରୀକ୍ଷାର୍ଥୀମାନଙ୍କର କ୍ଷତି ସାଧନ କରୁ ନାହିଁ, ବରଂ ଶିଶୁ, ବୟସ୍କ ବ୍ୟକ୍ତି ଓ ରୋଗୀମାନଙ୍କ ପାଇଁ ଘାତକ ସାବ୍ୟସ୍ତ ହେଉଛି।

କିଛିଦିନ ତଳେ ଓଡ଼ିଆ ଯାତ୍ରା ଜଗତର ଜଣେ ଆଗଧାଡ଼ିର ଅଭିନେତାଙ୍କର ଏହି କାରଣ (ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଡିଜେ)ରୁ ମୃତ୍ୟୁ ହେଇଥିବାର ଅଭିଯୋଗ ଆଣି ତାଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେହିପରି ୨୦୧୭ ମସିହାରେ ବଲିଉଡର ପ୍ରସିଦ୍ଧ କଣ୍ଠଶିଳ୍ପୀ ସୋନୁ ନିଗମ ଲାଉଡ ସ୍ପିକର୍ ଜରିଆରେ ଅଜାନ (ପ୍ରାର୍ଥନା) ଗାଇବା ଦ୍ୱାରା ଏହା ତାଙ୍କ ଶୋଇବାରେ ବ୍ୟାଘାତ ସୃଷ୍ଟି କରୁଥିବାର ଏକ ଟୁଇଟ କରିଥିଲେ। ଯାହା ସେତେବେଳେ ଏକ ବିତର୍କର ବିଷୟ ହୋଇଥିଲା। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଉଚ୍ଚଶବ୍ଦ ସୃଷ୍ଟିକାରୀ ଡାକବାଜି ଯନ୍ତ୍ରର ବ୍ୟବହାର ନିମନ୍ତେ କୌଣସି ଧର୍ମର ମୌଳିକ ଅଧିକାର ନାହିଁ। ଯଦି ଏହାର ବ୍ୟବହାର ଜନସାଧାରଣଙ୍କ ଶାନ୍ତିରେ ବ୍ୟାଘାତ ସୃଷ୍ଟି କରୁଛି ତେବେ ଏହା ବର୍ଜନୀୟ। ଏମିତି ବି ଦେଖିବାକୁ ଗଲେ ଠାକୁର ଆରାଧନା କିମ୍ବା ପ୍ରାର୍ଥନା ନିମନ୍ତେ କୌଣସି ଡାକବାଜି ଯନ୍ତ୍ରର ଆବଶ୍ୟକତା ଜରୁରୀ ନୁହେଁ। ଯେବେ ଡାକବାଜି ଯନ୍ତ୍ରର ଉଦ୍ଭାବନ ହୋଇ ନଥିଲା ସେତେବେଳେ ବି ଲୋକ ଧାର୍ମିକ ମହୋତ୍ସବ, ପୂଜାପାଠ, ପ୍ରାର୍ଥନା ଆଦି କରୁଥିଲେ। ମେଳା ମହୋତ୍ସବ ହେଉ କିମ୍ବା ବିବାହ ବ୍ରତଘର, ଅଷ୍ଟପ୍ରହରୀ ହେଉ କିମ୍ବା ଯେକୌଣସି ଜାନିଯାତ୍ରା! କାଳକ୍ରମେ ସେସବୁରେ ଡାକବାଜି ଯନ୍ତ୍ରର ବ୍ୟବହାର ଅଧୁନିକ ସମାଜରେ ଜରୁରୀ ହୋଇପଡ଼ିଛି। କିନ୍ତୁ ଏହାର ବ୍ୟବହାର ସମୟରେ ଆମେ ଯତ୍ନବାନ ହେବା ଉଚିତ। ଏହା କିଭଳି ଶ୍ରୁତିକଟୁ ନହୋଇ ଶ୍ରୁତିମଧୁର ହେବ, ସେ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ। ●

(ଅଧ୍ୟାପକ, କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ)
ମୋ: ୭୦୦୮୦୬୫୮୭୫

## ଗେଣ୍ଡାପୂଜା ପରମ୍ପରା

ଓଜସ୍ୱିନୀ

### ବିଚିତ୍ର ବିଶ୍ୱାସ

ଭାରତରେ ଗେଣ୍ଡା ବା ଶଙ୍ଖ ପୂଜାର ପରମ୍ପରା ବହୁ ପ୍ରାଚୀନ। କେତେକ ସ୍ଥାନରେ ଗେଣ୍ଡାକୁ ପ୍ରତ୍ୟକ୍ଷ ଭାବେ ପୂଜା କରାଯାଉଥିବା ବେଳେ ଗେଣ୍ଡାର ପରିବର୍ତ୍ତିତ ରୂପ ଶଙ୍ଖକୁ ଅଧ୍ୟାତ୍ମର ପ୍ରତୀକ ଭାବେ ଗ୍ରହଣ କରାଯାଇଛି। ଏହିଦୃଷ୍ଟିରୁ ଦେଖିବାକୁ ଗଲେ ଗଛପତ୍ରର ଶତ୍ରୁ ଏବଂ ଇତରପ୍ରାଣୀ ଭାବେ ନିନ୍ଦିତ ଗେଣ୍ଡା ମଧ୍ୟ ପୂଜନୀୟ।

ବିହାରସ୍ଥିତ ମିଥିଳାର କେତେକ ଅଞ୍ଚଳ ଏବଂ ମଧୁବନୀ ଜିଲ୍ଲାରେ ଶ୍ରାବଣ ମାସରେ 'ମଧୁଶ୍ରାବଣୀ ପଞ୍ଚମୀ' ନାମକ ଏକ ପର୍ବ ଅନୁଷ୍ଠିତ ହୋଇଥାଏ। ୧୫ଦିନ ଧରି ଚାଲୁଥିବା ଏହି ପର୍ବରେ ନାଗକୁଳଙ୍କୁ ପୂଜାର୍ଚ୍ଚନା କରାଯାଏ। କିନ୍ତୁ ଲୋକବିଶ୍ୱାସ ଅନୁସାରେ ଗେଣ୍ଡାକୁ ନାଗକୁଳର ଏକ ସ୍ୱରୂପ ବୋଲି ବିବେଚନା କରି 'ଗେଣ୍ଡାପୂଜା' କରାଯାଏ। ଏହି ପୂଜା ମୁଖ୍ୟତଃ ସ୍ୱାମୀମାନଙ୍କର ଦୀର୍ଘାୟୁକାମନା ସହ ପ୍ରକୃତି ସହିତ ଘନିଷ୍ଠ ସମ୍ପର୍କ ବୃଦ୍ଧି, ସର୍ପଦୋଷରୁ ମୁକ୍ତି ଓ ମାଟିର ଶୁଦ୍ଧିକରଣ ଉଦ୍ଦେଶ୍ୟରେ କରାଯାଏ। ନବବିବାହିତାଙ୍କ ପାଇଁ ଏହି ପୂଜାର ବିଶେଷ ମହତ୍ତ୍ୱ ରହିଛି। ମନ୍ଦିର ପରିସରରେ କିମ୍ବା କୌଣସି ଏକ ନିର୍ଦ୍ଦିଷ୍ଟ ପୂଜାସ୍ଥଳରେ ମାଟି କିମ୍ବା ରୁପାରେ ନାଗନାଗୁଣୀଙ୍କ ପ୍ରତିମା ନିର୍ମାଣ ହୋଇଥାଏ। ୧୫ଦିନ ପର୍ଯ୍ୟନ୍ତ ମହିଳାମାନେ ଷୋହଳଶୃଙ୍ଗାର ହୋଇ ୭ ପ୍ରକାରର ପତ୍ର ଏବଂ ବାସିଫୁଲରେ ନାଗନାଗୁଣୀ ପୂଜା କରିବା ସହିତ କ୍ଷୀର ଅର୍ପଣ କରନ୍ତି। ଏହାବ୍ୟତୀତ ମିଥିଳାର କୁଳଦେବୀଙ୍କୁ ଗେଣ୍ଡାର ଉପର ଖୋଳପା (କବଚ) ଅର୍ପଣ କରିବାର ପ୍ରଥା ରହିଛି। ଏହି ପ୍ରଥା କାହିଁକି ଓ କିପରି ସୃଷ୍ଟି ହେଲା, ତାହାର କୌଣସି କାହାଣୀ ନାହିଁ।

ଗେଣ୍ଡାକୁ ସ୍ଥାନୀୟ ଲୋକମାନେ ପବିତ୍ର ମାନ୍ୟତା ଦେଇଥା'ନ୍ତି। ଗେଣ୍ଡାମାନେ ଗଛପତ୍ର ଖାଇ ମାଟିରେ ରହୁଥିବାରୁ ସେମାନଙ୍କ ଜୀବନ ସମ୍ପୂର୍ଣ୍ଣ ଶୁଦ୍ଧପୂତ। ତେଣୁ ଗେଣ୍ଡାମାନଙ୍କୁ ଦେବୀଙ୍କୁ ଅର୍ପଣ କରିବା କିମ୍ବା ପୂଜାଯୋଗ୍ୟ ବୋଲି ବିବେଚନା କରାଯାଏ। ସ୍ଥାନୀୟ ପରମ୍ପରା ଅନୁସାରେ ମହିଳାମାନେ ଗେଣ୍ଡାର ଉପର ଖୋଳପାକୁ ଗୋବର ସହିତ ମିଶାଇ ଦେବୀଙ୍କୁ ଅର୍ପଣ କରନ୍ତି। ବିଧିବଦ୍ଧ ପୂଜାର୍ଚ୍ଚନା ପରେ ଉକ୍ତ ଖୋଳପାକୁ ସମସ୍ତେ ନିଜ ଘର କାନ୍ଥରେ ଲଗାଇ ରଖନ୍ତି। ଏଭଳି କରିବା ଦ୍ୱାରା ଦେବୀଙ୍କର କୃପାପ୍ରାପ୍ତ ହୋଇଥାଏ ଏବଂ ଗେଣ୍ଡାମାନେ ସୌଭାଗ୍ୟ, ପ୍ରଜନନ କ୍ଷମତା ଓ ଧନର ପ୍ରତୀକ ବୋଲି ବିଶ୍ୱାସ ରହିଛି। ପ୍ରତିବର୍ଷ ଶ୍ରାବଣ ମାସରେ ଏହି ପରମ୍ପରା ପାଳନ କରାଯାଏ। ଲୋକମାନେ ପୂର୍ବରୁ ଲାଗିଥିବା ଗେଣ୍ଡାଖୋଳପାକୁ ପାଣିରେ ବିସର୍ଜନ କରି କୁଳଦେବୀଙ୍କୁ ସମର୍ପଣ କରାଯାଇଥିବା ନୂତନ ଖୋଳପାକୁ କାନ୍ଥରେ ଲଗାନ୍ତି। ଏହି ପୂଜା ସ୍ଥାନୀୟ କୃଷିଭିତ୍ତିକ ପରମ୍ପରା ଏବଂ ମାଟି ମା' ସହିତ ସ୍ନେହସମ୍ପର୍କୁ ଦର୍ଶାଇଥାଏ। ଗେଣ୍ଡାଙ୍କୁ ଦେଖିବା ଶୁଭଙ୍କର ଭାବେ ଅନ୍ୟକେତେକ ଅଞ୍ଚଳରେ ମାନ୍ୟତା ରହିଛି।

ଓଡ଼ିଶାରେ ମଧ୍ୟ ଗେଣ୍ଡାଙ୍କୁ ସମର୍ପିତ ଏକ କୃଷିଭିତ୍ତିକ ପର୍ବ ରହିଛି। ଶ୍ରୀଜଗନ୍ନାଥ ସଂସ୍କୃତିର ଅନ୍ୟ ଏକ ମୁଖ୍ୟପର୍ବ 'ଚିତାଲାଗି ଅମାବାସ୍ୟା'କୁ କେତେକ ଅଞ୍ଚଳରେ 'ଗେଣ୍ଡାକଟା ଅମାବାସ୍ୟା' ଭାବେ ପାଳନ କରାଯାଏ। ଏହିଦିନ ପ୍ରତି ଓଡ଼ିଆ ଘରେ ଚିତଉ ପିଠା ପ୍ରସ୍ତୁତ ହୋଇଥାଏ। ଚାଷୀ ପରିବାର ଝିଅମାନେ ବିଲକୁ ଯାଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ଚିତଉ ପିଠା ଅର୍ପଣ କରି ଧୂପଦୀପ ସହ ବନ୍ଦାପନା କରନ୍ତି। ପ୍ରାର୍ଥନା କରାଯାଏ ଯେ, ଯେତେବେଳେ ତାଙ୍କ ବାପା/ଭାଇ ଚାଷକାମ ପାଇଁ ବିଲକୁ ଆସିବେ, ସେତେବେଳେ ତାଙ୍କ ଗୋଡ଼କୁ ଗେଣ୍ଡାମାନେ କାମୁଡ଼ିବେ ନାହିଁ। ଏହାକୁ 'ଗେଣ୍ଡେଇସୁଣୀ ପୂଜା' ମଧ୍ୟ କୁହାଯାଏ। ଏହି ପୂଜା ପାଇଁ ଏକ ସ୍ୱତନ୍ତ୍ର ଲୋକଗୀତ ମଧ୍ୟ ଅଛି। ଶ୍ରାବଣମାସରେ ବିଲ କଦମାକ୍ତ ହୋଇଥିବାରୁ ଅଧିକ ଗେଣ୍ଡା ଦେଖାଯା'ନ୍ତି। ସେହି ସମୟରେ ଚାଷୀଭାଇମାନେ ଚାଷକାମ ପାଇଁ ବିଲରେ ଅଧିକ ସମୟ ରହୁଥିବାରୁ ଗେଣ୍ଡାମାନେ ସେମାନଙ୍କୁ କାମୁଡ଼ିବାର ଆଶଙ୍କା ଅଧିକ ଥାଏ। ବିଶ୍ୱାସ ରହିଛି ଯେ, ଏଭଳି ପୂଜା ଓ ପ୍ରାର୍ଥନା କରିବା ଦ୍ୱାରା ଗେଣ୍ଡାମାନେ କାହାକୁ କାମୁଡ଼ି ନଥା'ନ୍ତି।

ୟୁନାନୀ ପୌରାଣିକ କଥାଗୁଡ଼ିକରେ ଦେବତା ନେରିଟ୍ସ ଶଙ୍ଖରେ ରୂପାନ୍ତରିତ ହୋଇଥିବାର ଅନେକ କାହାଣୀ ରହିଛି, ଯିଏକି ପ୍ରତ୍ୟକ୍ଷ ଦେବତ୍ୱର ଉଦାହରଣ। ଭାରତ ପରି ପୋଲିନେସିୟନ୍ ପରମ୍ପରାରେ ମଧ୍ୟ ଶଙ୍ଖରେ ଦେବତାଙ୍କୁ ଜଳ ଅର୍ପଣ କରିବାର ବିଧି ଅଛି। କେତେକ କ୍ଷେତ୍ରରେ ମାଛ, ମାଂସ ପରି ଗେଣ୍ଡାକୁ ମଧ୍ୟ ଆମିଷ ଭୋଜନ ଭାବେ ଗ୍ରହଣ କରାଯାଉଛି। କିନ୍ତୁ ଭାରତୀୟ ସଂସ୍କୃତିରେ ଜୀବସତ୍ତାର ଗୁରୁତ୍ୱ ଓ ମହତ୍ତ୍ୱକୁ ପ୍ରାଧାନ୍ୟ ଦିଆଯାଇ ଗେଣ୍ଡାକୁ ଶୁଦ୍ଧପୂତ ବୋଲି ବିବେଚନା କରାଯାଉଥିବାରୁ ପୂଜାଯୋଗ୍ୟ ହୋଇପାରିଛି, ଯାହା ନିଶ୍ଚିତ ଭାବେ ମହନୀୟ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଡିଓଙ୍କ ଜନପ୍ରତିନିଧିଙ୍କୁ ଅଣଦେଖା, ଠିକାଦାରଙ୍କୁ ଗୁରୁତ୍ୱ!

# ବ୍ଲକ୍ ଘେରିଲେ ୧୪ ପଞ୍ଚାୟତର ଜନପ୍ରତିନିଧି





ପଟ୍ଟାଙ୍ଗି,୨୬।୩(ସମିସ): ପଟ୍ଟାଙ୍ଗି ବିଡିଓଙ୍କ ବିରୁଦ୍ଧରେ ଶୋଭାଯାତ୍ରା କରିବା ସହ ବ୍ଲକ ସମ୍ମୁଖରେ ଧାରଣା ଦେଲେ ୧୪ ପଞ୍ଚାୟତର ଜନ ପ୍ରତିନିଧି ଗଣ। କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଜନ ପ୍ରତିନିଧିଙ୍କୁ ଅଣଦେଖା, ଅଣ ନିର୍ବାଚିତ ଲୋକଙ୍କୁ ଗୁରୁତ୍ୱ ଦେଉଥିବା, ୧୧ ମାସ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇ ଯାଇଥିବା ଅଭିଯୋଗ ଆଣିଲେ ଜନ ପ୍ରତିନିଧି। ଆଜି ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ୧୪ ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା ଏବଂ ପଟ୍ଟାଙ୍ଗୀର ଜିଲ୍ଲା ପରିଷଦ ସଦସ୍ୟା ମିଶି ବ୍ଲକ ସମ୍ମୁଖରେ ରହିଥିବା ତ୍ରିନାଥ ମନ୍ଦିର ଠାରେ ଏକତ୍ରିତ ହୋଇଥିଲେ। ଜନପ୍ରତିନିଧି ୧୪ ପଞ୍ଚାୟତରେ ଗତ ୧୧ ମାସ ମଧ୍ୟରେ ହୋଇଥିବା ଉନ୍ନୟନ ହିସାବ ଜାଣିବା ଆମର ଦାବି, ନିର୍ବାଚିତ ପଞ୍ଚାୟତ ଜନପ୍ରତିନିଧିଙ୍କୁ ଅଣଦେଖା କରିବା ପଛରେ ହାତ କାହାର, ନିର୍ବାଚିତ ଜନପ୍ରତିନିଧିଙ୍କ ପ୍ରସ୍ତାବକୁ ଗୁରୁତ୍ୱ ନଦେବା କି ଉଦ୍ଦେଶ୍ୟ, ସମିତି ବୈଠକ ଠିକ୍ ସମୟରେ ନ ହେବାର ଉଦ୍ଦେଶ୍ୟ କ'ଣ ଏବଂ ଗତ ୧୧ ମାସ ମଧ୍ୟରେ ସମସ୍ତ ପଞ୍ଚାୟତରେ କେତେ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ହିସାବ ଜାଣିବା ଆମର ଦାବି ଲେଖାଯାଇଥିବା ବ୍ୟାନର ପୋଷ୍ଟର ସହ ପ୍ଲାଗକାର୍ଡ ଧରି ବ୍ଲକ ପର୍ଯ୍ୟନ୍ତ ଶୋଭାଯାତ୍ରା ମାଧ୍ୟମରେ ବିଭିନ୍ନ ନାରାବାଜି କରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ଜନ ପ୍ରତିନିଧି ମାନେ ଧାରଣାରେ ବସିଥିଲେ। ବିଗତ ୧୧ ମାସ ହେଲାଣି ବିଡ଼ିଓ ରାମକୃଷ୍ଣ ନାୟକ ଆସିବା ପରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରୁନଥିବା ଅଭିଯୋଗ ଆଣିଛନ୍ତି। ଜନ ପ୍ରତିନିଧିଙ୍କୁ ଗୁରୁତ୍ୱ ନଦେଇ ଅଣ ନିର୍ବାଚିତ ଲୋକଙ୍କୁ ତଥା ଠିକାଦାରଙ୍କ ଦ୍ୱାରା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉଥିବା ଅଭିଯୋଗ ଆଣିଥିଲେ। ବାତ୍ୟା ମନ୍ଥା ସମୟରେ ଆସିଥିବା ସମସ୍ତ ସରକାରୀ ଅର୍ଥ ଗୁଡ଼ିକ ବାଟ ମାରଣା କରାଯାଇଥିବା, ବୈଠକ ଠିକ୍ ସମୟରେ ନହେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସଠିକ ହିତାଧିକାରୀଙ୍କୁ ଦିଆଯାଉନଥିବା, ଜନଶୁଣାଣି କାର୍ଯ୍ୟକ୍ରମରେ ଦିଆଯାଉଥିବା ଅଭିଯୋଗକୁ କାର୍ଯ୍ୟାନୁଷ୍ଠାନ କରାଯାଉନଥିବା, ସଠିକ୍ ହିତାଧିକାରୀଙ୍କୁ ପେନସନ ପ୍ରଦାନ କରାଯାଉନାହିଁ, ବିଡିଓ କୌଣସି ମଧ୍ୟ ପଞ୍ଚାୟତକୁ ଗସ୍ତ କରୁନଥିବା ଆଦି ଦାବିରଖି ଉକ୍ତ ଧାରଣାରେ ବସିଥିଲେ ଜନ ପ୍ରତିନିଧି। ଆଜି ଉକ୍ତ ଧାରଣା ଦେବାର ଯୋଜନା ରହିଥିବା ବେଳେ ତମ୍ବୁ ଲଗାଇବା ନିମନ୍ତେ ପୁଲିସ ଦେଇନଥିବା ନେଇ ଅଭିଯୋଗ ହୋଇଛି। ତେଣୁ ଜନ ପ୍ରତିନିଧି ମାନେ ଖରାରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଉକ୍ତ ସମସ୍ୟାର ସମାଧାନ ନିମନ୍ତେ ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ଧାରୁଆ ଏବଂ ସେମିଳିଗୁଡାର ତହସିଲଦାର ଦେବବ୍ରତ କରାଟେ ଉପସ୍ଥିତ ରହିଥିଲେ। ବିଡିଓ ଘଟଣାସ୍ଥଳକୁ ଆସିବା ପରେ ଅଭିଯୋଗ ଜଣାଇବୁ ବୋଲି ଜନ ପ୍ରତିନିଧି ମାନେ ଅଡି ବସିଥିଲେ। ପ୍ରୋଟୋକଲ ଦୃଷ୍ଟିରୁ ବିଡିଓ ଘଟଣା ସ୍ଥଳକୁ ଆସିପାରିବେ ନାହିଁ ବୋଲି ଉପସ୍ଥିତ ଅଧିକାରୀ ଗଣ ଜନ ପ୍ରତିନିଧିଙ୍କୁ କହିଥିଲେ। ଶେଷରେ ବୁଝାସୁଝା କରିବା ପରେ ଜନପ୍ରତିନିଧି ମାନେ ନିଜ ଦାବିପତ୍ର ସେମିଳିଗୁଡା ତହସିଲଦାର ଦେବବ୍ରତ କରାଟେଙ୍କୁ ଦେଇଛନ୍ତି। ଅଭିଯୋଗ ଗୁଡ଼ିକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ଉକ୍ତ ସମସ୍ୟା ଗୁଡିକର ସମାଧାନ କରିବା ନିମନ୍ତେ ବ୍ୟବସ୍ଥା କରାଯିବ ବୋଲି ସେମିଳିଗୁଡା ତହସିଲଦାର ଦେବବ୍ରତ କରାଟେ ପ୍ରତିକ୍ରିୟା ଦେଇଛନ୍ତି। କମ୍ ଦିନ ମଧ୍ୟରେ ଉକ୍ତ ସମସ୍ୟା ଗୁଡିକର ସମାଧାନ କରା ନଗଲେ ପୁର୍ନବାର ସମସ୍ତ ଅଞ୍ଚଳବାସୀଙ୍କ ସହ ମିଶି ଏକ ବିରାଟ ଆନ୍ଦୋଳନ କରାଯିବ ବୋଲି ସମସ୍ତ ଜନ ପ୍ରତିନିଧି ଚେତାବନୀ ଦେଇଛନ୍ତି।

## ଜମିରେ ପସିଗଲା ପିକ୍ଅପ୍, ୧୨ ଗୁରୁତର

ପାପଡାହାଣ୍ଡି,୨୬।୩(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ବୋକ୍ସାଗୁଡା ନିକଟରେ ଭାରସାମ୍ୟ ହରାଇ ଜମିରେ ପସିଗଲା ପିକ୍ଅପ୍ ଭ୍ୟାନ୍। ଏଥିରେ ଥିବା ୧୨ ଯାତ୍ରୀ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ପାପଡାହାଣ୍ଡି ବ୍ଲକ ପାତ୍ରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖଲିଗୁଡା ଗ୍ରାମର ୫୦ ଜଣ ଲୋକ ଏକ ପିକ୍ଅପ୍ ଗାଡ଼ିରେ ବିବାହ କାର୍ଯ୍ୟରେ ଯୋଗ ଦେବା ପାଇଁ ଆଜି ସକାଳେ କୋଷାଗୁମଡ଼ା ବ୍ଲକର ଡାଡିଆମାଝୀଗୁଡା ଗ୍ରାମକୁ ଯାଇଥିଲେ। ବିବାହ କାର୍ଯ୍ୟ ସମ୍ପନ୍ନ ହେବା ପରେ ସମସ୍ତେ ପିକ୍ଅପ୍ ସାହାଯ୍ୟରେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ବୋକ୍ସାଗୁଡା ନିକଟରେ ପିକଅପ ଭେନର ଭାରସାମ୍ୟ ହରାଇ ଏକ ଚାଷ ଜମି ଭିତରୁ ଚାଲି ଯାଇଥିଲା। ସମସ୍ତ ଯାତ୍ରୀଙ୍କୁ ଗ୍ରାମବାସୀ ଉଦ୍ଧାର କରି ୧୨ ଜଣ ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଓ ବାଇକ୍ ଯୋଗେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଭର୍ତ୍ତି କରିଥିଲେ. ଗୁରୁତର ବୈଦି ଭତରା, ଗୀତା ଭତରା, ଦସେଇ ଭତରା, ତିଳେଇ ଭତରା, ତିଳେଇ ଭତରା, ଡୋଲୀ ଭତରା, ମଣି ଭତରା, ଶିବ ଭତରା, ଦୈନୁ ଭତରା, ସଞ୍ଜୁ ଭତରା, କନେଇ ଭତରା, ନାଡୁ ଭତରାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଉନ୍ନତ ଚିକିତ୍ସା ସକାଶେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ମଧ୍ୟ ସ୍ଥାନାନ୍ତର କରାଯାଇଛି। ସଂଗୀତା ଭତରା, ଦସେଇ ଭତରା, ବୈଦି ଭତରା , ମଣି ଭତରା , ତିଳେଇ ଭତରାଙ୍କୁ ମଧ୍ୟ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ ଆଉ କିଛି ଗୁରୁତରଙ୍କୁ ଘଟଣାସ୍ଥଳରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



କୋରାପୁଟ,୨୬।୩(ସମିସ):କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଅଧ୍ୟାପନା ପ୍ରକୋଷ୍ଠରେ ସଦର ବ୍ଲକ ଏବଂ ପୌର ପ୍ରଶାସନର ମିଳିତ ଆନୁକୁଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କୋରାପୁଟ ବ୍ଲକ ଓ ପୌରପାଳିକାରୁ ମୋଟ ୨୧୬ ଜଣ ଦିବ୍ୟାଙ୍ଗ ନାମ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅସ୍ଥିଶଲ୍ୟ ୧୧୪, ଦୃଷ୍ଟି ବାଧିତ ୧୦, ଶ୍ରବଣ ତଥା ବାକ୍ ଶକ୍ତି ବାଧିତ ୩୮ , ମାନସିକ ରୋଗୀ ୧୪ , ସିକଲସେଲ୍ ଏବଂ ଅନ୍ୟାନ୍ୟ ୪୦ ଜଣ ଦିବ୍ୟାଙ୍ଗଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଶିବିରରେ ସହିଦ ଲକ୍ଷ୍ମଣ ନାୟକ, ଭେଷଜ ମହାବିଦ୍ୟାଳୟ, କୋରାପୁଟ ଏବଂ ଜିଲ୍ଲା ଚିକିତ୍ସାଳୟ, କୋରାପୁଟର ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗ ଦେଇ ଦିବ୍ୟାଙ୍ଗ ମାନଙ୍କ ପରୀକ୍ଷା ନିରୀକ୍ଷା ପରେ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ମଞ୍ଜୁରୀ ପ୍ରଦାନ କରିଥିଲେ। ଏତଦ୍ ବ୍ୟତୀତ ବାଣିଶ୍ରୀ ଛାତ୍ର ବୃତି ପାଇଁ ୨ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଆବେଦନ କରିଥିବାବେଳେ ୬ ଜଣ ମଧୁବାବୁ ପେନସନ ପାଇଁ ଆବେଦନ କରିଥିଲେ । ୩ ଜଣ ଦିବ୍ୟାଙ୍ଗ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଆବେଦନ ପତ୍ର ଦାଖଲ କରିଥିଲେ। ସେହିପରି ୯୭ ଜଣ ଦିବ୍ୟାଙ୍ଗଙ୍କୁ ବସ୍‌ରେ ମାଗଣା ଗମନାଗମନ ପାଇଁ ବସ୍ ପାସ୍ ପ୍ରଦାନ କରା ଯାଇଥିଲା । ଶିବିରରେ ମୁଖ୍ୟ ଅତିଥି ଭାବରେ, ବ୍ଲକ ଅଧ୍ୟକ୍ଷା ନମିତା ମାଝୀ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼ ଯୋଗ ଦେଇଥିଲେ। ଶିବିରକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଟି. ସୁରଭି, କନିଷ୍ଠ ସହାୟିକା ପିଙ୍କି ଅଡ଼ାରୀ, କାର୍ଯ୍ୟକ୍ରମ ସହାୟକ ୱାଇ ସୁନିଲ କୁମାର, ନିତୀନ କୁମାର ଭୁକ୍ତା, କୋରାପୁଟ ବ୍ଲକ ଏବଂ ପୌରପାଳିକାର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନା କରିଥିଲେ।

## ମନରେଗା ଲୋକପାଳଙ୍କ ବନ୍ଧ କାମ ଅନୁଧ୍ୟାନ



ଗୁଣୁପୁର,୨୬।୩(ସମିସ): ରାୟଗଡ଼ା ଜିଲ୍ଲା ମନରେଗା ଆମ୍ବୁଡ୍ସପର୍ସନ ଅକ୍ଷୟ ଦାଶ କୁଜିନ୍ଦିରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗମାଙ୍ଗ କୁଡ଼ିଆ ନିକଟରେ ପୁନରୁଦ୍ଧାର କରାଯାଇଥିବା ବନ୍ଧ କାମ ପରିଦର୍ଶନ କରିଛନ୍ତି। ଏଥିସହ ମନରେଗା କର୍ମଜୀବୀ ମାନଙ୍କ ସହ ବାର୍ତାଳାପ କରି ସେମାନଙ୍କ କାର୍ଯ୍ୟଦିବସ ଓ ପ୍ରାପ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ୨୩୫୨ ଶ୍ରମ ଦିବସ ସୃଷ୍ଟି କରିବା ଲକ୍ଷ୍ୟ ରଖି ଆରମ୍ଭ ହେଇଥିବା ଏହି ପ୍ରକଳ୍ପ ପାଇଁ ଦଶଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ୫୫୧୭୯୬ ଟଙ୍କା ହିତାଧିକାରୀ ମାନଙ୍କୁ ପ୍ରଦାନ କରାଯାଇଛି । ପରିଦର୍ଶନ ବେଳେ ମେସିନରେ କାମ ନ କରିବା ଏବଂ ବନ୍ଧ ଚର୍ତୁପାଶ୍ୱର୍ରେ ଗ୍ରାସ ଟ୍ରଫିଙ୍ଗ କରିବା ପାଇଁ ପରାମର୍ଶ ଦେବା ସହ ହିତାଧିକାରୀଙ୍କୁ ପଇଠ କରିଥିବା ଅର୍ଥ ରାଶି ସମ୍ପର୍କରେ ସମସ୍ତ ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତ ଆମ୍ବୁଡ୍ସପର୍ସନ । ଏହି ପରିଦର୍ଶନ ବେଳେ ରାମନାଗୁଡ଼ା ମନରେଗା ସହକାରୀ ପ୍ରକଳ୍ପ ଅଧିକାରୀ ଅକ୍ଷୟ ମହାନ୍ତି,ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ପୁଲକା, ମେଟ ରଂଜିତ ଗାଁଟା ଏବଂ ଏଡିଇ ଓ ମଧୁସ୍ମିତା ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ଆରମ୍ଭ ହେଲା ଗ୍ରୀଷ୍ମକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ମାଲକାନଗିରି,୨୬ ।୩(ସମିସ): ମାଲକାନଗିରି ଜିଲ୍ଲାରେ ୧୭ ବର୍ଷରୁ କମ୍ ବୟସ୍କ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୫ଟି ଦଳ ଖେଳିବେ। ପ୍ରତେକ ଦଳରେ ୧୪ ଜଣ ପୁରୁଷ ଏବଂ ଜଣେ ମହିଳା ଖେଳାଳି ରହିଛନ୍ତି। ଏହି ଟୁର୍ନାମେଣ୍ଟ ଆସନ୍ତା ଏପ୍ରିଲ ମାସ ୫ ତାରିଖରେ ଶେଷ ହେବ। ଏହାକୁ ମାଲକାନଗିରି ଜିଲ୍ଲା କ୍ରିକେଟ୍



ଆସୋସିଏସନ୍ ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ ଆସୋସିଏସନ୍‌ର ସଭାପତି ଏମ୍‌ଡି ଫାରୁକ, ସମ୍ପାଦକ ହୃଦାନନ୍ଦ ସାହୁ, ଭାରତୀୟ ପୁରୁଷ କ୍ରିକେଟ୍ ଦଳର ପୂର୍ବତନ ମ୍ୟାନେଜର ସତବୀର ସିଙ୍ଗ ରିଆର ଏବଂ ମାଲକାନଗିରି ଜିଲ୍ଲା ଡିସିଏର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ ହୋଇଛି। ତେବେ ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି, ଆଗାମୀ ଦିନରେ ଜିଲ୍ଲାରୁ ଭଲ ଖେଳୁଥିବା ଖେଳାଳିଙ୍କୁ ଆଗକୁ ଆସିବା, ରାଜ୍ୟ ଓ ଅନ୍ତର୍ଜାତୀୟ କ୍ରିକେଟ ଖେଳରେ ସ୍ଥାନ ପାଇବାର ସୁଯୋଗ ପ୍ରଦାନ କରିବା।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ



ମାଲକାନଗିରି,୨୬ ।୩(ସମିସ): ଆସନ୍ତା ଏପ୍ରିଲ ୧ ତାରିଖରେ ଜିଲ୍ଲା ସ୍ତରୀୟ 'ଓଡ଼ିଶା ଦିବସ'କୁ ମହାସମାରୋହରେ ପାଳନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦାଶରଥି ସରାବୁଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୃହୀତ ନିଷ୍ପତ୍ତି ଅନୁଯାୟୀ, ଓଡ଼ିଶା ଦିବସ ଅବସରରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସହରରେ ଉକ୍ତ ଦିନ ଏକ ପ୍ରଭାତଫେରି ଆୟୋଜନ କରାଯିବ। ଏହି ଦିବସରେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ତରଫରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ। ସେହିପରି ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ କାର୍ଯ୍ୟାଳୟ ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବା ପାଇଁ ସ୍ଥିର ହୋଇଛି। ଏଥି ସହିତ ଏକ ସାଧାରଣ ସଭା ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଏହି ସଭାରେ ପୁରସ୍କୃତ କରାଯିବ। ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରିବାକୁ ବୈଠକରେ ସୂଚନା ଦିଆଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ବୈଠକର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ପୂର୍ବ ବର୍ଷର ବିବରଣୀ ପାଠ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ, ଏସିଏଫ୍ ମନସୁନ୍ ଖେମୁଣ୍ଡୁଙ୍କ ସମେତ ଜିଲ୍ଲାର ସମସ୍ତ କଲେଜ ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବିଭାଗୀୟ କର୍ମଚାରୀ ହରେକୃଷ୍ଣ କିର୍ତ୍ତନିଆ ଓ ରଞ୍ଜନ ମହାନ୍ତି ବୈଠକ ଆୟୋଜନରେ ସହଯୋଗ କରିଥିଲେ।

## ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ପ୍ରଦାନ ପାଇଁ ଅନୁଧ୍ୟାନ

ଗୁଡ଼ାରୀ,୨୬।୩(ସମିସ): ଗୁଡାରୀ ବ୍ଲକର ନଅ ଗୋଟି ପଞ୍ଚାୟତର ଏମିତି କିଛି ଗ୍ରାମ ଅଛି, ଯେଉଁଠିକି ଆଜି ପର୍ଯ୍ୟନ୍ତ ସେଠାକାର ଜନଜାତି ଲୋକଙ୍କୁ ମୌଳିକ ସୁବିଧା ମିଳୁନି। କେଉଁ ଗ୍ରାମରେ ପାନୀୟ ଜଳ ସମସ୍ୟା ତ ଆଉ କେଉଁ ଗ୍ରାମରେ ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ ସୁବିଧା ନାହିଁ। କିଛି ଦିନ ତଳେ ମଧୁବନ ପଞ୍ଚାୟତ ଡଙ୍ଗର ଗମ୍ଭାରୀ ଗ୍ରାମରେ ପାନୀୟ ଜଳର ଉତ୍କଟ ଚିତ୍ର ସାମ୍ନାକୁ ଆସିଥିଲା । ଏହାକୁ ନେଇ ଗୁଡାରୀ ବିଡିଓ, ଅନ୍ୟ କର୍ମଚାରୀ ସେଠାରେ ପହଞ୍ଚି ସମାଧାନ କରିଥିଲେ। ଗୁରବାର ଦିନ ଗୁଡାରୀ ତହସିଲଦାର ସୁଶ୍ରୀ ଏ.ସ୍ନେହଲତା, ଅତିରିକ୍ତ ତହସିଲଦାର ସୁନିଲ ଶବର, ଡେପାଗୁଡ଼ା ଆରଆଇ ବି.ସନ୍ତୋଷ, ଏଆରଆଇ ସଚି କୁମାର ବେହେରା, ସୁଭର ଭାଇଜର ମନୋଜ ଶବର ଏକ ଟିମ୍‌ରେ ଯାଇ ପାତ କେରେଡା ପରେ ହାଲାମ ଗ୍ରାମ, ଡେପାଗୁଡ଼ା ଗ୍ରାମଠାରୁବେହେରା ଗାଁ ଦେଇ ଘଞ୍ଚ ଅରଣ୍ୟ ଅଗନାଅଗନି ବନ ପାହାଡ ଚଡି ଡଙ୍ଗର ଗମ୍ଭାରୀ ଗ୍ରାମକୁ ଯାଇଥିଲେ। ସୂଚନା ଅନୁଯାୟୀ ତିନୋଟି ଗ୍ରାମର ପ୍ରାୟ ୪୬ ଜଣ ଜନଜାତି ଲୋକଙ୍କ ବସ୍ତି ଜାଗାକୁ ପଟାର ସ୍ଥାୟୀ ସ୍ୱୀକୃତି ପ୍ରଦାନ କରିବା ପାଇଁ ନଥିପତ୍ର ସଂଗ୍ରହ କରିବା ସହ ସତ୍ୟ ପ୍ରମାଣ ଦେବା ପାଇଁ ଆଲୋଚନା କରାଯିବ।



## ବେପରୁଆ ଗାଡ଼ି ଚାଳନା, ବେଆଇନ ପାର୍କିଂ

### ନୀରବଦ୍ରଷ୍ଟା ସାଜିଛନ୍ତି ପ୍ରଶାସନ

ଗୁଣୁପୁର,୨୬।୩(ସମିସ): ଗୁଣୁପୁର ସହରରେ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଯାନବାହାନ ଚଳାଚଳ ବୃଦ୍ଧି ପାଇଛି। ଫଳରେ ବ୍ୟାପକ ଟ୍ରାଫିକ୍ ସମସ୍ୟା ଓ ଦୁର୍ଘଟଣା ଘଟୁଛି। ଏହା ମଧ୍ୟରେ ସ୍ପିଡ ବାଇକ୍ ଗୁଡିକରେ ଯୁବକ ମାନେ ଦ୍ରୁତ ଗତିରେ ଗାଡି ଚଳାଇବା, ମୁଖ୍ୟ ରାସ୍ତାରେ ରେସିଂ କରିବା, ଉଚ୍ଚ ସ୍ୱରରେ ହର୍ଣ୍ଣ ବ୍ୟବହାର କରିବା ଏବଂ ବିଭିନ୍ନ ପ୍ରକାରର ସାଇଲେନ୍ସର ଲଗାଇ ଉଚ୍ଚ ଶବ୍ଦ କରି ଲୋକଙ୍କୁ ଆ ତ ଙ୍କି ତ କ ରୁ ଥି ବ । ଗୁଣୁପୁର ସହରର ନିତିଦିନିଆ ସମସ୍ୟା। ଅପରପକ୍ଷେ ଅଟୋ ଓ ଟ୍ରାକ୍ଟର ଗୁଡିକର ଚାଳକମାନେ ଦ୍ରୁତ ଗତିରେ ଗାଡି ଚଳାଇବା ଏବଂ ରାସ୍ତା ମଝିରେ ଏଣେତେଣେ ପାର୍କିଂ କରୁଥିବା ଦେଖିବାକୁ ମିଳୁଛି। ଅଧିକାଂଶ ଅଟୋର ଫିଟନେସ୍ ଏବଂ ଚାଳକଙ୍କ ଲାଇସେନ୍ସ ନଥାଇ ଅଟୋ ଚଳାଉଥିବା ନେଇ ଅନ୍ୟ ଅଟୋ ଚାଳକ ମାନେ କହୁଛନ୍ତି। ସେହିଭଳି ଟ୍ରାକ୍ଟର ଗୁଡିକ ମଧ୍ୟ ଓଭର୍ ଲୋଡିଂ, ଦ୍ରୁତଗତିରେ ଗାଡି ଚଳାଇବା, ବାଲି ନେବା ସମୟରେ ବାଲିକୁ ପାଲରେ ଢାଙ୍କୁ ନଥିବା ଦେଖିବାକୁ ମିଳୁଛି। ଏଭଳି କି ଯେ ୯୦ ପ୍ରତିଶତ ଟ୍ରାକ୍ଟର ଡ୍ରାଇଭର୍ ମାନଙ୍କର ଡ୍ରାଇଭିଂ ଲାଇସେନ୍ସ ନଥିବା ବେଳେ ଅଧିକାଂଶ ଟ୍ରାକ୍ଟର ଡ୍ରାଇଭରଙ୍କ ବୟସ ୧୮ ବର୍ଷରୁ କମ୍ ରହିଥିବା ଜଣାପଡ଼ିଛି। ସହର ମଧ୍ୟରେ ବ୍ୟାପକ ଟ୍ରାଫିକ୍ ସମସ୍ୟା ଉପୁଜୁଥିବା ବେଳେ ଏଭଳି ଗାଡ଼ି ଚାଳନା ଯୋଗୁଁ ସାଧାରଣ ଜନତା ଆତଙ୍କିତ ହେଉଥିବା କହୁଛନ୍ତି। ଆର୍‌ଟିଓ, ଏମ୍‌ଭିଆଇ ଏବଂ ପୁଲିସ ବିଭାଗ ପକ୍ଷରୁ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସମସ୍ୟା ଗୁଡିକ ଉପରେ ପୁଲିସ୍ ପ୍ରଶାସନ ପକ୍ଷରୁ କଡା ନଜର ରଖାଯାଇ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଗୁଣୁପୁର ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା



ଗୁଣୁପୁର,୨୬।୩(ସମିସ): ଗୁଣୁପୁର କଲେଜରେ ଆଜି ପୂର୍ବତନ ଇତିହାସ ବିଭାଗର ପ୍ରାଧ୍ୟାପକ ଡକ୍ଟର ଜବାହାରଲାଲ ଚୌଧୁରୀଙ୍କ ବିଦାୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ବି. ଶ୍ରୀହରି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ସଭା ଆରମ୍ଭ ହୋଇଥିଲା। ସଭା ଆରମ୍ଭରେ ଓଡ଼ିଆ ବିଭାଗର ଅଧ୍ୟାପକ ଜଗନ୍ନାଥ ଦୀପ ସ୍ୱାଗତ ଓ ଉଦ୍‌ଘାଟନୀ ଉଦ୍‌ବୋଧନ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅଲୋଚନା କରିଥିଲେ। ପରେ ଅତିଥିମାନଙ୍କୁ ମଞ୍ଚରେ ଆମନ୍ତ୍ରଣ ଓ ପୁଷ୍ପଗୁଚ୍ଛ ଦ୍ୱାରା ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ଜି. ମହେଶ୍ୱର ରାଓ, ପ୍ରାଣୀବିଜ୍ଞାନ ବିଭାଗର ପ୍ରାଧ୍ୟାପିକା କଳ୍ପନା ବେହେରା, ଭୌତିକ ବିଜ୍ଞାନର ଅଧ୍ୟାପକ ସତୀଶ କୁମାର ପଟ୍ଟନାୟକ ଏବଂ ରାଜନୀତି ବିଜ୍ଞାନର ଅଧ୍ୟାପକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଦୀପ ପ୍ରଜ୍ୱଳନ ପରେ ଅଧ୍ୟାପକମାନେ ନିଜ ଅନୁଭବ ପ୍ରକାଶ କରି ଡକ୍ଟର ଚୌଧୁରୀଙ୍କ ଶିକ୍ଷା ଓ ସେବାକୁ ସ୍ମରଣ କରିଥିଲେ। ଡକ୍ଟର ଜବାହାରଲାଲ ଚୌଧୁରୀ ତାଙ୍କ ଉଦ୍‌ବୋଧନରେ କଲେଜ ସହିତ ତାଙ୍କ ଦୀର୍ଘ ସମୟର ସ୍ମୃତିକୁ ମନେ ପକାଇ ଭାବବିହ୍ୱଳ ହୋଇଥିଲେ। ସଭାପତ ବି. ଶ୍ରୀହରି ପଟ୍ଟନାୟକ ମଧ୍ୟ ତାଙ୍କର ଅବଦାନକୁ ଉଚ୍ଚସ୍ତୁତି କରିଥିଲେ। ଶେଷରେ ଗଣିତ ବିଭାଗର ଅଧ୍ୟାପିକା ଡକ୍ଟର ଦୀପିକା ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। ସଭାପତି ସଭାର ସମାପ୍ତି ଘୋଷଣା କରିଥିଲେ।

# ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



● ଲିଟିଗୁଡ଼ା ଚାମ୍ପିଅନ

ସେମିଳିଗୁଡ଼ା,୨୬।୩ (ସମିସ): ନାଲକୋ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ଦ୍ୱାରା ରାଷ୍ଟ୍ରଦୀପର ସହଯୋଗରେ ଆୟୋଜିତ ଦୁଇଦିନିଆ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସେମିଳିଗୁଡା ବ୍ଲକ ଅନ୍ତର୍ଗତ ବେହେରାଗୁଡା ଠାରେ ଆୟୋଜିତ ଉକ୍ତ ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୪୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ଲିଟିଗୁଡ଼ା ଓ ଚଉଗାଁ ମଧ୍ୟରେ ଖେଳାଯାଇଥିଲା। ଲିଟିଗୁଡ଼ା ଦଳ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ଟ୍ରଫି ସହିତ ୧୫ ହଜାର ଟଙ୍କାର ପୁରସ୍କାର ପ୍ରାପ୍ତ କରିଥିଲେ। ସେହିଭଳି ଚଉଗାଁ ଫୁଟବଲ ଦଳ ରନର୍ସ ଅପ୍ ଟ୍ରଫି ସହ ୧୦ ହଜାର ଟଙ୍କାର ପୁରସ୍କାର ଅତିଥି ମାନଙ୍କ ଠାରୁ ଗ୍ରହଣ କରିଥିଲେ। ବୁଧୁବାର ରାତିରେ ଉକ୍ତ ଗ୍ରାମୀଣ କ୍ରୀଡା ପ୍ରତିଯୋଗିତାର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳୀ ଦେବାଶିଷ ମହାନ୍ତି ଯୋଗଦେଇ ଉକ୍ତ ଟୁର୍ଣ୍ଣାମେଣ୍ଟରେ ସମସ୍ତ ଦଳ ଶୃଙ୍ଖଳିତ ଭାବେ ଖେଳିଥିବା ଯୋଗୁଁ ସମସ୍ତ ଖେଳାଳୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋ ଜେନେରାଲ ମ୍ୟାନେଜର ସୁଗତ ଆନନ୍ଦ ବାସୁ, ସଞ୍ଜୟ ଗୁପ୍ତା, ନଗେନ ବେହେରା, ନାଲ୍‌କୋ କ୍ରୀଡା ବିଭାଗର ଅଧିକାରୀ ଅରୁଣ କୁମାର ମହାନ୍ତି, ସେମିଳିଗୁଡା ତହସିଲଦାର ଦେବବ୍ରତ କରାଟି, ସେମିଳିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ, ସୁନାବେଡା ଏସଡିପି ଓ ସୁମିତ୍ରା ଜେନା, ସୁନାବେଡା ଥାନା ଅଧିକାରିଣୀ ସୁଷମା କହଁର, ସେମିଳିଗୁଡା ଥାନା ଅଧିକାରିଣୀ ଅନିତା କୁଜୁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଷ୍ଟ୍ରଦୀପର ବରିଷ୍ଠ ପତ୍ରକାର ତଥା ବିଶିଷ୍ଟ ସମାଜସେବୀ ଡକ୍ଟର ଜଳେନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଏବଂ ରାଷ୍ଟ୍ରଦୀପର ରାଜ୍ୟ ଉପ ସଭାପତି ଅରୁଣ କୁମାର ଜେନାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଜାତୀୟ ରାଜପଥ ଜମି ଜବରଦଖଲ

# ଟିକଟ୍ କାଉଣ୍ଟର, କାର୍ଯ୍ୟାଳୟ ଭାଙ୍ଗିଲା ପ୍ରଶାସନ



➤ ଜବରଦଖଲରେ ଷ୍ଟଲ ନିର୍ମାଣ
➤ ଉଚ୍ଛେଦ ପାଇଁ ପ୍ରଶାସନର ଟାଳଟୁଳ ନୀତି

ଜୟପୁର, ୨୬।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ଘରୋଇ ବସ୍ ଟିକଟ କାଉଣ୍ଟର ଏବଂ କାର୍ଯ୍ୟାଳୟ ଜାତୀୟ ରାଜପଥ ଜମିରେ ଜବରଦଖଲରେ ରହିଥିଲା। ହାଇକୋର୍ଟର ନିର୍ଦ୍ଦେଶକ୍ରମେ ଉକ୍ତ ଦୁଇଟି କକ୍ଷକୁ ସିଲ୍ କରାଯାଇଥିବା ବେଳେ ଆଜି ପ୍ରଶାସନ ପକ୍ଷରୁ ସିଲ୍ ଉଭୟ ଗୃହକୁ ପୋକଲିନ ମେସିନ ସହାୟତାରେ ଭଙ୍ଗା ଯାଇଛି। କିନ୍ତୁ ପାଶ୍ୱର୍ରେ ଜାତୀୟ ରାଜପଥ ଜମିରେ ରହିଥିବା ଅନ୍ୟାନ୍ୟ ଷ୍ଟଲ ଗୁଡିକକୁ ଉଚ୍ଛେଦ କରା ନ ଯାଇ ନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କାର୍ଯ୍ୟକାରୀ ମାଜିଷ୍ଟ୍ରେଟ ତଥା ତହସିଲଦାର ସବ୍ୟସାଚୀ ଜେନାଙ୍କ ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲା ଘରୋଇ ବସ ମାଲିକ ସଂଘ ନାମରେ କାର୍ଯ୍ୟାଳୟ ଓ ଘରୋଇ ଟିକଟ କାଉଣ୍ଟର ପ୍ରାୟ ୪ ଡେସିମିଲ ଜମିରେ ଟିଣଛପର ଦୁଇଟି କକ୍ଷ ଗୃହ ରହିଥିଲା। କିନ୍ତୁ ୨୦୧୯ ମସିହାରେ ଏହାକୁ ଉଚ୍ଛେଦ ନେଇ ତହସିଲ ପକ୍ଷରୁ ନୋଟିସ କରାଯାଇଥିଲା। କିନ୍ତୁ ବିପକ୍ଷ ପାର୍ଟି ପକ୍ଷରୁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏଥିନେଇ ହାଇକୋର୍ଟ ପକ୍ଷରୁ ସ୍ଥଗିତାଦେଶ ଜାରି କରାଯାଇଥିଲା। କିନ୍ତୁ ଗତ ୨୦୨୫ ମସିହାରେ ହାଇକୋର୍ଟର ସିଙ୍ଗଲ ବେଞ୍ଚ ପକ୍ଷରୁ ରାୟ ପ୍ରକାଶ ପାଇ ଜବରଦଖଲ ଉଚ୍ଛେଦ କରିବା ନେଇ ନିର୍ଦ୍ଦେଶ ହୋଇଥିଲା। ବିପକ୍ଷଦଳ ପୁଣି ହାଇକୋର୍ଟର ଡବଲ ବେଞ୍ଚରେ ଆବେଦନ କରିଥିଲେ। ଏହାର ଶୁଣାଣି କାରାଯାଇ ପୁଣି ଜମିକୁ ଜବରଦଖଲ ଉଚ୍ଛେଦ କରିବା ନେଇ ଜିଲ୍ଲା ଏସ୍‌ପି ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲା। ତେଣୁ ହାଇକୋର୍ଟର ରାୟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଜାତୀୟ ରାଜପଥକୁ ଉକ୍ତ ଜମିକୁ ହସ୍ତାନ୍ତର କରାଯାଇଛି। ଏହି ଉଚ୍ଛେଦ ବେଳେ ତହସିଲର ସୁପରଭାଇଜର ହରିହର ଶତପଥି, ପୁଲିସ ଏସ୍‌ଆଇ ରାଜେନ୍ଦ୍ର ପାଙ୍ଗୀ ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ କେବଳ କୋର୍ଟର ରାୟକୁ ନେଇ କାର୍ଯ୍ୟାନୁଷ୍ଠାନ ହେଉଥିବା ବେଳେ ପ୍ରଶାନସ ଓ ରାଜସ୍ୱ ବିଭାଗ ଦ୍ୱାରା ସରକାରୀ ଏବଂ ଜାତୀୟ ରାଜପଥର ଜମି ଜବରଦଖଲ ଉକ୍ତ ଅଞ୍ଚଳରେ ହୋଇଥିବା ନେଇ ସରକାରୀ ଅଧିକାରୀ ମାନେ ଅବଗତ ରହିଥିଲେ ସୁଦ୍ଧା ନାମୀଦାମି ଜମିରୁ ଜବରଦଖଲ ଉଚ୍ଛେଦ କାହିଁକି ହେଉନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ରାୟଗଡ଼ା ଜିଲ୍ଲା କଳାକ୍ଷେତ୍ର ବୋର୍ଡ କମିଟି ଘୋଷଣା

ରାୟଗଡ଼ା,୨୬।୩ (ସମିସ):

କଳା,ସଂସ୍କୃତିର ପ୍ରଚାର ପ୍ରସାର ଓ ବିକାଶ ପାଇଁ କାର୍ଯ୍ୟ କରୁଥିବା ଓଡିଶାର ଅଗ୍ରଣୀ ଅନୁଷ୍ଠାନ କଳାକ୍ଷେତ୍ର ପକ୍ଷରୁ ରାୟଗଡ଼ା ଜିଲ୍ଲା ବୋର୍ଡ କମିଟି ଘୋଷଣା ହୋଇଛି। ଭୁବନେଶ୍ୱର ସ୍ଥିତ କଳାକ୍ଷେତ୍ର ଅନୁଷ୍ଠାନ ସଭାପତି ଅଶ୍ରୁମୋଚନ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର କଳାକ୍ଷେତ୍ର ଅନୁଷ୍ଠାନର ସଭ୍ୟ ସଂପାଦକ ବାସୁଦେବ ମାଲବିଶୋଇ ଆଜି ରାୟଗଡ଼ା ଜିଲ୍ଲା କଳାକ୍ଷେତ୍ର ବୋର୍ଡ କମିଟି ତାଲିକା ପ୍ରକାଶ କରିଛନ୍ତି। ଏଥିରେ ରାୟଗଡ଼ା ଜିଲ୍ଲାର ସୁପରିଚିତ କଳାକାର ସନ୍ତୋଷ କୁମାର ତାଣ୍ଡିଙ୍କୁ ରାୟଗଡ଼ା କଳାକ୍ଷେତ୍ର ଜିଲ୍ଲା ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲା ସହ-ସଂଯୋଜକ ଭାବେ ଶିବ ନାରାୟଣ ଗୌଡ, ତ୍ରିଲୋଚନ ସାହୁ, ସହଦେବ ତାଣ୍ଡି,ଝିଲି ତାଣ୍ଡି, ଜ୍ୟୋତି ବାଚେଲି, ହେମାମାଳା ଗରଡିଆ, ମଧୁସୂଦନ ମହାପାତ୍ର, ନାଗେଶ୍ୱର ହାରକା, ଦୋରା ବିଡିକାଙ୍କୁ ମନୋନୀତ କରାଯାଇଛି। ସେହିପରି କଳାକ୍ଷେତ୍ର ଜିଲ୍ଲା ବୋର୍ଡ ସଭ୍ୟ ଏବଂ ସଂଗଠକ ଭାବେ ଗୀତ ପାଣିଗ୍ରାହୀ, ମକସିର ଛୁରା, ରମେଶ ତାଣ୍ଡି,

### ସନ୍ତୋଷ ତାଣ୍ଡି ଜିଲ୍ଲା ସଂଯୋଜକ

ଦୟା କୁଲଦୀପ, ରୋନୀ ନାୟକ, ବିକାଶ ପାଲକିଆ, ଦିଗଶାନ ପାଲକିଆ, ନକୁଳ ନାୟକ, ଶିବ ଭାସ୍କର ଓ ପଦ୍ମନ ନିମାଲଙ୍କୁ ମନୋନୀତ କରାଯାଇଛି। ପ୍ରକାଶ ଥାଉ କି, ଚଳିତ ବର୍ଷ ଫେବୃଆରୀ ମାସ ୮ ତାରିଖରେ କଳାକ୍ଷେତ୍ରର ସମସ୍ତ ଜିଲ୍ଲା ସଂଯୋଜକ, ସହ ସଂଯୋଜକ, କେଆରସି,ରାଜ୍ୟ ସଂଯୋଜକ ଏବଂ ବୋର୍ଡ ସଦସ୍ୟଙ୍କ ସମ୍ପ୍ରତି ଅନୁଷ୍ଠିତ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକରେ ଜିଲ୍ଲାସ୍ତରରେ କଳାକ୍ଷେତ୍ରର ସୁଗମ କାର୍ଯ୍ୟ ପାଇଁ ସକ୍ରୀୟ ସମନ୍ୱୟ ଏବଂ ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ କିଛି ଜିଲ୍ଲାରେ ନେତୃତ୍ୱକୁ ପୁନର୍ବିନ୍ୟାସ ଏବଂ ସଂଶୋଧନ କରିବାକୁ ନିଷ୍ପତି ନିଆଯାଇଥିଲା। ଆଗାମୀ ଦିନରେ କୋଣାର୍କ ଠାରେ ଅନୁଷ୍ଠିତ ହେବାକୁ ଥିବା ୩୦୦ଦିନର ଲୋକ ପ୍ରଦର୍ଶନ, କଳାକ୍ଷେତ୍ର ଅଧୀନରେ ଲୋକ କଳାକାରଙ୍କ ଗଣ ନାମ ଲେଖା ଅଭିଯାନ, ଗାଁ ମୋ ମା କାର୍ଯ୍ୟକ୍ରମ, କଳାକ୍ଷେତ୍ର ଗ୍ରାମ କାର୍ଯ୍ୟକ୍ରମ ଏବଂ ଓଡିଆ ନବବର୍ଷ ପାଳନ ଇତ୍ୟାଦି ଉପରେ ଜରୁରୀ ପଦକ୍ଷେପ ଏବଂ ତୁରନ୍ତ କାର୍ଯ୍ୟକାରୀ କରିବାକୁ ରାୟଗଡ଼ାଜିଲ୍ଲା ପାଇଁ ଜିଲ୍ଲା ବୋର୍ଡ କମିଟି କାର୍ଯ୍ୟକାରୀ ନିମନ୍ତେ ଉପରୋକ୍ତ ବ୍ୟକ୍ତିମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ ରାୟଗଡ଼ା ଜିଲ୍ଲା କଳାକ୍ଷେତ୍ର ବୋର୍ଡ କମିଟିର ନୂତନ ଦାୟିତ୍ୱ ପାଇଥିବା ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଇ ସେମାନଙ୍କ ନେତୃତ୍ୱ ଆଉ ସହଯୋଗରେ ରାୟଗଡ଼ା ଜିଲ୍ଲାର କଳାକାରଙ୍କ ଉନ୍ନତି ହେବ ବୋଲି ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ତାଣ୍ଡି ପ୍ରକାଶ କରିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ

ରାୟଗଡ଼ା,୨୬।୩(ସମିସ): ଗୁରୁବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡ଼ା ଠାରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର



ବରିଷ୍ଠ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ମିନତୀ ନନ୍ଦ ମଧ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ରାମ, ସୀତା, ଲକ୍ଷ୍ମଣ ଓ ହନୁମାନ ବେଶରେ ଆସିଥିବା ଶିଶୁଙ୍କ ପୂଜା ଅର୍ଚ୍ଚନା କରାଯାଇଥିଲା। ସହ ପ୍ରଧାନ ଆଚାର୍ଯ୍ୟାଙ୍କ ଦ୍ୱାରା ପରିଚୟ ପ୍ରଦାନ ପରେ ମୁଖ୍ୟବକ୍ତା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କଥନ କରିବା ସହିତ ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଚନ୍ଦ୍ରଙ୍କର ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ସବିତା ସାହୁ ଧନ୍ୟବାଦ ଦେଇଥିଲେ। ଆଚାର୍ଯ୍ୟା ଶାନ୍ତିଲତା ପାତ୍ର କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଛି।

# କାଳିଚୋଚରା ଅଞ୍ଚଳରେ ଖଣିଜ ପଦାର୍ଥ ଅନ୍ୱେଷଣ

ରାୟଗଡ଼ା,୨୬।୩(ସମିସ): ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ ଅନ୍ତର୍ଗତ କାଳିଚୋଚରା ଅଞ୍ଚଳରେ ରାଜ୍ୟ ଖଣି ଓ ଭୂତତ୍ୱ ନିର୍ଦ୍ଦେଶାଳୟ ଦ୍ୱାରା ବକ୍ସାଇଟ ନିମନ୍ତେ ଜି-୩ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ଚାଲୁ ରହିଛି। ନିକଟସ୍ଥ ଗ୍ରାମବାସୀ ବିରୋଧ କରିବାରୁ ଅନୁସନ୍ଧାନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ଆପୋଷ ସମାଧାନ କରାଯିବା ପାଇଁ ବିଭିନ୍ନ ସ୍ତରରେ ଆଲୋଚନା ଜାରି ରହିଥିବା ନେଇ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ରାୟଗଡ଼ା ଜିଲ୍ଲା ବିଷମକଟକ ନିର୍ବାଚନ ମଣ୍ଡଳୀ ବିଧାୟକ ନୀଳମାଧବ ହିକକାଙ୍କ ଅଣତାରକା ପ୍ରଶ୍ନରେ କହିଛନ୍ତି। ବିଷମକଟକରେ ଏକ ମାଇନିଂ କଲେଜ ସ୍ଥାପନା ଦିଗରେ ପ୍ରସ୍ତାବ ଗ୍ରହଣ ପୂର୍ବକ ରାୟଗଡ଼ା ଜିଲ୍ଲାରେ କେଉଁ ସ୍ଥାନରେ ବର୍ତ୍ତମାନ ଖଣି ସର୍ବେକ୍ଷଣ, କାହା ଦ୍ୱାରା ଚାଲୁ ରହିଛି ବୋଲି ବୋଲି ପ୍ରଶ୍ନର ଉତ୍ତରରେ ଜିଲ୍ଲାରେ କାଳିଚୋଚରା ସହ ଅନ୍ୟାନ୍ୟ ସ୍ଥାନରେ ଗ୍ରାଫାଇଟ୍,ମାଙ୍ଗାନିଜ,କୋବାଲ୍ଟ ଓ ସହଜାତ ଖଣିଜ ପଦାର୍ଥର ଖଣି ଅନ୍ୱେଷଣ ପ୍ରକଳ୍ପ ଜାରି ରହିଛି ବୋଲି କହିଛନ୍ତି। ବର୍ତ୍ତମାନ



କୋରାପୁଟ ଏବଂ ରାୟଗଡ଼ା ଜିଲ୍ଲାର ତଳକୁଟିଙ୍ଗା-ରୂପକୋଣା ଅଞ୍ଚଳରେ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା (ଜିଏସଆଇ) ଦ୍ୱାରା ଜି-୪ ସ୍ତରରେ ମାଙ୍ଗାନିଜ, କୋବାଲ୍ଟ ଏବଂ ସହଜାତ ଖଣିଜ ପଦାର୍ଥ ପାଇଁ ପ୍ରାରମ୍ଭିକ ସର୍ବେକ୍ଷଣ ଚାଲୁ ରହିଛି। ଉକ୍ତ ସଂସ୍ଥା ଦ୍ୱାରା ଜିଲ୍ଲାର କର୍ଲାଘାଟି-ଗୁଡାରୀ ଏବଂ ପାଶ୍ୱର୍ବର୍ତ୍ତୀ ଅଞ୍ଚଳର ଇଜିଏମବି ଲିଥୋୟୁନିଟଗୁଡିକରେ ଗ୍ରାଫାଇଟ୍ ଏବଂ ସହଜାତ ଭାନାଡିଅମ ପାଇଁ ଜି-୪ସ୍ତରରେ ମଧ ପ୍ରାରମ୍ଭିକ ଅନ୍ୱେଷଣ ଜାରି ରହିଥିବା ଖଣି ମନ୍ତ୍ରୀ ଶ୍ରୀ ଜେନା ଉତ୍ତରରେ କହିଛନ୍ତି। ସେହିପରି ଜିଲ୍ଲାର ମୁନିଗୁଡା ଅଞ୍ଚଳର ଯୁଗପାଦର ଏବଂ କାନିବାଣି ପାଖାପାଖି ଅଞ୍ଚଳରେ ଗ୍ରାଫାଇଟ ଖଣି ପାଇଁ ରାଜ୍ୟ ଖଣି ଓ ଭୂତତ୍ୱ ନିର୍ଦ୍ଦେଶାଳୟ ଦ୍ୱାରା ଜି-୩ ସ୍ତରରେ ଅନ୍ୱେଷଣ ଜାରି ରହିଥିବା ବେଳେ ରାଜ୍ୟ ଖଣି ଓ ଭୂତତ୍ୱ ନିର୍ଦ୍ଦେଶାଳୟ ଦ୍ୱାରା ମୁନିଗୁଡା ଓ ସର୍ଗିଗୁଡା ଅଞ୍ଚଳରେ ଗ୍ରାଫାଇଟ ପାଇଁ ଜି-୬ ସ୍ତରରେ ଏବଂ ଜିଲ୍ଲାର ଦୁମ୍ମୁରୁନେଳି ଅଞ୍ଚଳରେ ମାହେଶ୍ୱରୀ ମାଇନିଙ୍ଗ ପ୍ରା.ଲିଃ ଦ୍ୱାରା ଜି-୪ ସ୍ତରରେ ଗ୍ରାଫାଇଟ୍ ଖଣି ପାଇଁ ଅନ୍ୱେଷଣ ଜାରି ରହିଥିବା ଖଣି ମନ୍ତ୍ରୀ ଶ୍ରୀ ଜେନା ବିଧାୟକ ଶ୍ରୀ ହିକକାଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି।

# ଚେକ୍ ଡ୍ୟାମ୍ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



● ୨୯ରେ ସର୍ବଦଳୀୟ ବୈଠକ

ନବରଙ୍ଗପୁର,୨୬।୩(ସମିସ):

ନବରଙ୍ଗପୁର ଜିଲ୍ଲା ବିକ୍ରମପୁର ଗ୍ରାମରେ ଚେକ୍ ଡ୍ୟାମ ନିର୍ମାଣ ହେଲେ ବହୁ କ୍ଷୟକ୍ଷତି ହେବା ଆଶଙ୍କା ନେଇ ଆଜି ଶତାଧିକ ଲୋକେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚି ଏକ ଦାବି ପତ୍ର ପ୍ରଦାନ କରିଥିଲେ। ବିକ୍ରମପୁର ଗ୍ରାମ ମୁଣ୍ଡରେ ଚେକ୍ ଡ୍ୟାମ ନିର୍ମାଣ ପରେ ଚାଷୀ ମାନଙ୍କ ଯେଉଁ କ୍ଷୟକ୍ଷତି ହେବ ସେଥିପାଇଁ ବିସ୍ଥାପିତ ଲୋକଙ୍କ ପାଇଁ ସରକାର କୌଣସି ଉଚିତ ପଦକ୍ଷେପ ନେବାପାଇଁ ଚେଷ୍ଟା କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗୁରୁବାର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ତହସିଲଦାରଙ୍କ ପାଖରେ ଏ ନେଇ ଦାବି ରଖାଯାଇଛି। ଆସନ୍ତା ୨୯ରେ ଏକ ସର୍ବଦଳୀୟ ବୈଠକ ହେବ ବୋଲି ଉପସ୍ଥିତ ବରିଷ୍ଠ ନେତା ମୁନା ତ୍ରିପାଠୀ ପ୍ରକାଶ କରିଛନ୍ତି। ଏହି କମିଟିରେ ପୂର୍ବତନ ସରପଞ୍ଚ, ବରିଷ୍ଠ ସମାଜସେବୀ ଟଙ୍କଧର ଭତରା ଓ ରଜନୀ ଭତରା ଉପସ୍ଥିତ ଥିଲେ ବୋଲି ସୂଚନା ଦେଇଛନ୍ତି ଶ୍ରୀ ତ୍ରିପାଠୀ।

# ମା'ସେନା ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ




ନବରଙ୍ଗପୁର,୨୬।୩(ସମିସ): ନବରଙ୍ଗପୁର ଜିଲ୍ଲା ମା'ସେନା ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ଅମଳାଭଟା ପଞ୍ଚାୟତରେ ବ୍ୟାପକ ଦେଶୀ ମଦ ବିକ୍ରି ଯୋଗୁଁ ନିଶା କାରବାରରେ ଗାଁ ବୁଡ଼ି ରହିଛି। ଫଳରେ ସଂଧ୍ୟା ସମୟରେ ମହିଳାମାନେ ବଜାରକୁ ଯିବା ପାଇଁ ନିଜକୁ ସୁରକ୍ଷିତ ମନେ କରୁ ନାହାନ୍ତି। ଏଥିପାଇଁ ମହିଳା ମାନେ ମା' ସେନା ଗଠନ କରି ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି ଅବସରରେ ଗୁରୁବାର ମାତୃ ଆଶ୍ରୟ ଆଶ୍ରମ ଅଧକ୍ଷା କାଦମ୍ବିନୀ ତ୍ରିପାଠୀ ଓ ଲକ୍ଷ୍ମୀ ମୁଦୁଲିଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକଜୁଟ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାରାବାଜି କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏହି ଦାବିପତ୍ର ପାଇବା ପରେ ଜନହିତକୁ ଦୃଷ୍ଟିକୁ ନେଇ ସେଠାକୁ ନିଜେ ଯିବାପାଇଁ ପ୍ରତିଶୃତି ଦେବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନଗ୍ରହଣକରାଯିବବୋଲିକହିଥିବାସୂଚନାଦେଇଛନ୍ତିଅଧକ୍ଷାକାଦମ୍ବିନୀତ୍ରିପାଠୀ।

## ପୁଣି ପୁଲିସର ଫ୍ଲାଗମାର୍ଚ୍ଚ

# ରୁଟ୍ ମ୍ୟାପ୍ ଜାରି କଲା ଟାଉନ୍ ପୁଲିସ

ଜୟପୁର,୨୬।୩(ସମିସ):




ଚଳିତ ବର୍ଷ ଜୟପୁର ସହରରେ ଶ୍ରୀରାମ ନବମୀ ଆଡମ୍ବର ସହିତ ପାଳନ କରାଯିବା ନେଇ ଆୟୋଜକ କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଏଥିରେ ପ୍ରାୟ ୫୦ ହଜାର ଜନ ସମାଗମ ଶୋଭାଯାତ୍ରାରେ ହେବାର ଆକଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଗତ ଦୁଇଦିନ ପୂର୍ବରୁ ଜିଲ୍ଲା ଏସ୍‌ପିଙ୍କ ନେତୃତ୍ୱରେ ସହରର ପାୱାର ହାଉସ ଛକ ଠାରୁ ଦଶହରା ପଡିଆ ପର୍ଯ୍ୟନ୍ତ ଫ୍ଲାଗ ମାର୍ଚ୍ଚ ହୋଇଥିବା ବେଳେ ପୁଣି ଆଜି ଟାଉନଥାନା ଠାରୁ ପାୱାର ହାଉସ ଛକ ପର୍ଯ୍ୟନ୍ତ ସଶସ୍ତ୍ର ଯବାନଙ୍କ ସହିତ ପୁଲିସ ଅଧିକାରୀ ମାନେ ଉପସ୍ଥିତ ରହି ଫ୍ଲାଗମାର୍ଚ୍ଚ କରିଥିଲେ। ସେହିପରି ଟାଉନଥାନା ଠାରେ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିତ୍ତଲ ଉପସ୍ଥିତ ରହି ସାମ୍ବାଦିକ ମାନଙ୍କୁ ଆସନ୍ତା କାଲି ଶୋଭାଯାତ୍ରା ପୂର୍ବରୁ ସହରର ଯାତାୟାତ ନେଇ ଟାଉନଥାନା ପୁଲିସ ପକ୍ଷରୁ ପ୍ରସ୍ତୁତ ରୁଟ ମ୍ୟାପ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା କାଲି ରାମନବମୀ ଉପଲକ୍ଷେ ୪ଟା ସମୟରେ ସ୍ଥାନୀୟ ପାୱାର ହାଉସ ଛକ ଠାରୁ ଏକ ଶୋଭାଯାତ୍ରା ଜୟପୁର ମୁଖ୍ୟ ରାସ୍ତା ଦେଇ ଦଶହରା ପଡିଆ ଠାରେ ପହଞ୍ଚିବ। ତେଣୁ ଜୟପୁର ସହରରେ ମଦ ଦୋକାନ ଗୁଡିକ ଆଜି ଏବଂ ଆସନ୍ତାକାଲି ସମ୍ପୂର୍ଣ୍ଣ ବନ୍ଦ ରହିବ। ଶୋଭାଯାତ୍ରାରେ ମଦ୍ୟପ ବ୍ୟକ୍ତି ଏବଂ ବିଭିନ୍ନ ମାରଣାସ୍ତ୍ର ପ୍ରଦର୍ଶନ ଓ ବାଣଫୁଟାଇବା ଉପରେ ଅଙ୍କୁଶ ଲଗାଯାଇଛି। ଆସନ୍ତା କାଲି ଗାନ୍ଧୀଛକ ଠାରୁ ପାୱାର ହାଉସ ଛକକୁ ସଂଯୋଗ କରୁଥିବା କେନାଲ ଏବଂ ବାଇପାସ ରାସ୍ତା ଛକ ଭାରୀଯାନ ଗୁଡିକକୁ ଅପରାହ୍ନ ୨ଟାରୁ ଯାତାୟାତ ବନ୍ଦ କରାଯିବ। ସେହିପରି ବିପରୀତ ଦିଗରୁ ମଧ ଯାତାୟାତ ଏହି ସମୟରେ ବନ୍ଦ କରିବ। ଜୟନଗର ବାଇପାସ ଦେଇ ସମସ୍ତ ଗାଡି ଯାତାୟତ କରିବ ଏବଂ ପୁରୁଣା ଚିକିତ୍ସାଳୟ ଠାରୁ କୌଣସି ଗାଡି ସହର ମଧ୍ୟରେ ପ୍ରବେଶ କରିବ ନାହିଁ। ନୂଆସାହି ପାର୍କ ଲାଇନ୍ ଦେଇ କେବଳ ଦୁଇଚକିଆ ଯାନ ଯାତାୟତ କରିବ ବୋଲି ଏସଡିପିଓ ଅର୍ଚ୍ଚିତା ମିତଲ ପ୍ରକାଶ କରିଛନ୍ତି। ସେହିପରି ୧୩ ପ୍ଲାଟୁନ ସଶସ୍ତ୍ର ପୁଲିସ ଯବାନ ମୃତୟନ ସହିତ ପ୍ରାୟ ୪୦ ଜଣ ଆଇପିଏସ ଅଧିକାରୀ, ଅତିରିକ୍ତ ଏସ୍‌ପି. ଡିଏସ୍‌ପି, ଇନ୍‌ସପେକ୍ଟର, ଏସ୍‌ଆଇ ଓ ଏଏସଆଇ ପଦବୀର ଅଧିକାରୀ, ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ତଦାରଖ କରିବେ।

# ଶ୍ରୀରାମ ନବମୀ ଉତ୍ସବ ଶୁଭାରମ୍ଭ

● ରାମଲୀଳା ନାଟକ ମଞ୍ଚସ୍ଥ



ଜୟପୁର, ୨୬।୩(ସମିସ) :

କୋରାପୁଟ ଜିଲ୍ଲା ଜୟପୁର ଠାରେ ଚଳିତ ବର୍ଷ ଶ୍ରୀରାମ ନବମୀ ଆଡମ୍ବର ସହତି ପାଳନ ହେଉଛି। ଆଜି ପ୍ରଥମ ଦିବସରରେ ରାମଲୀଳା ନାଟକ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଜୟପୁର ରଥପଡିଆ ଛକ ଠାରେ ଏକ ବଡ଼ ମଞ୍ଚ ନିର୍ମାଣ କରାଯାଥିଲା। ଏଥିରେ ନୟାଗଡ ଜିଲ୍ଲା ଦଶପଲ୍ଲାରୁ ଆସିଥିବା ମଞ୍ଚ କଳାକାର ମାନେ ଭଗବାନ ଶ୍ରୀ ରାମଙ୍କ ବାଲ୍ୟକାଳରୁ ତାଙ୍କ ସ୍ୱୟମ୍ବର, ଅନ୍ୟାନ୍ୟ ଲୀଳା ଗୀତି ନାଟକ ମାଧମରେ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଜୟପୁର ଭାରପ୍ରାପ୍ତ ଉପଜିଲ୍ଲାପାଳ ତୃପ୍ତିମୟୀ ବରାଇ, ଜୟପୁର ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ଏବଂ ଅନ୍ୟାନ୍ୟ ରାଜନେତା ମାନେ ଉପସ୍ଥିତ ଥିଲେ। ସେହିପରି ଆସନ୍ତା କାଲି ଅପରାହ୍ନ ୪ଟାଠାରୁ ୧୦ ଟା ମଧ୍ୟରେ ଏକ ବିରାଟ ଶୋଭାଯାତ୍ରା ଆୟୋଜିତ ହେବ। ଏହି ଅବସରରେ ମହାରାଷ୍ଟ୍ରର ପୁନେ ନଗରରୁ ଆସିଥିବା ୭୦ ଜଣ ଢୋଲ ବାଦକ ସେମାନଙ୍କ ଢୋଲ ବଜାଇବେ। ସେହିପରି ଆଜି ଠାରୁ ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ପୁଲିସ ବ୍ୟବସ୍ଥା କରାଯାଇଛି। କଣ୍ଡରା ସାହି ଠାରୁ ରଥପଡିଆ ଛକ ପର୍ଯ୍ୟନ୍ତ ବାଇକ୍ ଅଟୋ ଏବଂ ଚାରିଚକିଆ ଯାନ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି।

● ରାୟଗଡ଼ା ରେଳ ଷ୍ଟେସନ

# ରାୟଗଡ଼ା ନାମଫଳକରେ ତ୍ରୁଟି

ରାୟଗଡ଼ା,୨୬।୩ (ସମିସ): ପୂର୍ବତଟ ରେଳବାଇ ଅନ୍ତର୍ଗତ ରାୟଗଡ଼ା ରେଳ ଡିଭିଜନର ରାୟଗଡ଼ା ରେଳ ଷ୍ଟେସନର ମୁଖ୍ୟ ଦ୍ୱାରରେ ଲଗାଯାଇଥିବା ନାମ ଫଳକରେ ଅନେକ ତ୍ରୁଟି ଦେଖିବାକୁ ମିଳିଛି। ଏହି ତ୍ରୁଟିକୁ ନେଇ ଯାତ୍ରୀ ଏବଂ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନାମଫଳକରେ ଓଡିଆରେ ରାୟଗଡ଼ା ଡା ଏବଂ ଇଂରାଜୀରେ ଆରଏ ପରେ ରାୟଗଡ଼ା ସଂପୂର୍ଣ୍ଣ ଲେଖାଯାଇଛି। ଯଦ୍ୱାରା ଅତିରିକ୍ତ ଡା' ଓ ଆରଏ' ଲେଖା ଥିବାରୁ ଯାତ୍ରୀମାନେ ଏହାକୁ ପଢିବାରେ ଅସୁବିଧାର ସମ୍ମୁଖୀନ ହେବା ସହ ବାହାରୁ ଆସୁଥିବା ଲୋକମାନେ ଷ୍ଟେସନ ନାମକୁ ନେଇ ଦ୍ୱନ୍ଦ୍ୱରେ ପଡୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବୁଦ୍ଧିଜୀବୀମାନେ ଏପରି ତ୍ରୁଟି ରେଳ ବିଭାଗର ଅବହେଳାକୁ ପ୍ରକାଶ କରୁଛି ବୋଲି କହିଛନ୍ତି। ସେମାନେ ଶୀଘ୍ର ତ୍ରୁଟି ସୁଧାର ପାଇଁ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ରେଳ ବିଭାଗ କର୍ତ୍ତୃପକ୍ଷଙ୍କର କୌଣସି ପ୍ରତିକ୍ରିୟା ମିଳି ପାରି ନ ଥିବା ବେଳେ ନାମ ଫଳକରେ ତ୍ରୁଟି ସଂଶୋଧନ ତୁରନ୍ତ କରିବାକୁ ଯାତ୍ରୀମାନେ ମଧ ଦାବି କରିଛନ୍ତି।

# ରାମ ନବମୀ ବାଇକ୍ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଗୁଣୁପୁର,୨୬।୩(ସମିସ): ପବିତ୍ର ଶ୍ରୀରାମ ନବମୀ ଅବସରରେ ଆସନ୍ତା କାଲି ବାଇକ୍ ରାଲି ନିମନ୍ତେ ସ୍ଥାନୀୟ ରାମ ମନ୍ଦିର ପ୍ରାଙ୍ଗଣରେ ଆଜି ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।



ବୈଠକରେ ନିଷ୍ପତ୍ତି ଅନୁଯାୟୀ, ଆସନ୍ତା କାଲି ଅପରାହ୍ନ ୫ଟା ସମୟରେ ସ୍ଥାନୀୟ ରାମ ମନ୍ଦିର ନିକଟରେ ହିନ୍ଦୁ ଭାଇ ଭଉଣୀ ଏବଂ ରାମ ଭକ୍ତ ମାନଙ୍କୁ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଇଛି। ସମସ୍ତେ ନିଜ ନିଜ ବାଇକ୍ ସହ ଧ୍ୱଜା ଧରି ରାମ ମନ୍ଦିର ନିକଟରୁ ଏକ ଭବ୍ୟ ବାଇକ୍ ଶୋଭାଯାତ୍ରାରେ ବାହାରିବେ। ବୈଠକରେ ପୌର ପରିଷଦ ଉପାଧକ୍ଷ ଶିବ ପ୍ରସାଦ ଗୌଡ଼, ବିଜେପି ନେତା ୱାଇ ଗଣପତି, ଆମର ସାହୁ ,ଟିଙ୍କୁ ପଣ୍ଡା, ବିଜେଡି ନେତା ରାମ ପଣ୍ଡା, ବିଦ୍ୟାଧର ଶବର, ଉମା ଦାଶ, ଇନ୍ଦ୍ରାଖୀ ଦାଶ, କିରଣ ପାଣିଗ୍ରାହୀ, ଜୟଦେବ ପଣ୍ଡା, ଶିବ ପାଢ଼ୀ, ଏଲ ଶେଷ ଗିରି, ଜନାର୍ଦ୍ଦନା, ଏବଂ ବହୁ ଯୁବକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଅଗ୍ରୀମ ଟଙ୍କା ନେଇ ଆସିଲେନି ନାଚ ପାର୍ଟି

# ଥାନାର ଦ୍ୱାରସ୍ଥ ଦିଗାପୁର ଗ୍ରାମବାସୀ

କୁନ୍ଦୁରା,୨୬।୩ (ସମିସ): ଅଗ୍ରୀମ ଟଙ୍କା ନେଇ ଆସିଲେନି ନାଚ ପାର୍ଟି। ଶେଷରେ ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ। ଏଭଳି ଘଟଣା କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତ ସଦର ମହକୁମା ଠାରେ ଘଟିଛି। ସୂଚନା ଅନୁଯାୟୀ ଚଳିତ ଚୈତ୍ର ମାସର ୨୨ ତାରିଖ ଠାରୁ ୨୪ ତାରିଖ ୩ ଦିନ ଧରି ଦିଗାପୁର ଗ୍ରାମ ଠାରେ ରହିଥିବା ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀଠାକୁରାଣୀଙ୍କ ଘଟଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜା ରାଜୁଡା ଅମଳର ପୁରୁଣା ଏହି ଦେବୀପୀଠ ଏତେ ପ୍ରସିଦ୍ଧ ଯେ ମା'ଙ୍କ ଯାତ୍ରା ଦେଖିବାକୁ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ଦୁଇ ଦିନ ବହୁତ ସୁନ୍ଦର ଭବେ ଆୟୋଜନ ସରିଲା । ତୃତୀୟ ଦିନ ବା ଶେଷ ଦିନରେ ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଏକମ୍ବା ଗ୍ରାମର ମାନସାୟୀ ଗୁରୁ ଦ୍ୱାରା ନିର୍ଦ୍ଦେଶିତ ଏବଂ ଶିଷ୍ୟ ଗୁରୁ ସୁଶାନ୍ତ ହରିଜନ ଦ୍ୱାରା ପରିଚାଳିତ ନାଟ ହେବାର ଥିଲା। ଏହି ଦିନ ନାଟ କରିବା ପାଇଁ ପୂଜା କମିଟି ପକ୍ଷରୁ ଅଗ୍ରିମ ଦିଆଯାଇଥିଲା।କିନ୍ତୁ ୨୪ ତାରିଖ ମଙ୍ଗଳବାର ଦିନ ଦିଗାପୁର ଘଟଯାତ୍ରା ରେ ଏହି ନାଟ ପାର୍ଟି ଆସିଲେ ନାହିଁ। ଦିଗାପୁର ପଞ୍ଚାୟତ ବାସୀ ଓ ଘଟଯାତ୍ରା ପୂଜା କମିଟି ଲୋକଙ୍କ ପାଖରେ ଅପମାନିତ ହେଲେ। ଏହି ମଧ୍ୟରେ କିଛି ଅଶାନ୍ତ ଯୁବକ ପୂଜା କମିଟି କର୍ମକର୍ତ୍ତାଙ୍କୁ ମାରିବା ପାଇଁ ବି ଆସିଲେ। ପୂଜା



କମିଟି କର୍ମକର୍ତ୍ତା ଲୁଚିବାକୁ ବାଧ ହେଲେ। ଆଜି ଦିଗାପୁର ସରପଞ୍ଚ, ସମିତି ସଭ୍ୟ ଓ ଘଟଯାତ୍ରା ପୂଜା କମିଟି ସେହି ଏକମ୍ବା ନାଟର ଶିଷ୍ୟ ଗୁରୁ-ସୁଶାନ୍ତ ହରିଜନ ଓ ନାଟର ମ୍ୟାନେଜର ଗଙ୍ଗାଧର ଗୌଡ଼ଙ୍କ ବିରୁଦ୍ଧରେ ବୈପାରୀଗୁଡା ଥାନାରେ ଏତଲା ଦେଇଛନ୍ତି। କୁନ୍ଦୁରା ବ୍ଲକ ତଥା କୋରାପୁଟ ଜିଲ୍ଲାର ଏକ ପ୍ରସିଦ୍ଧ ଘଟଯାତ୍ରା। ଯାହାକୁ ଉଦ୍ଦେଶ୍ୟମୂଳକ ଭାବେ ଭଣ୍ଡୁର କରାଯାଇଛି। ଏହି ଘଟଣାକୁ ନେଇ ବୈପାରୀଗୁଡା ଥାନା ଭାରପ୍ରାପ୍ତ ଅଧିକାରୀ ଡମ୍ବରୁଧର ବାତ୍ରିୟା ଅଭିଯୋଗକୁ ଭିତ୍ତିକରି ତୁରନ୍ତ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି କହିଛନ୍ତି।

## ୨୦୨୧ ପ୍ରକାଶ ପଧାନ ହତ୍ୟା ଘଟଣା

# ୭ ଜଣଙ୍କୁ ଆଜୀବନ କାରାଦଣ୍ଡ

ସମ୍ବଲପୁର, ୨୬।୩ (ସମିସ): ୨୦୨୧ ମସିହାର ବହୁଚର୍ଚ୍ଚିତ ପ୍ରକାଶ ପଧାନ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ସମ୍ବଲପୁର ଜିଲ୍ଲା କତରବଗା ଥାନା ଗୁଲାମାଲ ପଧାନପାଲିଠାରେ ସରକାରୀ ଜମି ଜବରଦଖଲ ଏବଂ ଠିକା କାମକୁ ନେଇ ସଂଘବଦ୍ଧ ଆକ୍ରମଣ ଓ ହତ୍ୟା ମାମଲାର ଶୁଣାଣି କରି ଆଜି ସମ୍ବଲପୁର ଜିଲ୍ଲା ଓ ଦୌରାଜଜ୍ ପ୍ରଜ୍ଞା ପାଣିଗ୍ରାହୀ ୭ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଦୁଇ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଅଭିଯୁକ୍ତମାନେ ହେଲେ, କତରବଗା ପଧାନପାଲିର ସ୍ୱର୍ଗତ ନେତ୍ରାନନ୍ଦ ପଧାନଙ୍କ ପୁଅ ରୁକ୍ମଣ ପଧାନ ଓରଫ୍ ରୋହିତ (୫୨), ଭୋଜରାଜ ପଧାନ (୫୫), ଗଜରାଜ ପଧାନ (୫୦), ଅଶୋକ ପଧାନ (୫୨) ଓ ଭୀଷ୍ମଦେବ ପଧାନ (୪୧) ଏବଂ ଦେବେନ୍ଦ୍ର ଭୋଇଙ୍କ ପୁଅ ରଞ୍ଜିତ ଓରଫ୍ ଦୁଷ୍ମନ୍ତ ଭୋଇ (୫୦) ଓ ବିସ୍ୱଜିତ ଭୋଇ (୪୧)। ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ବିରଞ୍ଚି ବିଶ୍ୱାଳଙ୍କୁ ପ୍ରମାଣ ଅଭାବରୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।


(ମୃତକଙ୍କ ଫାଇଲ ଫଟୋ)

ପ୍ରାୟ ୫ବର୍ଷ ପରେ ଆଜି ରାୟ ପ୍ରକାଶ ପାଇଥିବାରୁ ମୃତକ ପ୍ରକାଶଙ୍କ ପରିବାରଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

ଘଟଣାଟି ସମ୍ବଲପୁର ଜିଲ୍ଲା କତରବଗା ଥାନା ଗୁଲାମାଲ ପଧାନପାଲିଠାରେ ଘଟିଥିଲା। ୨୦୨୧ ସେପ୍ଟେମ୍ବର ୧୬ ରାତି ପ୍ରାୟ ୮ଟାରେ ମୃତକ ପ୍ରକାଶ ପ୍ରଧାନ ଓ ତାଙ୍କ ବନ୍ଧୁ ଅଜୟ ବାରିକ ବିଶ୍ୱକର୍ମା ପୂଜା ପାଇଁ ପୂଜା ସାମଗ୍ରୀ କିଣିବାକୁ ବଜାରକୁ ଯାଇଥିଲେ। ପୂଜା ସାମଗ୍ରୀ ତାଲିକା ସ୍ପଷ୍ଟ ନଥିବାରୁ ତାହାକୁ ବଦଳାଇବାକୁ ଦୋକାନୀ କହିଥିଲେ। ସେମାନେ ଫେରିଆସି ନୂତନ ତାଲିକା ପ୍ରସ୍ତୁତ କରୁଥିଲେ। ପ୍ରକାଶ ପିଡବ୍ଲୁଡି ରୋଡ୍‌ରେ ଜଗଦୀଶ ବିଶ୍ୱାଳଙ୍କ ହୋଟେଲ ନିକଟରେ ଫୋନ୍‌ରେ କଥା ହେଉଥିଲେ। ଏହି ସମୟରେ ପୂର୍ବ ଯୋଜନା ଅନୁଯାୟୀ ଲୁଚି ରହିଥିବା ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଲୁହା ପାଇପ୍, ଭୁଜାଲି, କୁରାଢ଼ି ଓ ଲାଠିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ପ୍ରକାଶଙ୍କ ମୃତ୍ୟୁ ହୋଇଥିଲା ଏବଂ ତାଙ୍କୁ ବଞ୍ଚାଇବାକୁ ଯାଇ ଧନଞ୍ଜୟ ଓ ଅଜୟ ଆହତ ହୋଇଥିଲେ। କତରବଗା ଥାନାରେ ମୃତକଙ୍କ ଭାଇ ଅଭିଯୋଗ କରିବା ପରେ ଥାନାଧିକାରୀ କେସ ନଂ. ୧୬୫/୨୧ ଦଫା ୧୪୮, ୩୦୨, ୩୦୭, ୧୪୯, ୨୦୧, ୩୪ ଆଇପିସିରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏହି ଘଟଣାର ତଦନ୍ତ କରି ଥାନାଧିକାରୀ ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଗୁରୁବାର ସମ୍ବଲପୁର ଜିଲ୍ଲା ଓ ଦୌରାଜଜ୍ ପ୍ରଜ୍ଞା ପାଣିଗ୍ରାହୀ ୨୩ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଉପରୋକ୍ତ ୭ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଦଫା ୩୦୨/୧୪୯ ଆଇପିସିରେ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୨ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏହାସହ ଦଫା ୧୪୮ ଆଇପିସିରେ ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ଦଫା ୩୦୭/୧୪୯ ଆଇପିସିରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା, ଅନାଦେୟ ହେଲେ ଆଉ ୧ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ସମସ୍ତ ଦଣ୍ଡ ଏକକାଳୀନ ଚାଲିବ। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ (ପିପି) ସୁବାସ ଚନ୍ଦ୍ର ମହାନ୍ତ ଏହି ମକଦ୍ଦମା ପରିଚାଳନା କରିଥିଲେ।

## ବିଦ୍ୟୁତ୍ ଆୟୋଗଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ରିପୋର୍ଟ-୨୦୨୫

# ପଞ୍ଜାବ ଶୀର୍ଷରେ, ଓଇଆର୍‌ସିକୁ 'ବି' ଗ୍ରେଡ୍

ଭୁବନେଶ୍ୱର, ୨୬।୩ (ସମିସ): ବିଦ୍ୟୁତ୍ କ୍ଷେତ୍ରର ସଂସ୍କାର ଏବଂ ନିୟାମକ ବ୍ୟବସ୍ଥାର କାର୍ଯ୍ୟଦକ୍ଷତା ଓ ସ୍ୱଚ୍ଛତା ପରଖିବା ପାଇଁ ଭାରତ ସରକାରଙ୍କ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପ୍ରଥମଥର ପାଇଁ 'ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ରିପୋର୍ଟ-୨୦୨୫' ପ୍ରକାଶ କରିଛନ୍ତି। କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଅଧୀନ 'ପାୱାର୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ' (ପିଏଫଆଇ) ଏବଂ ରୁରାଲ ଇଲେକ୍ଟ୍ରିଫିକେସନ୍ କର୍ପୋରେସନ୍ (ଆରଇସି) ସହଯୋଗରେ ପ୍ରସ୍ତୁତ ହୋଇଥିବା ୩୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ରିପୋର୍ଟରେ ପଞ୍ଜାବ ସର୍ବାଧିକ ୯୭ନମ୍ବର ରଖି 'ଗ୍ରେଡ-ଏ'ରେ ଥିବା ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ସର୍ବୋଚ୍ଚ ସ୍ଥାନ ହାସଲ କରିଛି। 'ଗ୍ରେଡ୍-ବି' ରେ ଥିବା ୧୦ ରାଜ୍ୟ ଭିତରୁ ଓଡ଼ିଶା ୭୫.୫୦ ନମ୍ବର ରଖି ୧୩ମ ସ୍ଥାନରେ ରହିଛି।

ଗ୍ରେଡ୍-ଏ'ରେ ସ୍ଥାନ ପାଇଥିବା ଅନ୍ୟ ରାଜ୍ୟଗୁଡ଼ିକ ଭିତରେ କର୍ଣ୍ଣାଟକ ୯୬ ନମ୍ବର ରଖି ୨ୟ ଓ ମହାରାଷ୍ଟ୍ର ୯୪ ନମ୍ବର ପାଇ ୩ୟ ସ୍ଥାନ ଅଧିକାର କରିଛି। ଓଡ଼ିଶା ସମେତ ଗ୍ରେଡ୍-ବି'ରେ ଗୁଜରାଟକୁ ୭୧ ଏବଂ ଉତ୍ତରାଖଣ୍ଡକୁ ୬୮ ନମ୍ବର ମିଳିଛି। ସେହିପରି ଗ୍ରେଡ-ସି'ରେ ଥିବା ୧୦ଟି ରାଜ୍ୟ ମଧ୍ୟରୁ ତାମିଲନାଡୁକୁ ୫୮ ନମ୍ବର କେରଳକୁ ୫୫.୫୦ ଓ ଛତିଶଗଡ଼କୁ ୫୨ ନମ୍ବର ମିଳିଥିବା ବେଳେ ଗ୍ରେଡ୍-ଡି'ରେ ଉତ୍ତରପ୍ରଦେଶ, ରାଜସ୍ଥାନ ଜମ୍ମୁ ଓ କାଶ୍ମୀର ଓ ଦିଲ୍ଲୀ ପରି ରାଜ୍ୟ ରହିଛନ୍ତି। ଏକମାତ୍ର ରାଜ୍ୟ ଭାବେ ତ୍ରିପୁରା 'ଇ' ଗ୍ରେଡ୍ ପାଇ ସର୍ବନିମ୍ନ ୨୧.୫୦ ନମ୍ବର ରଖିଛି। ବିଦ୍ୟୁତ ନିୟାମକ ପ୍ରକ୍ରିୟାର ମୁଖ୍ୟତଃ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ଦିଗକୁ ବିଚାରକୁ ନେଇ ନିୟାମକ ଆୟୋଗଗୁଡ଼ିକୁ ମୂଲ୍ୟାୟନ ନମ୍ବର ଓ ଗ୍ରେଡ ପ୍ରଦାନ କରାଯାଇଛି।

ଭରସାଯୋଗ୍ୟ ବିଦ୍ୟୁତ୍ ସେବା ପାଇଁ ସମ୍ବଳର ପର୍ଯ୍ୟାପ୍ତତା କ୍ଷେତ୍ରରେ ଓଡ଼ିଶା ବିଦ୍ୟୁତ୍ ଆୟୋଗକୁ ସମୁଦାୟ ୩୨ ନମ୍ବରରୁ ୨୯.୫ ମିଳିଛି। ବିତରଣ କମ୍ପାନୀଗୁଡ଼ିକର ଆର୍ଥିକ ସ୍ଥିତି ମଜଭୁତ ପାଇଁ ଟାରିଫ ନିର୍ଣ୍ଣୟ କ୍ଷେତ୍ରରେ ଥିବା ମୋଟ ୨୫ନମ୍ବରରୁ ଓଡ଼ିଶା ଆୟୋଗକୁ ମାତ୍ର ୧୬ ନମ୍ବର ମିଳିଥିବା ବେଳେ ସହଜ ଜୀବନଧାରଣ ଓ ବ୍ୟବସାୟ ପାଇଁ ଆବଶ୍ୟକ ଗୁଣାତ୍ମକ ବିଦ୍ୟୁତସେବା କ୍ଷେତ୍ରରେ ମୋଟ ୨୩ ନମ୍ବରରୁ ଓଡ଼ିଶା ଆୟୋଗଙ୍କୁ ମାତ୍ର ୧୭ନମ୍ବର ମିଳିଛି। ସେହିପରି ଅକ୍ଷୟଶକ୍ତି କ୍ଷେତ୍ରରେ ଥିବା ମୋଟ ୧୫ ନମ୍ବରରୁ ଓଡ଼ିଶାକୁ ମାତ୍ର ୮ନମ୍ବର ମିଳିଥିବା ବେଳେ ନିୟାମକ ଶାସନ କ୍ଷେତ୍ରରେ ମୋଟ ୫ ନମ୍ବରରୁ ଓଡ଼ିଶାକୁ ପୂର୍ଣ୍ଣ ୫ ନମ୍ବର ମିଳିଛି। ରିପୋର୍ଟ ଉପରେ ଚିନ୍ତା ପ୍ରକଟ କରି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ଓଇଆରସି ଦେଶରେ ସର୍ବପ୍ରଥମେ ଗଠନ ହୋଇଥିଲେ ବି କାର୍ଯ୍ୟଦକ୍ଷତାରେ ପଛରେ ପଡ଼ିଯିବା ଦୁର୍ଭାଗ୍ୟପୂର୍ଣ୍ଣ। ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣରୁ ବିଦ୍ୟୁତ କ୍ଷେତ୍ରକୁ ପ୍ରାଥମିକତା ଦେଇ କେନ୍ଦ୍ର ଓ ରାଜ୍ୟ ସରକାର କାର୍ଯ୍ୟ କରୁଥିବା ବେଳେ ଓଡ଼ିଶା ସରକାର ବିଦ୍ୟୁତ କ୍ଷେତ୍ରକୁ ଅଣଦେଖା କରିଛନ୍ତି। ଫଳରେ ଆମର ନିୟାମକ ପ୍ରକ୍ରିୟା ଦୁର୍ବଳ ହୋଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଆଜି ରାମ ନବମୀ

# ପ୍ରସ୍ତୁତି ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ପୁଲିସ ଆଇଜି

କଟକ,୨୬।୩(ସମିସ): ଆସନ୍ତାକାଲି ପବିତ୍ର ରାମନବମୀ ବିଭିନ୍ନ ସ୍ଥାନରେ ପାଳନ କରାଯିବ। ଏହାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ କେନ୍ଦ୍ରାଞ୍ଚଳ ରେଞ୍ଜ ପୁଲିସ ଆଇଜି ଡକ୍ଟର ସତ୍ୟଜିତ ନାଏକ ଏକ ସମୀକ୍ଷା ବୈଠକ କରିଛନ୍ତି। କେନ୍ଦ୍ରାଞ୍ଚଳ ରେଞ୍ଜ ଅଧୀନରେ ଥିବା ବିଭିନ୍ନ ଜିଲ୍ଲାରେ ପୁଲିସ ବ୍ୟବସ୍ଥା ଏବଂ ପ୍ରସ୍ତୁତିର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉତ୍ସବ ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଆଇଜି ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇଛନ୍ତି। ପର୍ବ ସମୟରେ ଦୃଢ଼ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦକ୍ଷ ଟ୍ରାଫିକ୍ ପରିଚାଳନା ଏବଂ ଜନଗହଳିକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନିଆଯିବ। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଏବଂ ଶାନ୍ତିପୂର୍ଣ୍ଣ ପାଳନ ନିଶ୍ଚିତ କରିବାକୁ ଜିଲ୍ଲା ପୁଲିସ ଅଧିକାରୀମାନଙ୍କୁ ସଜାଗ ରହିବାକୁ କୁହାଯାଇଛି। ବୈଠକରେ ପୁଲିସ ରେଞ୍ଜ ଅନ୍ତର୍ଗତ ବିଭିନ୍ନ ଜିଲ୍ଲାର ଏସପିମାନେ ଭର୍ଚୁଆଲରେ ଉପସ୍ଥିତ ଥିଲେ।

# ପିଲାଙ୍କୁ ବହି ଯୋଗାଇପାରୁନି ବିଜେପି ସରକାର: ବିଜେଡି

ଭୁବନେଶ୍ୱର, ୨୬।୩ (ସମିସ): ରାଜ୍ୟର ସରକାରୀ ସ୍କୁଲରେ ଛାତ୍ରଛାତ୍ରୀଙ୍କ ପାଠ୍ୟ ପୁସ୍ତକର ଅଭାବ ପାଇଁ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ବିସିଜେଡି ସଭାନେତ୍ରୀ ଇପ୍ସିତା ସାହୁ। ଆସନ୍ତା ୨ ତାରିଖରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେଉଛି। ଏଥିପାଇଁ ଆବଶ୍ୟକ ୨,୭୩,୮୨,୦୫୦ ପାଠ୍ୟପୁସ୍ତକ ମଧ୍ୟରୁ କେବଳ ୧,୧୮,୪୫,୮୦୦ ପୁସ୍ତକ ଯୋଗାଇ ଦିଆଯାଇଛି। ଏହା ହାରାହାରି ମାତ୍ର ୪୩.୨୬ ପ୍ରତିଶତ। ଆଦିବାସୀବହୁଳ ଜିଲ୍ଲାଗୁଡ଼ିକରେ ଏହି ସମସ୍ୟା ଗମ୍ଭୀର ବୋଲି ଶ୍ରୀମତୀ ସାହୁ କ୍ଷୋଭ ପ୍ରକାଶ କରିଛନ୍ତି।

ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ସବୁଠାରୁ ଅଧିକ ପ୍ରଭାବିତ ଜିଲ୍ଲା ମୟୂରଭଞ୍ଜକୁ ଆବଶ୍ୟକ ପୁସ୍ତକର ମାତ୍ର ୨୩.୦୫ ପ୍ରତିଶତ ପ୍ରଦାନ କରାଯାଇଛି। ସେହିଭଳି କନ୍ଧମାଳ, କେନ୍ଦୁଝର, ଗଜପତି, ନୟାଗଡ଼, ଗଞ୍ଜାମ, ଯାଜପୁର, ବାଲେଶ୍ୱର, ବଲାଙ୍ଗୀର, ଢେଙ୍କାନାଳ, କେନ୍ଦ୍ରାପଡ଼ା ଏବଂ ଭଦ୍ରକ ସମେତ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକୁ ମାତ୍ର ୪୦ ପ୍ରତିଶତରୁ କମ୍ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଛି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଚଳିତ ଅନ୍ୱେଷା ଭଳି ଯୋଜନାଗୁଡ଼ିକୁ ଏ ସରକାର ବନ୍ଦ କରିବାକୁ ନେଇ ସେ ସମାଲୋଚନା କରିଛନ୍ତି। ଏହି ଯୋଜନା ଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଗତ




ସୁବିଧାରେ ଯଥେଷ୍ଟ ଉନ୍ନତି ଆସିଥିଲା। ମାତ୍ର ଆସନ୍ତା ୨ତାରିଖରୁ ପ୍ରାୟ ୩ଲକ୍ଷ ଛାତ୍ରଛାତ୍ରୀ ପାଠ୍ୟପୁସ୍ତକ ବିନା ସ୍କୁଲ ଆରମ୍ଭ କରିବେ। ପିଲାଙ୍କ ପାଇଁ ସ୍କୁଲ ପୋଷାକ ଏବଂ ଉପଯୁକ୍ତ ପୁଷ୍ଟିସାର ଭଳି ବ୍ୟବସ୍ଥା ରହିଥିଲା, ଯାହାକୁ ପୂର୍ବ ବିଜେଡି ସରକାର ସମୟରେ ନିୟମିତ ଭାବେ ପ୍ରଦାନ କରାଯାଉଥିଲା। କିନ୍ତୁ, ଦୁର୍ଭାଗ୍ୟର ବିଷୟ ବର୍ତ୍ତମାନର ସରକାର ଏହାକୁ ସଂପୂର୍ଣ୍ଣ ଅବହେଳା କରୁଛନ୍ତି।

ଅନ୍ୟପଟେ, ମାଗଣା ପାଠ୍ୟପୁସ୍ତକ ବଣ୍ଟନରେ ଅନିୟମିତତା ଉପରେ ପ୍ରଶ୍ନ ଉଠାଇ ଇପ୍ସିତା ସାହୁ କହିଛନ୍ତି ଯେ ମାଗଣା ପୁସ୍ତକ ଯୋଗାଇବା ପୂର୍ବ ବିଜେଡି

- ପୁସ୍ତକ ଅଭାବରେ ଆଦିବାସୀ ଜିଲ୍ଲାଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ
- ଉତ୍ତରଦାୟିତ୍ୱ ନେଉ ରାଜ୍ୟ ବିଜେପି ସରକାର

ସରକାରଙ୍କ ଏକ ପଦକ୍ଷେପ ଥିଲା। କିନ୍ତୁ ଏହି ସୁବିଧା ସୁଯୋଗରେ କାହିଁକି ଅନିୟମିତତା ହେଉଛି ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷାମନ୍ତ୍ରୀ ଜବାବ ଦିଅନ୍ତୁ। ଯଦି ଶିକ୍ଷାବର୍ଷ ଆରମ୍ଭ ହେବା ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଉପଲବ୍ଧ କରା ନ ଯାଏ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତର ସୁରକ୍ଷା ପାଇଁ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିଜୁ ଛାତ୍ର ଜନତା ଦଳ ସରକାରଙ୍କୁ ଚେତାବନୀ ଦେଇଛି।

## ବେଆଇନ ଭାବେ ରାଜସ୍ୱ ପର୍ଷଦ ବାର୍ ନିର୍ବାଚନ ଫଳ ଘୋଷଣା ପ୍ରସଙ୍ଗ

# ଆଇନଜୀବୀଙ୍କ ଲାଇସେନ୍ସ ବାତିଲ

କଟକ, ୨୬।୩ (ସମିସ): ବୋର୍ଡ ଅଫ୍ ରେଭେନ୍ୟୁ(ରାଜସ୍ୱ ପର୍ଷଦ) ବାର୍ ଆସୋସିଏସନ୍‌ର ନିର୍ବାଚନରେ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନେଇ ବେଆଇନ ଭାବେ ଘୋଷଣା କରିଥିବା ଆଇନଜୀବୀଙ୍କ ଲାଇସେନ୍ସକୁ ବାତିଲ କରିଛି ରାଜ୍ୟ ଆଇନଜୀବୀ ପରିଷଦ। ନିଜକୁ ଅନଧିକୃତ ଭାବରେ ରାଜସ୍ୱ ପର୍ଷଦ ବାର୍‌ର ନିର୍ବାଚନ ଅଧିକାରୀ ଦର୍ଶାଇ ଆଇନଜୀବୀ ସତ୍ୟନାରାୟଣ ମହାନ୍ତିଙ୍କ ସୂଚନାନୁସାରେ ଏଭଳି ଏକ ଖବର ପ୍ରକାଶ ପାଇଥିବାରୁ ବାର୍ କାଉନସିଲ୍ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି କଡ଼ା ପଦକ୍ଷେପ ନେଇଛି। ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଆଦେଶ ଅନୁଯାୟୀ ତାଙ୍କୁ ଓକିଲାତି ପେସାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି। ବୋର୍ଡ ଅଫ୍ ରେଭେନ୍ୟୁ ବାର୍ ଆସୋସିଏସନ୍‌ର ଚଳିତ ନିର୍ବାଚନ ନିମନ୍ତେ ଆଇନଜୀବୀ ଦେବାଶିଷ ପାଣିଗ୍ରାହୀ ଉକ୍ତ ବାର୍ ଆସୋସିଏସନ୍‌ର ସାଧାରଣ ବୈଠକର ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ଅଧିକୃତ ନିର୍ବାଚନ ଅଧିକାରୀ। ଶ୍ରୀ ମହାନ୍ତି ନିଜକୁ ନିର୍ବାଚନ ଅଧିକାରୀ ବୋଲି ଦାବି କରିବା ଆଇନ ବିରୁଦ୍ଧ ବୋଲି କୁହାଯାଇଛି। ଉକ୍ତ ବାର୍ ଆସୋସିଏସନ୍‌ର ନିର୍ବାଚନ ଯଥାରୀତି ଧାର୍ଯ୍ୟ ଆସନ୍ତା ୨୮ ତାରିଖ ସକାଳ ସାଢ଼େ ୭ରୁ ଦିନ ୩ଟା ମଧ୍ୟରେ ଅନୁଷ୍ଠିତ ହେବ ଏବଂ ଉକ୍ତ ବାର୍‌ର ସମସ୍ତ ସଦସ୍ୟ ଉକ୍ତ ସମୟ ମଧ୍ୟରେ ନିଜ ନିଜର ମତଦାନ କରିବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

# ଶତ୍ରୁଘ୍ନ ପୂଜାହାରୀ ଓଏଚ୍‌ଆର୍‌ସି ଅଧ୍ୟକ୍ଷ

ଭୁବନେଶ୍ୱର,୨୬।୩(ସମିସ): ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଶତ୍ରୁଘ୍ନ ପୂଜାହାରୀଙ୍କୁ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆରସି)ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି। ତାଙ୍କୁ ପୁନର୍ବାର ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଏହି ପଦବୀରେ ନିଯୁକ୍ତି ଦେବା ପାଇଁ ପୁଣି ସରକାର ତାଙ୍କ ଉପରେ ଭରସା ପ୍ରକଟ କରିଛନ୍ତି।



ଆଇନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ସେ ଶପଥ ନେବା ଦିନଠାରୁ ତାଙ୍କ କାର୍ଯ୍ୟକାଳ ଆରମ୍ଭ ହେବ। ଜଷ୍ଟିସ୍ ପୂଜାହାରୀ ୨୦୦୩ ମସିହାରେ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍, ଗଞ୍ଜାମ ଭାବେ କାର୍ଯ୍ୟ ଆରମ୍ଭ ଆରମ୍ଭ କରିଥିଲେ। ଏହାପରେ ରାଜ୍ୟର ବିଭିନ୍ନ ସ୍ଥାନରେ ସେ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ସେ ସେଲସ୍ ଟ୍ୟାକ୍ସ ଟ୍ରାଇବୁନାଲର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି। ଏହାସହ ଓଡ଼ିଶା ରାଜ୍ୟ ଆଇନ ସେବା ଆୟୋଗର ମେମ୍ବର ସେକ୍ରେଟାରୀ ଭାବେ କାର୍ଯ୍ୟ କରିଛନ୍ତି। ରାଜ୍ୟର ଆଇନ ବିଭାଗର ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରିଛନ୍ତି। ଆଇନସେବା କ୍ଷେତ୍ରରେ ତାଙ୍କ ଉଲ୍ଲେଖନୀୟ ଅବଦାନ ୨୦୧୩ ମସିହାରେ ତାଙ୍କୁ ଓଡ଼ିଶା ହାଇକୋର୍ଟଙ୍କ ଅତିରିକ୍ତ ଜଜ୍ ଭାବେ ନିଯୁକ୍ତି ଦିଆଯାଇଥିଲା। ୨୦୧୪ ମସିହାରେ ସେ ହାଇକୋର୍ଟଙ୍କ ନିୟମିତ ଜଜ୍ ଭାବେ କାର୍ଯ୍ୟ କରିଥିଲେ। ଏହାସହ ସେ ମାଡ୍ରାସ୍ ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କୁ ୨୦୨୩ ମସିହାରେ ରାଜ୍ୟ ମାନବାଧିକାର କମିସନ୍ ଭାବେ ନିଯୁକ୍ତି ଦିଆଯାଇଥିଲା। ଦ୍ୱିତୀୟଥର ପାଇଁ ତାଙ୍କୁ ଏହି ପଦବୀରେ ଅବସ୍ଥାପିତ କରାଯାଇଛି।

# ବେଆଇନ ଗ୍ୟାସ୍ ସିଲିଣ୍ଡର ଜବତ ପାଇଁ ନିର୍ଦ୍ଦେଶ

କଟକ,୨୬।୩(ସମିସ): ମଧ୍ୟପ୍ରାଚ୍ୟଯୁଦ୍ଧସଙ୍କଟଯୋଗୁଁଘରୋଇଗ୍ୟାସ୍‌ସିଲିଣ୍ଡରର୍‌ଅବୈଧମହଜୁଦ ଓ ଚୋରା ଚାଲାଣ ଉପରେ ସମୀକ୍ଷା କରିଛନ୍ତି ଆଇଜିପି ସତ୍ୟଜିତ ନାୟକ। ଏହି କ୍ରମରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବେଆଇନ ଭାବେ ମହଜୁଦ ଥିବା ଗ୍ୟାସ୍ ସିଲିଣ୍ଡର୍ ଜବତ କରାଯାଇଛି। କେନ୍ଦ୍ରାପଡ଼ା ସଦର ଥାନା ପକ୍ଷରୁ ୧୬ଟି ଘରୋଇ ଏଲପିଜି ସିଲିଣ୍ଡର୍ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ପକ୍ଷରୁ ୭ଟି ସିଲିଣ୍ଡର୍ ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଏହି ମାମଲାଗୁଡ଼ିକ ଅତ୍ୟାବଶ୍ୟକ ସାମଗ୍ରୀ ଆଇନର ଧାରା-୭ ଅଧୀନରେ ପଞ୍ଜିକୃତ ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାର ଏବଂ ଅବୈଧ କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# କାର୍ଯ୍ୟକାଳ ଶେଷ ପୂର୍ବରୁ ସରକାରୀ ଓକିଲଙ୍କୁ ବହିଷ୍କାର ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ୧୩ରେ

କଟକ,୨୬।୩(ସମିସ): କାର୍ଯ୍ୟକାଳ ସରିନଥିଲେ ମଧ୍ୟ ପୂର୍ବରୁ ନିଯୁକ୍ତ ସରକାରୀ ଓକିଲମାନଙ୍କୁ ଅପସାରଣ କରାଯାଇ ନୂତନ ପ୍ୟାନେଲଙ୍କୁ ନିଯୁକ୍ତି ପ୍ରଦାନକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି। ଏହି ମାମଲାରେ ଆଜି ସରକାରଙ୍କ ତରଫରୁ ଯୁକ୍ତି ଉପସ୍ଥାପନ ଆରମ୍ଭ ହୋଇଥିବା ବେଳେ ଏହାର ପୂର୍ଣ୍ଣାଙ୍ଗ ଶୁଣାଣି ଆସନ୍ତା ଏପ୍ରିଲ ୧୩କୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ଚିନ୍ତାମଣି ମେକାପ ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଏକାଧିକ ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯୁକ୍ତି ଉପସ୍ଥାପନ କରିଛନ୍ତି।

ପ୍ରକାଶଥାଉକି, ଆବେଦନକାରୀଙ୍କୁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗରେ ଲ' ଅଫିସର୍, ପବ୍ଲିକ ପ୍ରସିକ୍ୟୁଟର୍, ଏଜିଏ ଭାବେ ଗତ ୨୦୨୪ ଜାନୁଆରି ୩୧ରେ ନିଯୁକ୍ତି ଦିଆଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଡ଼ିଶା ଲ' ଅଫିସର୍ ରୁଲ୍-୧୯୭୧ ଅନୁସାରେ ସରକାରଙ୍କ ଦ୍ୱାରା ନିଯୁକ୍ତ ଏହି ଆଇନଜୀବୀମାନଙ୍କ କାର୍ଯ୍ୟକାଳ ୩ବର୍ଷ ଥିଲା। ହେଲେ ନୂତନ ସରକାର ଆସିବା ପରେ ସେମାନଙ୍କୁ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଗତ ୨୦୨୫ ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ବହିଷ୍କାର କରିଥିଲେ। ଆବେଦନକାରୀ ଦର୍ଶାଇଛନ୍ତି ଯେ ବିନା କୌଣସି କାରଣରେ କାର୍ଯ୍ୟକାଳ ପୂର୍ବରୁ ବହିଷ୍କାର କରିବା ଆଇନଗତ ଭାବେ ଗ୍ରହଣୀୟ ନୁହେଁ। ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ 'କୁମାରୀ ଶ୍ରୀଲେଖା ବିଦ୍ୟାର୍ଥୀ' ମାମଲାର ରାୟକୁ ଆବେଦନକାରୀଙ୍କ ତରଫରୁ ହାଇକୋର୍ଟରେ ଉପସ୍ଥାପନ କରାଯାଇଥିଲା। ହାଇକୋର୍ଟ ଏହି ପ୍ରସଙ୍ଗରେ ପ୍ରାରମ୍ଭିକ ଶୁଣାଣି କରି ଗତ ଜାନୁଆରି ୫ରେ ସରକାରଙ୍କୁ ଜବାବ ରଖିବା ସହ ମାମଲାରେ ଯୁକ୍ତି ଉପସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନ୍‌ଗୋ ଓ ଆଇନଜୀବୀ ସୌମ୍ୟରଂଜନ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ହାଜର କରିବାକୁ ବଲାଙ୍ଗିର ଏସ୍‌ପିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୬।୩(ସମିସ): ଅଦାଲତଙ୍କ ଆଦେଶ ଅବମାନନା ମାମଲାରେ ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ କୋର୍ଟରେ ହାଜର କରାଇବା ପାଇଁ ବଲାଙ୍ଗିର ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସମ୍ପୃକ୍ତ ଶିକ୍ଷାଧିକାରୀ ସତ୍ୟପାଠ ଦାଖଲ କରି ନ ଥିଲେ କି ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହୋଇନଥିଲେ। ହାଇକୋର୍ଟ ଏନେଇ ଅସନ୍ତୋଷ ପ୍ରକାଶ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ମାମଲାର ପରବର୍ତ୍ତୀ ଶୁଣାଣି ଦିନ ହାଜର କରାଇବାକୁ ଏସପିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ନଳିନୀପ୍ରଭା ମିଶ୍ରଙ୍କ ପକ୍ଷରୁ ଦାୟର ଏକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ବି.ପି ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ଏପ୍ରିଲ ୧୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଅଦାଲତ। ଶୁଣାଣି ସମୟରେ ସରକାରୀ ଓକିଲ ଦର୍ଶାଇଥିଲେ ଯେ ଏକ ଦୁର୍ଘଟଣା କାରଣରୁ ଜିଲ୍ଲା ଶିକ୍ଷା ଅଧିକାରୀ କୋର୍ଟରେ ଉପସ୍ଥିତ ହୋଇପାରିନାହାନ୍ତି। ମାତ୍ର ଦୁର୍ଘଟଣା ସମ୍ପର୍କରେ କୌଣସି ଲିଖିତ ପ୍ରମାଣ, ଚିଠି କିମ୍ବା ଆହତ ସମ୍ପର୍କିତ ତଥ୍ୟ ପ୍ରଦାନ କରାଯାଇନଥିବାରୁ ହାଇକୋର୍ଟ ଏହି କାରଣକୁ ଗ୍ରହଣ କରିନଥିଲେ।

# ଖେଳୁଖେଳୁ ପୁଲିସକୁ ଗୁଳି!

ବାସୁଦେବପୁର, ୨୬।୩ (ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍, ଚୂଡ଼ାମଣି ସାମୁଦ୍ରିକ ଥାନା ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳକ ଗୁଳିରେ ଜଣେ ପୁଲିସ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ, ସ୍ୱତନ୍ତ୍ର ପୁଲିସ ଅଧିକାରୀ (ଏସ୍‌ପିଓ) ମାନସ ସେଠୀ। ତାଙ୍କ ହାତରେ ଗୋଟିଏ ଗୁଳି ବାଜିଛି। ମାନସଙ୍କୁ ଦୂରରେ ରଖିବାକୁ ଚେଷ୍ଟା କରାଯାଉଛି। ଅପରପକ୍ଷେ, ପୁଲିସ ମଧ୍ୟ ଏ ବାବଦରେ ମୁହଁ ଖୋଲୁନାହିଁ। ଏନେଇ ଥାନାରେ ମଧ୍ୟ କୌଣସି ମାମଲା ହୋଇ ନଥିବା ଜଣାଯାଇଛି।

ସୂଚନାନୁଯାୟୀ, ଚୂଡ଼ାମଣିଜେଠି ଶିବ ମନ୍ଦିରରେ ଆଜି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ୧୦ବର୍ଷ ପୁଅର ରୁଦ୍ରାଭିଷେକ ଚାଲିଥିଲା। କେନ୍ଦ୍ରାପଡ଼ାରେ କାର୍ଯ୍ୟରତ

- ଗୁରୁତର କର୍ମଚାରୀଙ୍କୁ କଟକ ସ୍ଥାନାନ୍ତର
- ଘଟଣା ଉପରେ ଘଣ୍ଟ ଘୋଡ଼ାଉଛି ପୁଲିସ



ଜଣେ ବରିଷ୍ଠ ପୁଲିସ ଅଧିକାରୀ ତଥା ନାବାଳକର ସଂପର୍କୀୟ ମାମୁ ସେଠାରେ ପହଞ୍ଚିଥିଲେ। ମନ୍ଦିରରେ ପୂଜାପାଠ ଚାଲିଥିବା ବେଳେ ରାସ୍ତାପାର୍ଶ୍ୱରେ ନିମନ୍ତ୍ରିତ ଅତିଥିମାନେ ପ୍ରସାଦ ସେବନ କରୁଥିଲେ। ଏହି ସମୟରେ ହଠାତ୍ ଏକ ଗୁଳି ଫୁଟିଥିଲା ଏବଂ ସେଠାରେ ଥିବା ସ୍ୱତନ୍ତ୍ର ପୁଲିସ ଅଧିକାରୀ (ଏସ୍‌ପିଓ) ମାନସ ସେଠୀଙ୍କ ହାତରୁ ରକ୍ତ ଝରିଥିଲା। କେହି କିଛି ବୁଝିବା ପୂର୍ବରୁ ସଙ୍ଗେସଙ୍ଗେ ମାନସଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ନାବାଳକଜଣଙ୍କ ସଂପର୍କୀୟ ମାମୁଙ୍କ ବନ୍ଧୁକରେ ଖେଳୁଖେଳୁ ଏହି ଅଘଟଣ ଘଟିଥିବା ଚର୍ଚ୍ଚା ହେଉଥିବା ବେଳେ ପୁଲିସ ଏ ବାବଦରେ ମୁହଁ ଖୋଲୁନାହିଁ। ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଅବସ୍ଥା ଉଦ୍‌ବେଗଜନକ ରହିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। କେନ୍ଦ୍ରାପଡ଼ାର ଜଣେ ବରିଷ୍ଠ ଅଧିକାରୀଙ୍କ ବନ୍ଧୁକରେ ଖେଳୁଖେଳୁ ନାବାଳକଜଣଙ୍କ ଭୁଲ୍‌ବଶତଃ ମାନସଙ୍କୁ ଗୁଳି କରିଥିବା ଚର୍ଚ୍ଚା ହେଉଛି। କିନ୍ତୁ ଏହି ଘଟଣାକୁ ପୁଲିସ ଚାପିବାକୁ ଉଦ୍ୟମ କରୁଛି। ଘଟଣା ପରଠାରୁ ଆହତ ମାନସଙ୍କୁ ଗଣମାଧ୍ୟମଠାରୁ

# ଏନ୍‌ଏଚ୍‌ଆରସି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ଏମ୍ସ ଭୁବନେଶ୍ୱର ପରିଦର୍ଶନ

ଭୁବନେଶ୍ୱର, ୨୬।୩ (ସମିସ): ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ (ମାନବାଧିକାର ଶିକ୍ଷା ଏବଂ ଲିଙ୍ଗ ସମାନତା) ପ୍ରଫେସର କହ୍ନେୟା ତ୍ରିପାଠୀ ଏମ୍ସ



ଭୁବନେଶ୍ୱର ପରିଦର୍ଶନ କରିଛନ୍ତି। ଏହି ଅବସରରେ ଶ୍ରୀ ତ୍ରିପାଠୀ ମାନବାଧିକାର ଶିକ୍ଷା, ରୋଗୀ ସେବାରେ ସମାନତା ଏବଂ ଲିଙ୍ଗ-ସମ୍ବେଦନଶୀଳ ସ୍ୱାସ୍ଥ୍ୟସେବା ଅଭ୍ୟାସ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରିଥିଲେ। ଏଥିସହ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର୍ (ଡ.) ଆଶୁତୋଷ ବିଶ୍ୱାସଙ୍କ ସମେତ ବରିଷ୍ଠ ଅଧ୍ୟାପକ, ପ୍ରାଶାସନିକ ଅଧିକାରୀ ଏବଂ ବିଭାଗୀୟ ପ୍ରତିନିଧିଙ୍କ ସହିତ ବିସ୍ତୃତ ଆଲୋଚନା ମଧ୍ୟ କରିଥିଲେ। ସମସ୍ତଙ୍କୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ, ନିୟମିତ ଚିକିତ୍ସା ଅଭ୍ୟାସରେ ମାନବାଧିକାର ନୀତିଗୁଡ଼ିକର ଉତ୍ତମ ଅନୁପାଳନ ନିମନ୍ତେ ଏମ୍ସ ଭୁବନେଶ୍ୱରକୁ ପ୍ରଶଂସା କରିଥିଲେ ଏନ୍‌ଏଚ୍‌ଆରସି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ। ଏହି ବୈଠକରେ ଡିନ୍ ଡ. ପି. ଆର. ମହାପାତ୍ର, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂହଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## କାଳବୈଶାଖୀ ଅଜାଡ଼ିଲା କୁଆପଥର

# ଭାଙ୍ଗିଲା ଘର; ଉପୁଡ଼ିଲା ଗଛ, ବିଦ୍ୟୁତ୍ ଖୁଣ୍ଟ

ଧାମନଗର, ୨୬।୩(ସମିସ): ଧାମନଗର ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ରଚିଛି। ଘରଦ୍ୱାର, ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅପରାହ୍ଣରେ ସହରାଞ୍ଚଳ ଓ ବ୍ଲକ୍ ଅଞ୍ଚଳରେ ପ୍ରବଳ ପବନ ସାଙ୍ଗକୁ ଭୟଙ୍କର ଧୂଳିଝଡ଼ ସହ ବର୍ଷା ହୋଇଥିଲା। ଏହାସାଙ୍ଗକୁ ତୁହାକୁ ତୁହା କୁଆପଥର ମାଡ଼ ଜନଜୀବନକୁ ସଂପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଇଥିଲା। ଏଥିଯୋଗୁଁ ବ୍ୟାପକ ଧନସମ୍ପତ୍ତି ନଷ୍ଟ ହେବା ସହ ବଡ଼ବଡ଼ ଗଛ ଉପୁଡ଼ି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜୋର୍ ପବନ ସହ ବର୍ଷା ଓ ପ୍ରବଳ କୁଆପଥର ପଡ଼ିବାରୁ ଦୀର୍ଘ ୨ ଘଣ୍ଟା ଧରି ସମଗ୍ର ଅଞ୍ଚଳରେ ଜନଜୀବନ ଠପ୍ ହୋଇଯାଇଥିଲା। ପବନର ବେଗ ଅତ୍ୟନ୍ତ ଭୟଙ୍କର ଥିବାରୁ କିଛି ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଥିଲା ଓ କେତେକ ଚାଳ ଘର ଉଡ଼ାଇ ନେଇଛି। ରାଧାବଲ୍ଲଭପୁର ଗ୍ରାମରେ ନଡ଼ିଆ ଗଛ ଭାଙ୍ଗି ବିଦ୍ୟୁତ ପୋଲ୍ ଉପରେ ପଡ଼ିବା ଦ୍ୱାରା ପୋଲ୍ ଭାଙ୍ଗି ତାର ଛିଡ଼ି ରାସ୍ତା ଉପରେ ପଡ଼ିରହିଛି।



## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ନିବେଶରୁ ଲାଭ ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। କଳା କ୍ଷେତ୍ରରେ ରୁଚି ବଢ଼ିବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କାର୍ଯ୍ୟରେ ବାଧା ଆସିବ। ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।


**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ


- ୧୮୭୧- ପ୍ରଥମ ଅନ୍ତରାଷ୍ଟ୍ରୀୟ ରଗ୍‌ବି ମ୍ୟାଚ୍ ସ୍କଟ୍‌ଲ୍ୟାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଖେଳାଗଲା।
- ୧୯୩୩- ଜାପାନ ମିଳିତ ଜାତିସଂଘରୁ ଅଲଗା ହେଲା।
- ୧୯୬୧- ବିଶ୍ୱ ରଙ୍ଗମଞ୍ଚ ଦିବସ ପାଳନ ଆରମ୍ଭ ହେଲା।
- ୧୯୬୪- ଆଲାସ୍କାରେ ୮.୪ ତୀବ୍ରତାର ଭୂମିକମ୍ପ ଆସିବାରୁ ୧୧୮ ଲୋକଙ୍କ ପ୍ରାଣହାନି।
- ୧୯୭୭- ୟୁରୋପୀୟ ଫାଇଟର ଏୟାରକ୍ରାଫ୍ଟ 'ୟୁରୋଫାଇଟର' ପ୍ରଥମ ଥର ପାଇଁ ଉଡ଼ାଣ କଲା।

# ପୁରୁଷୋତ୍ତମ ଶ୍ରୀରାମ




ଚୈତ୍ର ମାସର ଶୁକ୍ଳ ପକ୍ଷ ନବମୀ ତିଥି ଓ ପୁନର୍ବସୁ ନକ୍ଷତ୍ରରେ ପ୍ରଭୁ ଶ୍ରୀରାମ ଧରାପୃଷ୍ଠରେ ଅବତରି ଥିଲେ। ତେଣୁ ଏହି ତିଥିକୁ ରାମ ନବମୀ ଭାବେ ପାଳନ କରାଯାଏ। ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ, ତ୍ରେତୟା ଯୁଗରେ ରଘୁକୁଳରେ ଜନ୍ମ ହୋଇଥିଲେ ପୁରୁଷୋତ୍ତମ ଶ୍ରୀରାମ। ଭଗବାନ ବିଷ୍ଣୁଙ୍କ ଅବତାର ଭାବେ ଶ୍ରୀରାମ ଅଯୋଧ୍ୟା ନରେଶ ଦଶରଥଙ୍କ ଘରେ ଜନ୍ମଗ୍ରହଣ କରିଥିଲେ। ଶ୍ରୀରାମଙ୍କ ଜନ୍ମ ଦୁଷ୍ଟ ରାବଣର ବଧ ନିମନ୍ତେ ହୋଇଥିଲା ବୋଲି କୁହାଯାଏ। ସେଥିପାଇଁ ରାମନବମୀ ଉତ୍ସବ ଧର୍ମ, ଶକ୍ତିର ମହିମା, ଭଲ ଓ ଖରାପ ମଧ୍ୟରେ ସଂଘର୍ଷକୁ ଦର୍ଶାଇଥାଏ। ରାମନବମୀ ଉପଲକ୍ଷେ ନବଦିନବ୍ୟାପି ଭଜନକୀର୍ତ୍ତନ, ଅଖଣ୍ଡପାଠ ଆଦି ଚାଲେ। ବିଶେଷକରି ରାମଚରିତମାନସ ପାଠ କରାଯାଏ। ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟା ସମେତ ସାରା ଦେଶରେ ବଡ଼ ଧୂମ୍‌ଧାମ୍ ଜାକଜମକରେ ପାଳିତ ହୋଇଥାଏ ରାମନବମୀ। ଏହିଦିନ ବ୍ରତଧାରୀମାନେ ନିଜ ନିଜର ଘର ଅଗଣାକୁ ଧୋଇ ପରିଷ୍କାର କରି ପତ୍ର ପୁଷ୍ପରେ ସୁସଜ୍ଜିତ କରିଥାନ୍ତି ଓ ଶ୍ରୀରାମଙ୍କ ପୂଜା ସମାପ୍ତ ନ ହେବା ପର୍ଯ୍ୟନ୍ତ ଉପବାସ ବ୍ରତ ପାଳନ କରିଥାନ୍ତି। ଅଶୋକପୁଷ୍ପ, ତୁଳସୀ, କୁଶ, ଘୃତ ପକ୍ୱ ଦ୍ରବ୍ୟ ଓ ବିଭିନ୍ନ ସୁସ୍ୱାଦୁ ଫଳମୂଳ ଦ୍ୱାରା ଶ୍ରୀରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ଶ୍ରୀରାମଙ୍କ ବିଗ୍ରହ ପୂଜା ପାଉଥିବା ରଘୁନାଥ ମନ୍ଦିରମାନଙ୍କରେ ବିଶେଷ ଆଡ଼ମ୍ବର ସହିତ ଶ୍ରୀରାମଙ୍କର ଏହି ଜନ୍ମୋତ୍ସବ ପାଳିତ ହୋଇଥାଏ। ସ୍ଥାନେ ସ୍ଥାନେ ଶ୍ରୀରାମ ନବମୀରେ ରାମଜନ୍ମ ଲୀଳା ସମ୍ବଳିତ ଯାତ୍ରା, ପାଲା, ନୃତ୍ୟ, ସଙ୍ଗୀତ, ଅଭିନୟ ଆଦି ଅନୁଷ୍ଠିତ ହୋଇଥାଏ। ବିଭିନ୍ନ ବ୍ୟବସାୟ ସଂସ୍ଥା ଶ୍ରୀରାମ ନବମୀ ଦିନ ନୂତନ ଖାତା ପ୍ରଚଳନ କରିଥାନ୍ତି। ଏହିଦିନ ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ଉତ୍ସବ ବିଧିପୂର୍ବକ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଥାଏ। ରାମ ନବମୀ ଦିନ ପ୍ରଭୁ ଶ୍ରୀରାମଙ୍କୁ ବିଧିପୂର୍ବକ ପୂଜାର୍ଚ୍ଚନା କଲେ ସମସ୍ତ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଭକ୍ତି, ଉପାସକ, ତପସ୍ୟା, ସତ୍ୟ, ବଳିଦାନ, ପ୍ରେମ ଏବଂ କର୍ତ୍ତବ୍ୟର ଏକ ଜୀବନ୍ତ ଉଦାହରଣ ଶ୍ରୀରାମ। ମହର୍ଷି ବାଲ୍ମିକୀ ହୁଅନ୍ତୁ ଅବା ଗୋସ୍ୱାମୀ ତୁଳସୀ ଦାସ, ଉଭୟ ଶ୍ରୀରାମଙ୍କ ଆଦର୍ଶ ଚରିତ୍ରକୁ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି। ସକଳ ଦୃଷ୍ଟିରୁ ମର୍ଯ୍ୟାଦାବନ୍ତ ଏବଂ ସକଳ ପରିସ୍ଥିତିରେ ନିଜ ମର୍ଯ୍ୟାଦା ଧାରଣ କରି ତାହାକୁ ପ୍ରତିଷ୍ଠିତ କରିଥିବାରୁ ସେ ଯଥାର୍ଥରେ ମର୍ଯ୍ୟାଦା ପୁରୁଷୋତ୍ତମ। ରାମ ଥିଲେ ସକଳ ଆଦର୍ଶର ଅକ୍ଷୟ ମାନଦଣ୍ଡ।

# ହରର୍ ଫିଲ୍ମରେ ଅଜୟ



ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ଏବେ 'ଦୃଶ୍ୟମ୍ ୩' ଓ 'ଗୋଲମାଲ ୫' ଫିଲ୍ମକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏବେ ତାଙ୍କର ଅନ୍ୟ ଏକ ଫିଲ୍ମକୁ ନେଇ ଖବର ଆସିଛି। ଅଜୟ ଏବେ ଏକ ହରର୍ ଫିଲ୍ମରେ ନଜର ଆସିବେ ବୋଲି ଜଣାପଡ଼ିଛି। ଏହି ଫିଲ୍ମ ପାଇଁ ସେ 'ସର୍ଦ୍ଦାରଜୀ' ଫେମ୍ ନିର୍ଦ୍ଦେଶକ ରୋହିତ୍ ଯୁଗରାଜଙ୍କ ସହ ହାତ ମିଳାଇଛନ୍ତି। ଏହାପୂର୍ବରୁ ଅଜୟଙ୍କ ଅଭିନୀତ ହରର୍ ଫିଲ୍ମ 'ଭୂତ୍'(୨୦୦୩), 'କାଲ୍'(୨୦୦୫) ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ଫିଲ୍ମର ଟାଇଟଲ୍ 'ଗୃହ ପ୍ରବେଶ' କିମ୍ବା 'ବାସ୍ତୁ ଶାସ୍ତ୍ର' ରଖିବା ପାଇଁ ଏହାର ନିର୍ମାତା ଯୋଜନା କରୁଛନ୍ତି। ତେବେ ଫିଲ୍ମର କାହାଣୀକୁ ଆଖି ଆଗରେ ରଖି 'ଗୃହ ପ୍ରବେଶ' ରଖାଯାଇପାରେ ବୋଲି ଅନୁମାନ କରାଯାଉଛି। ଏହାର ସୁଟିଂ ବ୍ରିଟେନରେ ହେବ। ଏବେ ଏହାର ପ୍ରିପ୍ରଡକ୍ସନ କାମ ଚାଲିଛି। କୁମାର ମଙ୍ଗତ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ତେବେ ଏହା ଚିରାଚରିତ ହରର୍ ଫିଲ୍ମଠାରୁ ଅଲଗା ହେବ ବୋଲି ଫିଲ୍ମ ନିର୍ମାତା କହିଛନ୍ତି। ଏବେ ଅଜୟଙ୍କ ବ୍ୟତୀତ ଅନ୍ୟ କଳାକାରମାନଙ୍କୁ ଫାଇନାଲ କରାଯାଉଛି। ଫିଲ୍ମର ସୁଟିଂ ଆସନ୍ତା ଜୁଲାଇ ମାସଠାରୁ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ଏହା ଆସନ୍ତାବର୍ଷ ମୁକ୍ତିଲାଭ କରିବ।

# ବିଶ୍ୱ ରଙ୍ଗମଞ୍ଚ ଦିବସ




ଆଜି ବିଶ୍ୱ ରଙ୍ଗମଞ୍ଚ ଦିବସ। ରଙ୍ଗମଞ୍ଚ କଳାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଆନ୍ତର୍ଜାତିକ ରଙ୍ଗମଞ୍ଚ ପ୍ରତିଷ୍ଠାନ ଦ୍ୱାରା ୧୯୬୧ରେ ଆରମ୍ଭ ହୋଇଥିଲା ବିଶ୍ୱ ରଙ୍ଗମଞ୍ଚ ଦିବସ। ନାଟକ ଓ ନାଟ୍ୟକଳାର ମୂଲ୍ୟବୋଧ, ମନୋରଞ୍ଜନ କ୍ଷେତ୍ରରେ ସେମାନଙ୍କର ଭୂମିକା ଓ ନାଟ୍ୟକଳାରେ ଆସିଥିବା ପରିବର୍ତ୍ତନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ୧୯୬୧ ମସିହାରେ ଫିନ୍‌ଲାଣ୍ଡର ହେଲସିଙ୍କି ଠାରେ ଆୟୋଜିତ ଆନ୍ତର୍ଜାତିକ ଥିଏଟର ପ୍ରତିଷ୍ଠାନର ବିଶ୍ୱ ସମାବେଶରେ ବିଶ୍ୱ ରଙ୍ଗମଞ୍ଚ ଦିବସ ପାଳନର ପରିକଳ୍ପନା କରାଯାଇଥିଲା। ସେହିଦିନଠାରୁ ନିରନ୍ତର ଭାବେ ପ୍ରତିବର୍ଷ ଆଜିର ଦିନରେ ବିଭିନ୍ନ ଦେଶରେ ନାଟକ ମଞ୍ଚସ୍ଥ ପୂର୍ବକ ଏହି ଦିବସ ପାଳିତ ହୋଇ ଆସୁଛି। ଥିଏଟର (ରଙ୍ଗମଞ୍ଚ) ଏଭଳି ଏକ ସ୍ଥାନ, ଯେଉଁଠାରୁ ବ୍ୟକ୍ତି ଅନେକ ଘଟଣାକୁ ନିଜ କଳା ମାଧ୍ୟମରେ ଦୁନିଆ ସାମ୍ନାକୁ ଆଣିବାରେ ସକ୍ଷମ ହୋଇଥାଏ। ରଙ୍ଗମଞ୍ଚ କେବଳ ଲୋକଙ୍କ ମନୋରଞ୍ଜନ କରେ ନାହିଁ, ବରଂ ସେମାନଙ୍କୁ ସାମାଜିକ ସମସ୍ୟା ବିଷୟରେ ଅବଗତ କରାଏ।

ଯେତେବେଳେ ଲୋକେ ସିନେମା କ'ଣ ଜାଣିନଥିଲେ, ସେତେବେଳେ ରଙ୍ଗମଞ୍ଚ ଲୋକମାନଙ୍କର ମନୋରଞ୍ଜନର ମାଧ୍ୟମ ଥିଲା। ଆଜି ବି ଲୋକେ ଥିଏଟର ଦେଖିବାକୁ ପସନ୍ଦ କରନ୍ତି। କାରଣ ଥିଏଟରରେ ପ୍ରକୃତ ନାଟକର ସଂଜ୍ଞା ମିଳିଥାଏ। ତେବେ ନାଟକର ଏହି ଧାରାକୁ ଜୀବନ୍ତ ରଖିବା ଏବଂ ସାମାଜରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତି ବର୍ଷ ରଙ୍ଗମଞ୍ଚ ଦିବସ ପାଳନ କରାଯାଏ। ଏହାଦ୍ୱାରା ନାଟ୍ୟକଳାର ମହତ୍ତ୍ୱ, ମନୋରଞ୍ଜନରେ ତାହାର ଭୂମିକା ଏବଂ ଲୋକଙ୍କ ଜୀବନରେ ତାହା ଦ୍ୱାରା ଗ୍ରହଣ କରାଯାଉଥିବା ସମ୍ଭାବ୍ୟ ଉନ୍ନତି ବିଷୟରେ ଜନସଚେତନତା ସୃଷ୍ଟି ହୋଇପାରୁଛି। ଭାରତରେ ରଙ୍ଗମଞ୍ଚର ଇତିହାସ ଖୁବ୍ ପୁରୁଣା। ଭରତ ମୁନିଙ୍କ ରଚିତ ଆମ ଭାରତୀୟ ନାଟ୍ୟଶାସ୍ତ୍ର ହେଉଛି ବିଶ୍ୱର ସର୍ବପୁରାତନ ନାଟ୍ୟଶାସ୍ତ୍ର। ଯେଉଁଥିରେ ଭାବ ଆଉ ରସକୁ ପ୍ରମୁଖତାର ସହ ବାଖ୍ୟା କରାଯାଇଛି। ସେହିଭଳି 'ବାବାଜୀ'ରୁ ଆରମ୍ଭ ହୋଇଥିଲା ଓଡ଼ିଆ ନାଟକର ଅଭିଯାନ। ଦିନ ଥିଲା ଓଡ଼ିଶାରେ ମଞ୍ଚନାଟକର ଲୋକାଦୃତି ଥିଲା। ହେଲେ ଏବେ କାଁ ଭାଁ କେତେକ ସ୍ଥାନରେ ଯାହା ସାମାଜିକ ନାଟକ ପରିବେଷଣ ହେଉଛି। ଧୀରେ ଧୀରେ ନାଟକର ଚାହିଦା କମୁଥିବାରୁ ନାଟକ ଲେଖୁଥିବା ନାଟ୍ୟକାର, ମଞ୍ଚକାର ଏବଂ କଳାକାରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ରଙ୍ଗମଞ୍ଚ ସହ ଜଡ଼ିତ କଳାକାରଙ୍କୁ ଏହିଦିନ ସମ୍ମାନିତ କରାଯାଏ। ଅନ୍ୟପଟେ ଆଜି ମନୋରଞ୍ଜନର ଏକାଧିକ ମାଧ୍ୟମ ଆସିବା ସତ୍ତ୍ୱେ ରଙ୍ଗମଞ୍ଚର ଆଦର ସମ୍ପୂର୍ଣ୍ଣ ହଜି ନାହିଁ।

## ସଞ୍ଜୀବନୀ






# ଡୋପାମାଇନ୍ ରିସେଟ୍

ବର୍ତ୍ତମାନର ବିଶୃଙ୍ଖଳିତ ଜୀବନଶୈଳୀ, ଅନିୟମିତ ଖାଦ୍ୟ ସେବନ ଆଦି ଅନେକ କାରଣରୁ ଲୋକେ ନାନା ରୋଗରେ ପୀଡ଼ିତ ହେଉଛନ୍ତି। ତନ୍ମଧ୍ୟରୁ ଯୁବପିଢ଼ିଙ୍କ ମଧ୍ୟରେ ଏକାକୀପଣ ଅଧିକ ଦେଖାଯାଉଛି। ସାଧାରଣତଃ କୌଣସି କାରଣ ନଥାଇ ସେମାନେ ଉଦାସ, ଅବସାଦ ଏବଂ ଏକାକୀ ଅନୁଭବ କରିଥାନ୍ତି। ଏହାକୁ 'ଡୋପାମାଇନ୍ ଡିସେନ୍‌ସିଟାଇଜେସନ' କୁହାଯାଏ। ଶରୀରରେ ଖୁସି ହରମୋନ୍ ଡୋପାମାଇନ୍ କମ୍‌ରୁ ଏହା ହୋଇଥାଏ। ଡୋପାମାଇନ୍ ଡିସେନ୍‌ସିଟାଇଜେସନ ସ୍ଥିତିରେ ମସ୍ତିଷ୍କ ଠିକ୍ ଭାବେ ପ୍ରତିକ୍ରିୟା ଦେଇପାରେ ନାହିଁ। ଏହାଦ୍ୱାରା ଜଣେ ଖୁସି ହେବା ବଦଳରେ ଚିନ୍ତାଗ୍ରସ୍ତ ରହିଥାନ୍ତି। କୌଣସି କାର୍ଯ୍ୟକୁ ଠିକ୍ ଢଙ୍ଗରେ କରିପାରନ୍ତିନି। ସେହିପରି ବର୍ତ୍ତମାନ ମୋବାଇଲ୍ ଏବଂ ସ୍କ୍ରିନ୍ ଟାଇମ୍ ଦ୍ୱାରା ଲୋକଙ୍କ ଉଦାସୀନତା ଅଧିକ ବଢ଼ୁଛି। ଲୋକେ ୨୪ ଘଣ୍ଟା ହ୍ୱାଟସଅପ୍, ଇମେଲ୍ ଆଦି ଉପରେ ନଜର ରଖୁଥିବାରୁ ଡୋପାମାଇନ୍ (Dopamine) ପ୍ରଭାବିତ ହୋଇଥାଏ। ମସ୍ତିଷ୍କରେ ଏହି ରାସାୟନିକ ପଦାର୍ଥ କମ୍ ହେବାକୁ ଲାଗେ। ଏହି କାରଣରୁ ଲୋକ ଉଦାସ, ଦୁଃଖ ଅନୁଭବ କରନ୍ତି। ତେଣୁ ଡୋପାମାଇନ୍‌କୁ ରିସେଟ୍ କରିବାକୁ ଜଣେ ବ୍ୟକ୍ତିଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ କଥାକୁ ଗ୍ରହଣ କରିବାକୁ ପଡ଼ିବ। ପ୍ରଥମତଃ ୨୪ ଘଣ୍ଟା ସ୍କ୍ରିନ୍‌ଠାରୁ ଦୂରେଇ ରହିବାକୁ ଚେଷ୍ଟା କରିବା। ଟିଭି, ମୋବାଇଲ ଦେଖି ଖାଇବା ଅଭ୍ୟାସକୁ ପରିତ୍ୟାଗ କରିବା, ଶୋଇବା ସମୟେ ସ୍କ୍ରୀନ୍ ବ୍ୟବହାର ନ କରିବା ଏବଂ ବିନା ଚିନ୍ତାରେ ଶୋଇବା, ଶୌଚାଳୟରେ ମୋବାଇଲ୍ ବ୍ୟବହାର ନ କରିବା ଆବଶ୍ୟକ। ତା ସହିତ କିଛି କୁ-ଅଭ୍ୟାସ ଛାଡ଼ି ପ୍ରକୃତି ସହିତ ସମୟ ବିତାଇବା, ସୂର୍ଯ୍ୟକିରଣ ଏବଂ ଖୋଲା ବାୟୁଚଳାଚଳରେ ସମୟ ଅତିବାହିତ କରିବା, ନିଜକୁ ଖୁସି ଦେଉଥିବା ପରି କାମ କରିବା, ଚାଲିବା, ପଢ଼ିବା, ବ୍ୟାୟାମ, ପ୍ରାଣାୟମ, ଶାନ୍ତଭାବେ ବସିବା ଆଦି ଦ୍ୱାରା ଡୋପାମାଇନ୍ ରିସେଟ ହୋଇପାରେ।

## 'ସକାଳ'ର ସ୍ୱାସ୍ଥ୍ୟ

# ମଧୁମେହ ଓ ଗ୍ୟାଙ୍ଗ୍ରିନ୍

ବିଶୃଙ୍ଖଳିତ ଜୀବନଶୈଳୀ, ପରିବର୍ତ୍ତିତ ଖାଦ୍ୟଶୈଳୀ, ଚିନ୍ତା, ବଂଶାନୁଗତ ରୋଗ, ଅନିଦ୍ରା ଆଦି କାରଣରୁ ମଧୁମେହ ରୋଗ ହୋଇଥାଏ। ଏହାଦ୍ୱାରା ଶରୀରରେ ଇନ୍‌ସୁଲିନ୍ ଓ ରକ୍ତ ଶର୍କରା ଉପଯୋଗ ହେବାକୁ ଅସମର୍ଥ ହୋଇଥାଏ। ମଧୁମେହରେ ଶରୀରରେ ବିଭିନ୍ନ ଲକ୍ଷଣ ଦେଖା ଯାଉଥିଲେ ମଧ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ଲକ୍ଷଣକୁ ଅଣଦେଖା କଲେ ଏହା ଗମ୍ଭୀର ସ୍ଥିତି ଉପୁଜାଇ ପାରେ। ଏହି କ୍ରମରେ ଗ୍ୟାଙ୍ଗ୍ରିନ୍ (Gangrene) ଏକ ଗମ୍ଭୀର ସ୍ଥିତି। ଉଚ୍ଚ ରକ୍ତ ଶର୍କରା ସ୍ନାୟୁ ଓ ଧମନୀକୁ କ୍ଷତି ପହଞ୍ଚାଇ ଥାଏ। ଏହା ଦ୍ୱାରା ଅଙ୍ଗକୁ ରକ୍ତ ପ୍ରବାହ ହ୍ରାସ ପାଇଥାଏ। ଟିସୁ ନଷ୍ଟ ହୋଇଥାଏ। ତେଣୁ ଗ୍ୟାଙ୍ଗ୍ରିନ୍ ହେଉଛି ରକ୍ତ ଯୋଗାଣର ଅଭାବ ଯୋଗୁଁ ହେଉଥିବା ଏକ ପ୍ରକାରର ଟିସୁ ମୃତ୍ୟୁ। ଦୁର୍ବଳ ସ୍ନାୟୁ ପାଇଁ ଟିସୁ ନଷ୍ଟ ହୋଇ ଗ୍ୟାଙ୍ଗ୍ରିନ୍ ହେବା ଆରମ୍ଭ ହେଲେ ମଧ୍ୟ ରୋଗୀ ଜାଣିପାରେ ନାହିଁ। ସାମାନ୍ୟ ଆଘାତ



ବି ଗ୍ୟାଙ୍ଗ୍ରିନ୍‌ର ରୂପ ନେଇଥାଏ। ପରବର୍ତ୍ତୀ ସମୟରେ ଜଟିଳ ପରିସ୍ଥିତି ସୃଷ୍ଟି ହେଉଥିବାରୁ ନଷ୍ଟ ହେଉଥିବା ଅଙ୍ଗ ମଧ୍ୟ କାଟିବାକୁ ପଡ଼େ।

**ଗ୍ୟାଙ୍ଗ୍ରିନ୍‌ର ଲକ୍ଷଣ:** ଲକ୍ଷଣଗୁଡ଼ିକ ମଧ୍ୟରେ ଶର୍କରା ନିୟନ୍ତ୍ରଣରେ ନ ରହିଲେ ଚର୍ମର ରଙ୍ଗରେ ପରିବର୍ତ୍ତନ। ଚର୍ମ ଲାଲ କିମ୍ବା କଳା ରଙ୍ଗ ହେବା। ଗୋଡ଼ ଝିମ୍ ଝିମ୍ ଲାଗିବା, ଶୂନ୍ୟତା, ଅସହନୀୟ ଯନ୍ତ୍ରଣା, ଫୁଲା, ପାଦର ସମ୍ବେଦନଶୀଳତା କମ୍ ହେବା, ଚର୍ମ ଭାଙ୍ଗିଯିବା, ପ୍ରଭାବିତ ସ୍ଥାନରୁ ଦୁର୍ଗନ୍ଧଯୁକ୍ତ ତରଳ ପଦାର୍ଥ ବାହାରିବା ଆଦି ଲକ୍ଷଣ ଦେଖାଯାଇଥାଏ। ଏହି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କୁ ଦେଖାଇବା ଦରକାର। ରକ୍ତ ସଞ୍ଚାଳନ ହେଉଛି କି ନାହିଁ ଓ ସ୍ନାୟୁ ସଠିକ୍ କାମ କରୁଛି କି ନାହିଁ ତାହାକୁ ନିୟମିତ ପରୀକ୍ଷା କରିବା ଦରକାର।

ସେହିପରି ମଧୁମେହର ନିମ୍ନ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ। ପ୍ରଥମତଃ ଯଦି ପାଦରେ ଲାଗିଥିବା ଆଘାତ ଠିକ୍ ହେଉନି କିମ୍ବା ଘା' ଶୁଖିବାକୁ ବହୁତ ବିଳମ୍ବ ହେଉଥିଲେ ଏହା ଗ୍ୟାଙ୍ଗ୍ରିନ୍‌ର ପ୍ରାରମ୍ଭିକ ଲକ୍ଷଣ ହୋଇପାରିଥାଏ। ଥକ୍କା ଲାଗିବା କିମ୍ବା ଆଖିକୁ ଝାପ୍ସା ଦେଖାଯିବା ଶରୀରରେ ଶର୍କରା ସ୍ତର ଅସନ୍ତୁଳିତ ହେବାର ମୁଖ୍ୟ ଲକ୍ଷଣ। ଅତ୍ୟଧିକ ରକ୍ତ ଶର୍କରା ପାଇଁ ବାରମ୍ବାର ପରିସ୍ରା ମଧ୍ୟ ହୁଏ।

ଗ୍ୟାଙ୍ଗ୍ରିନ୍ ଅଙ୍ଗୁଠି, ପାଦ, ଅଙ୍ଗୁଠି ସନ୍ଧି, ହାତ ଆଦି ଅଙ୍ଗକୁ ପ୍ରଭାବିତ କରିପାରେ। ଏହା ଶୀଘ୍ର ବ୍ୟାପି ଶରୀରର ଅନ୍ୟ ଅଙ୍ଗକୁ କ୍ଷତି ପହଞ୍ଚାଇ ପାରେ। ଏହାଦ୍ୱାରା ଅଙ୍ଗକୁ କାଟିବାକୁ ପଡ଼ିପାରେ। ସେପ୍‌ସିସ କାରଣରୁ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇପାରେ। ତେଣୁ ଅଙ୍ଗୁଠି ମଧ୍ୟରେ ଧଳା ଧଳା ରଙ୍ଗରେ ଫଙ୍ଗାଲ ସଂକ୍ରମଣ ହୋଇଥିଲେ ଡାକ୍ତର ଦେଖାଇ ଔଷଧ ଖାଆନ୍ତୁ। ଶର୍କରା ନିୟନ୍ତ୍ରଣ କରନ୍ତୁ।

## ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ଦର୍ଶାଏ

# ପରିସ୍ରାରେ ରକ୍ତ ପଡ଼ିବାର କାରଣ

**ପରିସ୍ରାରୁ ରକ୍ତ ପଡ଼ିବାକୁ ଡାକ୍ତରୀ ଭାଷାରେ ହେମାଚୁରିଆ କୁହାଯାଏ। ପରିସ୍ରାରେ ରକ୍ତସ୍ରାବକୁ ଅଧିକାଂଶ ସାଧାରଣ ଭାବି ଅଣଦେଖା କରିଥାନ୍ତି। ଡାକ୍ତରଙ୍କ ମୁତାବକ, ପରିସ୍ରାରେ ରକ୍ତ ପଡ଼ିବାକୁ ଅଣଦେଖା କଲେ ଏହା ଭବିଷ୍ୟତରେ କର୍କଟ ରୋଗ ସୃଷ୍ଟି କରିପାରେ। ତେଣୁ ଡାକ୍ତରଙ୍କ ପରାମର୍ଶ ନେଇ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ କରିବା ଜରୁରି।**



ବିନା ଯନ୍ତ୍ରଣାରେ ପରିସ୍ରାରେ ରକ୍ତ ପଡ଼ିବା ଚିନ୍ତାର କାରଣ। ବୃକ୍କ ପଥୁରୀ, ପରିସ୍ରା ସଂକ୍ରମଣ ଓ ମୁତ୍ରନଳୀରେ ଦୀର୍ଘକାଳୀନ ସଂକ୍ରମଣ ଆଦି ଯୋଗୁଁ ପରିସ୍ରାରେ ରକ୍ତସ୍ରାବ ହୋଇଥାଏ। ଏଥିପାଇଁ ପରିସ୍ରା ଜଳାପୋଡ଼ା ଏବଂ ପେଟ ବ୍ୟଥା ହୋଇପାରେ। ପରିସ୍ରାରେ ରକ୍ତ ଆସିବା ବ୍ଲାଡର କର୍କଟ ଆରମ୍ଭର ସଙ୍କେତ। ଅନେକ କ୍ଷେତ୍ରରେ ପ୍ରଥମେ ପରିସ୍ରା ରଙ୍ଗ ଗୋଲାପୀ, ନାରଙ୍ଗୀ କିମ୍ବା ଗାଢ଼ ଲାଲ ହୋଇପାରେ। ବୃକ୍କ କ୍ୟାନ୍‌ସର ଓ ପ୍ରୋଷ୍ଟେଟ କର୍କଟରେ ମଧ୍ୟ ଏହି ଲକ୍ଷଣ ଦେଖାଯାଇପାରେ। ଏହା ସହ ପିଠି ଯନ୍ତ୍ରଣା, ଓଜନ କମ୍ ହେବା, ଦୁର୍ବଳ ଲାଗିବା ଆଦି ଲକ୍ଷଣ ମଧ୍ୟ ଦେଖାଯାଏ। ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଏହି ଲକ୍ଷଣ ଦେଖାଯିବା ମାତ୍ରେ ସଠିକ୍ ସମୟରେ ଯାଞ୍ଚ, ପରିସ୍ରା ପରୀକ୍ଷା ଜରୁରି। ପରିସ୍ରା ପରୀକ୍ଷା ସହ ଅଲଟ୍ରାସାଉଣ୍ଡ, ସିଟି ସ୍କାନ କିମ୍ବା ସିଷ୍ଟୋସ୍କୋପି ପରି ଯାଞ୍ଚ କରିବାକୁ ଡାକ୍ତର ପରାମର୍ଶ ଦିଅନ୍ତି। ଏହାଦ୍ୱାରା ପରିସ୍ରାରେ ରକ୍ତ ପଡ଼ିବାର ପ୍ରକୃତ କାରଣ ଜଣାପଡ଼େ। ବିନା ଯନ୍ତ୍ରଣାରେ ପରିସ୍ରାରେ ରକ୍ତ ଦେଖାଗଲେ, ତୁରନ୍ତ ୟୁରୋଲୋଜିଷ୍ଟଙ୍କ ପରାମର୍ଶ ନେବା ଜରୁରି।

## ଘରୋଇ ଉପଚାର



# ପେଟ ଫମ୍ପା

- ଦୁଇ ଚାମଚ ଲେମ୍ବୁରସରେ ଦୁଇ ଅଣି ଓଜନ ପାନମହୁରୀ ବଟା ମିଶାଇ ୩/୪ ରତି ବିଟ ଲବଣ ଦେଇ ଖାଇଲେ ପେଟଫମ୍ପା ଆରୋଗ୍ୟ ହୁଏ।
- ଆମିଳିତ ଶାଗ ରସରେ ଯବକ୍ଷାର ଗୋଳି ପେଟ ଉପରେ ପ୍ରଲେପ ଦେଇ ଅଥବା ଏହି ରସ ସହିତ ଖସା ଅଭାବେ ସୋରିଷ ତେଲ ଫେଣାଇ ପେଟରେ ମାଲିସ୍ କଲେ ପେଟଫମ୍ପା ଭଲ ହୁଏ।
- ହିଙ୍ଗୁଳ ମଞ୍ଜି ପାଣିରେ ବାଟି ପେଟରେ ଲେପ ଦେଲେ ପେଟଫମ୍ପା ଓ ଶୂଳ ଭଲ ହୁଏ। ବକ୍ଷରେ ଲେପ ଦେଲେ ବକ୍ଷ ବେଦନା ଭଲ ହୁଏ।
- କଦମ୍ବ ପତ୍ର ରସ ଏକ ତୋଳା ଖାଇଲେ ପେଟଫମ୍ପା ଭଲ ହୋଇ ଝାଡ଼ା ସଫା ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

■ ଆଇପିଏଲ୍-୧୯ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଜାରି

## ୧୩ଟି ଭେନ୍ୟୁରେ ଖେଳାଯିବ ୭୦ ଲିଗ୍ ମ୍ୟାଚ୍

**ମୁମ୍ବାଇ, ୨୬ ।୩ (ଏଜେନ୍ସି):** ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବାକୁଯାଉଛି । ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ । ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ପକ୍ଷରୁ ଆଇପିଏଲ୍‌ର ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ୨୮ ରୁ ଏପ୍ରିଲ ୧୨ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ୨୦ଟି ମ୍ୟାଚର କାର୍ଯ୍ୟସୂଚୀ ଘୋଷଣା କରାଯାଇଥିଲା । ଗୁରୁବାର ଦ୍ୱିତୀୟ ଫେଜ୍‌ରେ ଏପ୍ରିଲ ୧୩ରୁ ମେ ୨୪ ପର୍ଯ୍ୟନ୍ତ ହେବାକୁ ଥିବା ଆଉ ୫୦ଟି ଲିଗ୍ ମ୍ୟାଚର କାର୍ଯ୍ୟସୂଚୀ ଘୋଷଣା ହୋଇଛି । ଏପ୍ରିଲରେ ହେବାକୁ ଥିବା ୪ଟି ରାଜ୍ୟର ନିର୍ବାଚନ ନେଇ ତାରିଖ ଘୋଷଣା ହେବାପରେ ବିସିସିଆଇ ଆଇପିଏଲ୍‌ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ଏବେ ଜାରି କରିଛି । ଫଳରେ ଆଇପିଏଲ୍-୧୯ର ଲିଗ୍ ପର୍ଯ୍ୟାୟର ସମସ୍ତ ୭୦ଟି ଯାକ ମ୍ୟାଚର ସୂଚୀ ସ୍ପଷ୍ଟ ହୋଇଯାଇଛି । ମୋଟ୍ ୧୩ଟି ଭେନ୍ୟୁରେ ଏହି ସମସ୍ତ ଲିଗ୍ ମ୍ୟାଚ୍ ଖେଳାଯିବ । ପାଞ୍ଚ ପାଞ୍ଚଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ ଓ ଚେନ୍ନାଇ ସୁପର୍ କିଙ୍ଗ୍‌ସ ପରସ୍ପର ସହ ଏପ୍ରିଲ ୨୩ ଓ ମେ ୨ରେ ଦୁଇଥର ସାମ୍ନାସାମ୍ନି ହେବେ । ଦ୍ୱିତୀୟ ଫେଜରେ ୮ଟି ଡବଲ୍ ହେଡର୍ ମ୍ୟାଚ୍ ରହିଛି । ଅପରାହ୍ଣ ମ୍ୟାଚଗୁଡ଼ିକ ୩ଟା ୩୦ରୁ ଏବଂ ରାତି ୭ଟା ୩୦ରୁ ଡବଲ୍ ହେଡର୍‌ର ଦ୍ୱିତୀୟ ମ୍ୟାଚ୍ ଆରମ୍ଭ ହେବ ।

ରାଜସ୍ଥାନ ରୟାଲ୍ସ, ପଞ୍ଜାବ କିଙ୍ଗ୍‌ସ ଓ ବେଙ୍ଗାଲୁରୁ ଦୁଇଟି ଲେଖାଏ ଘରୋଇ ଭେନ୍ୟୁ କରିଛନ୍ତି । ରାଜସ୍ଥାନ ଜୟପୁରର ସବାଇ ମାନସିଂ ବ୍ୟତୀତ ଗୌହାଟୀକୁ ଦ୍ୱିତୀୟ ଘରୋଇ ଭେନ୍ୟୁ କରିଛି । ଯେଉଁଠାରେ ଦଳ ୩ଟି ଲିଗ୍ ମ୍ୟାଚ୍ ଖେଳିବ । ସେହିଭଳି ପଞ୍ଜାବ ଧର୍ମଶାଳା ଓ ମୁଲାନପୁରକୁ ଘରୋଇ ଭେନ୍ୟୁ ଚୟନ କରିଛି । ବିରାଟ କୋହଲିଙ୍କ ବେଙ୍ଗାଲୁରୁ ମଧ୍ୟ ଏମ ଚିନ୍ନାସ୍ୱାମୀରେ ୫ଟି ଓ ଦ୍ୱିତୀୟ ଘରୋଇ ଗ୍ରାଉଣ୍ଡ ରାୟପୁରରେ ୨ଟି ମ୍ୟାଚ୍ ଖେଳିବ ବୋଲି ଜଣାପଡ଼ିଛି ।

## ହାଜ୍‌ଲେଉଡ୍ ପହଞ୍ଚିଲେ, ଆର୍‌ସିବି ଆଶ୍ୱସ୍ତ



**ବେଙ୍ଗାଲୁରୁ, ୨୬ ।୩ (ଏଜେନ୍ସି):** ଆରସିବି ପକ୍ଷରୁ ଆଇପିଏଲ୍ ଖେଳୁଥିବା ପ୍ରମୁଖ ଫାଷ୍ଟ ବୋଲର ଆହତ ସମସ୍ୟାରୁ ମୁକୁଳିବାକୁ ସଂଘର୍ଷ କରୁଥିବା ଜୋଶ ହାଜ୍‌ଲେଉଡ୍ ଆଜି ବେଙ୍ଗାଲୁରୁରେ ପହଞ୍ଚିଛନ୍ତି । ସେ ପହଞ୍ଚିବା ପରେ ଆର୍‌ସିବିର କର୍ମକର୍ତ୍ତା ଓ ସମର୍ଥକ ମାନେ ଆଶ୍ୱସ୍ତ ହୋଇଛନ୍ତି । ସେ ପହଞ୍ଚିବା ସତ୍ତ୍ୱେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଖେଳିବେ ନାହିଁ । କିମ୍ବା ସେ କେବେ ଖେଳିବେ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ । ସୂଚନାରୁ ଜଣାଯାଇଛି, କ୍ରିକେଟ ଅଷ୍ଟ୍ରେଲିଆ ଫିଟ୍‌ନେସ୍ ସାର୍ଟିଫିକେଟ ନ ଦେଲାଯାଏ ହାଜ୍‌ଲେଉଡ୍ ଆଇପିଏଲ୍ ଖେଳିବେ ନାହିଁ ବୋଲି କୁହାଯାଉଛି । ଏଣୁ ଆର୍‌ସିବି ଏବେ ତାଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡର ଜ୍ୟାକବ ଡଫିଙ୍କୁ ଖେଳାଇବ । ଚୂଡାନ୍ତ ଏକାଦେଶରେ ସ୍ଥାନ ପାଇବାକୁ ଆଶାୟୀ ଥିବା ନୁୱାନ୍ ଥୁସାରାଙ୍କୁ ଶ୍ରୀଲଙ୍କା କ୍ରିକେଟ ବୋଲି ଏନ୍‌ଓସି ଦେଇ ନାହିଁ । ବୋର୍ଡ ପକ୍ଷରୁ କରାଯାଇଥିବା ଫିଟ୍‌ନେସ ଟେଷ୍ଟରେ ସେ ପାସ କରିପାରି ନାହାନ୍ତି । ଏଣୁ ସେ କେବେ ଦଳ ସହ ଯୋଗଦେବେ ତାହା କହିବା ମୁସ୍କିଲ । ଦଳର ଅନ୍ୟତମ ପ୍ରମୁଖ ବୋଲର ଯଶ ଦୟାଲଙ୍କ ବିରୋଧରେ ଧର୍ଷଣ ଅଭିଯୋଗ ରହିଥିବାରୁ ସେ ଚଳିତ ସିଜନରେ ଆଇପିଏଲ୍ ଖେଳିବେ ନାହିଁ ବୋଲି ଆର୍‌ସିବି ସ୍ପଷ୍ଟ କରିଛି ।

■ ୨୦ ବର୍ଷରୁ କମ୍ ସାଫ୍ ଫୁଟବଲ୍

## ପାକିସ୍ତାନକୁ ହରାଇ ସେମିଫାଇନାଲରେ ଭାରତ

**ନୂଆଦିଲ୍ଲୀ, ୨୬ ।୩ (ଏଜେନ୍ସି):** ମାଳଦୀପରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ ଚାମ୍ପିଅନସିପ୍‌ରେ ଭାରତୀୟ ଫୁଟବଲ୍ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି । ଗୁରୁବାର ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚରେ ଭାରତୀୟ ଯୁବ ଦଳ ୩-୦ ଗୋଲରେ ପାକିସ୍ତାନକୁ ହରାଇଦେଇଛି । ମ୍ୟାଚର ଦ୍ୱିତୀୟ ମିନିଟରେ ଭାରତ ପକ୍ଷରୁ ବିଶାଲ ଯାଦବ ପ୍ରଥମ ଗୋଲ୍‌ସ୍କୋର କରିଥିଲେ । ଏହାପରେ ଦ୍ୱିତୀୟାର୍ଦ୍ଧରେ ଓମାଙ୍ଗ ଡୋଡୁମ ଦୁଇଟି ଗୋଲ୍ ଦେଇଥିଲେ । ସେ ୬୩ତମ ମିନିଟରେ ପ୍ରଥମ ଓ ୮୭ତମ ମିନିଟରେ ଅନ୍ୟ ଗୋଲଟି ସ୍କୋର କରିଥିଲେ । ବିଜୟ ସହ ଭାରତ ୩ ପଏଣ୍ଟ ପାଇ ଖାତା ଖୋଲିବା ସହ ସେମିଫାଇନାଲରେ ସ୍ଥାନ ପକ୍କା କରିଛି । ଅପରପକ୍ଷରେ ପୂର୍ବରୁ ବାଂଲାଦେଶ ନିକଟରୁ ହାରିଥିବା ପାକିସ୍ତାନ ଏଥିସହ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି । ଭାରତ ଏହାର ଅନ୍ତିମ ତଥା ୨ୟ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ଶନିବାର ବାଂଲାଦେଶକୁ ଭେଟିବ ।

ବିସିସିଆଇର ୨୦୨୬-୨୭ ଘରୋଇ ଖେଳସୂଚୀ; ୧୭ ଭେନ୍ୟୁରେ ୨୨ ମ୍ୟାଚ୍

# କଟକରେ ଭାରତ-ଶ୍ରୀଲଙ୍କା ଟି-୨୦



**ନୂଆଦିଲ୍ଲୀ,୨୬।୩(ଏଜେନ୍ସି)**

ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ପକ୍ଷରୁ ୨୦୨୬-୨୦୨୭ର ଘରୋଇ ସିଜନ ଲାଗି ଟିମ୍ ଇଣ୍ଡିଆର ଖେଳସୂଚୀ ଚୂଡାନ୍ତ କରାଯାଇଛି । ଏହି ସିଜିନରେ ଟିମ୍ ଇଣ୍ଡିଆ ୧୭ଟି ଭେନ୍ୟୁରେ ୨୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏହି ୨୨ଟି ମ୍ୟାଚ୍ ମଧ୍ୟରେ ୯ଟି ଦିନିକିଆ, ୮ଟି ଟି-୨୦ ଓ ୫ଟି ଟେଷ୍ଟ ମ୍ୟାଚ୍ ଅନ୍ତର୍ଭୁକ୍ତ । ସେପ୍ଟମ୍ବର ୨୭ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ୨୦୨୭ ସେପ୍ଟେମ୍ବର ୨୭ରେ ଶେଷ ହେବ । ଏହି ସମୟ ମଧ୍ୟରେ ୪ଟି ଦେଶ ଯଥା ୱେଷ୍ଟଇଣ୍ଡିଜ୍, ଶ୍ରୀଲଙ୍କା, ଜିମ୍ବାୱେ ଭାରତ ଗସ୍ତରେ ଆସିବେ । ଚଳିତ ସିଜନରେ ବା ଆଇପିଏଲ୍ ଶେଷ ହେବା ପରେ ପରେ ଆଫଗାନିସ୍ତାନ ଭାରତ ଗସ୍ତରେ ଆସି ଗୋଟିଏ ଟେଷ୍ଟ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତସୂଚୀ ୨୦୨୫-୨୬ ସିଜନରେ ଅନ୍ତର୍ଭୁକ୍ତ । ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ପଞ୍ଜାବର ନୂଆ ଷ୍ଟାଡିୟମ ମୋହାଲିସ୍ଥିତ ମୁଲାନପୁରରେ, ଦିନିକିଆ ମ୍ୟାଚ୍ ଗୁଡ଼ିକ ଧର୍ମଶାଳା, ଲକ୍ଷ୍ନୌ ଓ ଚେନ୍ନଇରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଏହାକୁ ମିଶାଇରେ ଆଇପିଏଲ୍ ପରେ ଓ ୨୦୨୬-୨୭ ସିଜନ ଶେଷ ସୁଦ୍ଧା ଘରୋଇ ମାଟିରେ ଟିମ୍ ଇଣ୍ଡିଆ ୧୨ ଦିନିକିଆ, ୮ ଟି-୨୦ ଓ ୬ ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି ।

**ୱେଷ୍ଟଇଣ୍ଡିଜ୍ ଟୁର୍** : ୨୦୨୬-୨୭ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ଟୁର୍‌ରେ ଆସିବ । ସେପ୍ଟେମ୍ବର ୨୭ରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍‌ରେ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳାଯିବ । ଦିନିକିଆ ମ୍ୟାଚ୍ ଗୁଡିକ ଯଥାକ୍ରମେ ତ୍ରିଭାନ୍ଦ୍ରମ, ଗୌହାଟୀ ଓ ନ୍ୟୁ ଚଣ୍ଡିଗଡ଼ ବା ମୁଲାନପୁରରେ ଖେଳାଯିବ । ଟି-୨୦ ମ୍ୟାଚ୍ ଗୁଡିକ ଲକ୍ଷ୍ନୌ , ରାଞ୍ଚି, ଇନ୍ଦୋର, ହାଇଦରାବାଦ୍ ଓ ବେଙ୍ଗାଲୁରୁରେ ଆୟୋଜିତ ହେବ ।

**ଡିସେମ୍ବରରେ ଶ୍ରୀଲଙ୍କା ସିରିଜ୍** : ୨୦୨୬ ବର୍ଷ ଶେଷରେ ଶ୍ରୀଲଙ୍କା ଦଳ ଏକ ସୀମିତ ଓଭର ସିରିଜ୍ ଖେଳିବାକୁ ଭାରତ ଗସ୍ତରେ ଆସିବ । ଏହି ସିରିଜ୍‌ରେ ୩ଟି ଦିନିକିଆ ଓ ୩ୟି ଟି-୨୦ ମ୍ୟାଚ୍ ଖେଳାଯିବ । ଦିନିକିଆ ମ୍ୟାଚ୍ ଗୁଡିକ ଦିଲ୍ଲୀ, ବେଙ୍ଗାଲୁରୁ ଓ ଅହମ୍ମଦାବାଦ୍‌ରେ ଓ ଟି-୨୦ ମ୍ୟାଚ୍ ଗୁଡ଼ିକ ରାଜକୋଟ, କଟକ ଓ ପୁଣେରେ ଖେଳାଯିବ ।

**ନୂଆ ବର୍ଷରେ ଜିମ୍ବାୱେ** : ନୂଆବର୍ଷ ବା ୨୦୨୭ରେ ଜିମ୍ବାୱେ ପ୍ରଥମ ଦଳ ଭାବେ ଭାରତ ଗସ୍ତରେ ଆସିବ । ଏହି ଗସ୍ତରେ ଦଳ ୩ଟି ଦିନିକିଆ ମ୍ୟାଚ୍ କୋଲକାତା, ହାଇଦରାବାଦ୍ ଓ ମୁମ୍ବଇରେ ଖେଳିବ । ଟିମ୍ ଇଣ୍ଡିଆର ନୂଆବର୍ଷ ଏହି ଗସ୍ତରୁ ଆରମ୍ଭ ହେବ ।

**ଅଷ୍ଟ୍ରେଲିଆ ଖେଳିବ ଟେଷ୍ଟ ସିରିଜ୍** : ଟିମ୍ ଇଣ୍ଡିଆର ଘରୋଇ ସିଜନ ବର୍ଡର-ଗାଭାସ୍କର ଟ୍ରଫି ସହ ଶେଷ ହେବ । ଜାନୁଆରୀ ୨୧ରୁ ଆରମ୍ଭ ହେବାକୁ ଥିବା ଏହି ସିରିଜ୍‌ରେ ୫ଟି ଟେଷ୍ଟ ଖେଳାଯିବ । ଟେଷ୍ଟ ମ୍ୟାଚ୍ ଗୁଡିକ ନାଗପୁର, ଚେନ୍ନଇ, ଗୌହାଟୀ, ରାଞ୍ଚି ଓ ଅହମ୍ମଦାବାଦ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି ।

### ଡିସେମ୍ବର ୨୪ରେ ବାରବାଟୀ ମୁକାବିଲା

ଏହି ସିଜନରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଗୋଟିଏ ଟି-୨୦ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବାକୁ ଥିବା ଏହି ମୁକାବିଲା ଡିସେମ୍ବର ୨୪ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ୨୦୨୫ରେ ବାରବାଟୀ ୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନର ଅଧିକାର ପାଇଥିଲା । ଫେବୃଆରୀ ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏକ ଟି-୨୦ ମ୍ୟାଚ୍ ଆୟୋଜିତ ହୋଇଥିଲା । ଏହା ପରେ ଡିସେମ୍ବର ୯ ତାରିଖ ଦିନ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକ ଦିନିକିଆ ମ୍ୟାଚ୍ ଖେଳାଯାଇଥିଲା । ଏହାର ବର୍ଷକ ପରେ ପୁଣିଥରେ ବାରବାଟୀକୁ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନର ସୁଯୋଗ ମିଳିଛି ।

### ଭାରତର ଘରୋଇ ଖେଳସୂଚୀ

**ଆଫଗାନିସ୍ତାନ (୧ଟେଷ୍ଟ, ୩ଦିନିକିଆ)**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ଜୁନ୍ ୬ରୁ୧୦ | ଟେଷ୍ଟ | ମୁଲାନପୁର |
| ଜୁନ୍ ୧୪ | ପ୍ରଥମ ଦିନିକିଆ | ଧର୍ମଶାଳା |
| ଜୁନ୍ ୧୭ | ଦ୍ୱିତୀୟ ଦିନିକିଆ | ଲକ୍ଷ୍ନୌ |
| ଜୁନ୍ ୨୦ | ତୃତୀୟ ଦିନିକିଆ | ଚେନ୍ନଇ |

**୨୦୨୬-୨୭ ସିଜନ**

**ୱେଷ୍ଟଇଣ୍ଡିଜ୍ ଟୁର୍ (୩ଦିନିକିଆ, ୫ଟି-୨୦)**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ସେପ୍ଟେମ୍ବର ୨୭ | ପ୍ରଥମ ଦିନିକିଆ | ତ୍ରିଭାନ୍ଦ୍ରମ୍ |
| ସେପ୍ଟେମ୍ବର ୩୦ | ଦ୍ୱିତୀୟ ଦିନିକିଆ | ଗୌହାଟୀ |
| ଅକ୍ଟୋବର ୦୩ | ତୃତୀୟ ଦିନିକିଆ | ମୁଲାନପୁର |
| ଅକ୍ଟୋବର ୦୬ | ପ୍ରଥମ ଟି-୨୦ | ଲକ୍ଷ୍ନୌ |
| ଅକ୍ଟୋବର ୦୯ | ଦ୍ୱିତୀୟ ଟି-୨୦ | ରାଞ୍ଚି |
| ଅକ୍ଟୋବର ୧୧ | ତୃତୀୟ ଟି-୨୦ | ଇନ୍ଦୋର |
| ଅକ୍ଟୋବର ୧୪ | ଚତୁର୍ଥ ଟି-୨୦ | ହାଇଦରାବାଦ୍ |
| ଅକ୍ଟୋବର ୧୭ | ପଞ୍ଚମ ଟି-୨୦ | ବେଙ୍ଗାଲୁରୁ |

**ଶ୍ରୀଲଙ୍କା ଟୁର୍ (୩ ଦିନିକିଆ, ୩ ଟି-୨୦)**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ଡିସେମ୍ବର ୧୩ | ପ୍ରଥମ ଦିନିକିଆ | ଦିଲ୍ଲୀ |
| ଡିସେମ୍ବର ୧୬ | ଦ୍ୱିତୀୟ ଦିନିକିଆ | ବେଙ୍ଗାଲୁରୁ |
| ଡିସେମ୍ବର ୧୯ | ତୃତୀୟ ଦିନିକିଆ | ଅହମ୍ମଦାବାଦ୍ |
| ଡିସେମ୍ବର ୨୨ | ପ୍ରଥମ ଟି-୨୦ | ରାଜକୋଟ |
| ଡିସେମ୍ବର ୨୪ | ଦ୍ୱିତୀୟ ଟି-୨୦ | କଟକ |
| ଡିସେମ୍ବର ୨୭ | ତୃତୀୟ ଟି-୨୦ | ପୁଣେ |

**ଜିମ୍ବାୱେ ଟୁର୍ (୩ ଦିନିକିଆ)**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ଜାନୁଆରୀ ୦୩ | ପ୍ରଥମ ଦିନିକିଆ | କୋଲକାତା |
| ଜାନୁଆରୀ ୦୬ | ଦ୍ୱିତୀୟ ଦିନିକିଆ | ହାଇଦରାବାଦ୍ |
| ଜାନୁଆରୀ ୦୯ | ତୃତୀୟ ଦିନିକିଆ | ମୁମ୍ବଇ |

**ଅଷ୍ଟ୍ରେଲିଆ ଟୁର୍ (୫ ଟେଷ୍ଟ)**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ୨୧ରୁ ୨୫।୧ | ପ୍ରଥମ ଟେଷ୍ଟ | ନାଗପୁର |
| ୨୯।୧ରୁ ୨।୨ | ଦ୍ୱିତୀୟ ଟେଷ୍ଟ | ଚେନ୍ନଇ |
| ୧୧।୨ରୁ ୧୫।୨ | ତୃତୀୟ ଟେଷ୍ଟ | ଗୌହାଟୀ |
| ୧୯।୨ରୁ ୨୩।୨ | ଚତୁର୍ଥ ଟେଷ୍ଟ | ରାଞ୍ଚି |
| ୨୭।୨ରୁ ୩।୩ | ପଞ୍ଚମ ଟେଷ୍ଟ | ଅହମ୍ମଦାବାଦ୍ |

## ଜାତୀୟ ସିନିଅର ମହିଳା ହ୍ୟାଣ୍ଡବଲ୍‌ରେ ଭାଗନେବ ୧୮ ଜଣିଆ ଓଡ଼ିଶା ଦଳ

**ଭୁବନେଶ୍ୱର, ୨୬ ।୩ (ସମିସ):** ଜାତୀୟ ସିନିଅର ମହିଳା ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍‌ର ୫୪ତମ ସଂସ୍କରଣ ଉତ୍ତରପ୍ରଦେଶର ବରେଲୀଠାରେ ମାର୍ଚ୍ଚ ୩୦ରୁ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ଜ୍ୟୋତି ପାତ୍ରଙ୍କ ନେତୃତ୍ୱରେ ଓଡ଼ିଶାର ୧୮ ଜଣିଆ ଦଳ ଅଂଶଗ୍ରହଣ କରିବ । ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଅଧିନାୟିକା ଜ୍ୟୋତି ପାତ୍ର, ଅଙ୍କିତା ବାରିକ, ସନ୍ଧ୍ୟାରାଣୀ ଦାସ, କସ୍ତୁରୀ ପ୍ରଧାନ, ସୋନମ ପ୍ରତିହାରୀ, ସ୍ୱପ୍ନେଶ୍ୱରୀ ଦାସ, ବର୍ଷା ସେଠୀ, ସଞ୍ଜନା ସ୍ୱାଇଁ, ଅଙ୍କିତା ପଟ୍ଟନାୟକ, ପୂଜା ସ୍ୱାଇଁ, ଆଦ୍ୟାଶା ଦାସ, ସୁନିତା ମହନ୍ତ, ରାଜଲକ୍ଷ୍ମୀ ନାୟକ, ଅଙ୍କିତା ସାହୁ, ବିଜୟଲକ୍ଷ୍ମୀ ପ୍ରଧାନ, ସମୀକ୍ଷା ମଣ୍ଡଳ, ରଣିକାର୍ତ୍ତ ରାଉତ, ମାନସୀ ପ୍ରଧାନ, କୋଚ ବିଶ୍ୱରଞ୍ଜନ ପାତ୍ର, ମ୍ୟାନେଜର ଗୀତାଞ୍ଜଳି ଦାସ ଓ ବର୍ଷା ପ୍ରିୟଦର୍ଶିନୀ ବାରିକ ଦଳ ସହ ବରେଲି ଯାତ୍ରା କରିଛନ୍ତି । ଏହି ଅବସରରେ ଓଡ଼ିଶା ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, କୋଚ୍ ଗୌରୀ ଶଙ୍କର ମିଶ୍ର, ଗୋପାଳଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ା

## ଅଞ୍ଜଳିଙ୍କୁ ହ୍ୟାଟ୍ରିକ ସ୍ୱର୍ଣ୍ଣ; ଝିଲ୍ଲିଙ୍କ ଝଲକ

**ଭୁବନେଶ୍ୱର, ୨୬ ।୩ (ସମିସ):** ଛତିଶଗଡ଼ର ରାୟପୁରରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ାରେ ଓଡ଼ିଶାର ପ୍ରତିଯୋଗୀଙ୍କ ପଦକ ବିଜୟଧାରା ଜାରି ରହିଛି । ଦ୍ୱିତୀୟ ଦିବସରେ ଗୁରୁବାର ଓଡ଼ିଶା ୪ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି । ଯେଉଁଥିରୁ ସନ୍ତରଣକାରୀ ଅଞ୍ଜଳି ମୁଣ୍ଡା ଏକାକୀ ୨ଟି ସ୍ୱର୍ଣ୍ଣ ଜିତିଛନ୍ତି । ଅଞ୍ଜଳି ମହିଳା ୨୦୦ ମିଟର ବ୍ୟକ୍ତିଗତ ମେଡଲେ ଓ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ଏହି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ପୂର୍ବରୁ ସେ ପ୍ରଥମ ଦିବସରେ ୨୦୦ ମିଟର ଫ୍ରିଷ୍ଟାଇଲରେ ପ୍ରଥମ ହୋଇଥିଲେ । ଫଳରେ ଅଞ୍ଜଳି ଏହି ପ୍ରତିଯୋଗିତାରେ ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେହିଭଳି ସନ୍ତରଣର ୪ ଗୁଣା ୧୦୦ ମିଟର ରିଲେରେ ଓଡ଼ିଶା ମହିଳା ଦଳ ପ୍ରଥମ ହୋଇଛି । ଅପରପକ୍ଷରେ ଭାରୋତ୍ତୋଳନ କ୍ରୀଡ଼ାରୁ ଓଡ଼ିଶାକୁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ମିଳିଛି । ଝିଲ୍ଲୀ ଦଳବେହେରା ମହିଳା ୫୩ କିଗ୍ରା ବର୍ଗରେ ରାଜ୍ୟ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି । ସେହିଭଳି ମହିଳା ୪୮ କିଗ୍ରାରେ ଦୀପାରାଣୀ ମଲ୍ଲିକ ରୌପ୍ୟ ପଦକ ହାସଲ କରିଛନ୍ତି । ଦୁଇ ଦିନରେ ଓଡ଼ିଶା ୫ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୮ଟି କାଂସ୍ୟ ସହ ମୋଟ୍ ୧୪ ପଦକ ଜିତି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ।


ଅଞ୍ଜଳି ମୁଣ୍ଡା


ଝିଲ୍ଲୀ ଦଳବେହେରା

ଓସିଏ କ୍ଲବ୍ କ୍ରିକେଟ

## ଶ୍ରେୟାଂସ, ଆୟୁଷଙ୍କ ଶତକ ବେକାର; ଓଜିପି ପରାସ୍ତ



**ଭୁବନେଶ୍ୱର, ୨୬ ।୩ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଟୁର୍ଣ୍ଣାମେଣ୍ଟର ଫେଜ୍-୨ ପର୍ଯ୍ୟାୟ ୪ଟି ମ୍ୟାଚ୍ ଗୁରୁବାର ଖେଳାଯାଇଥିଲା । ଏଥିରେ କିଶୋର କ୍ଲବ, ବାରବାଟୀ କଲଚୁରାଲ ୟୁନିୟନ, ମଙ୍ଗଳା କ୍ଲବ ଓ ରୟାଲ କ୍ଲବ ବିଜୟୀ ହୋଇଛି । ସନ୍‌ସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଶ୍ରେୟାଂସ ଭରଦ୍ୱାଜ (୧୪୬) ଓ ଆୟୁଷ ବାରିକ (୧୧୨) ଶତକୀୟ ପାଳି ଖେଳିଥିଲେ । କିନ୍ତୁ ତାଙ୍କ ଦଳ ଓଜିପି କ୍ଲବ ୧ ୱିକେଟରେ ବାରବାଟୀ ନିକଟରୁ ପରାସ୍ତ ହୋଇଥିଲା । ୩୧୩ ରନର ଟାର୍ଗେଟକୁ ବାରବାଟୀ ଦଳ ୪୯.୩ ଓଭରରେ ୯ ୱିକେଟ୍ ହରାଇ ହାସଲ କରିନେଇଥିଲା । ବିଜୟୀ ଦଳର ଅନିରୁଦ୍ଧ ଶ୍ରୀବାସ୍ତବ (୬୫ ରନ) ଶ୍ରେଷ୍ଠ ଖେଳାଳି ହୋଇଥିଲେ । ସେହିଭଳି ଡ୍ରିମ୍ସ ଗ୍ରାଉଣ୍ଡରେ କିଶୋର କ୍ଲବ ୬ ୱିକେଟରେ ଟାଉନ କ୍ଲବକୁ, ବାରବାଟୀ ଷ୍ଟାଡିୟମରେ ମଙ୍ଗଳା କ୍ଲବ ୪୫ ରନରେ ରାଇଜିଂ ଷ୍ଟାରକୁ ଏବଂ ରେଭେନସା ଗ୍ରାଉଣ୍ଡ-୧ରେ ରୟାଲ୍ କ୍ଲବ ୪ ୱିକେଟରେ ଜୟଦୁର୍ଗା କ୍ଲବକୁ ପରାସ୍ତ କରିଛି । ରୟାଲ୍ କ୍ଲବର ଅଙ୍କିତ ଚୌଧୁରୀ (୫ ୱିକେଟ), ମଙ୍ଗଳା କ୍ଲବର ନୌତମ ଭଞ୍ଜ (୨ ୱିକେଟ ଓ ୪୦ ରନ) ଏବଂ କିଶୋର କ୍ଲବର ନୟନ ଗୁପ୍ତା (୫ ୱିକେଟ) ଶ୍ରେଷ୍ଠ ଖେଳା ଳି ବିବେଚିତ ହୋଇଥିଲେ ।

## ଅଲିମ୍ପିକ୍ସରେ ଖେଳି ପାରିବେନି ଟ୍ରାନ୍ସଜେଣ୍ଡର ମହିଳା

**ଲାଉସାନେ, ୨୬ ।୩ (ଏଜେନ୍ସି):** ଅଲିମ୍ପିକ କ୍ରୀଡ଼ାକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି । ବିଶ୍ୱ କ୍ରୀଡ଼ାର ଏହି ମହାକୁମ୍ଭରେ ଏଥର ଟ୍ରାନ୍ସଜେଣ୍ଡର ମହିଳା ଆଥ୍‌ଲେଟ୍‌ମାନେ ଅଂଶଗ୍ରହଣ କରିପାରିବେ ନାହିଁ । ଅର୍ନ୍ତଜାତୀୟ ଅଲିମ୍ପିକ କମିଟି (ଆଇଓସି) ଗୁରୁବାର ଏକ ବଡ଼ ନିଷ୍ପତ୍ତି ନେଇ ଅଲିମ୍ପିକ୍ସରୁ ଟ୍ରାନ୍ସଜେଣ୍ଡର ମହିଳାଙ୍କୁ ଏବେ ବାଦ୍ ଦେଇଛି । ଫଳରେ ୨୦୨୮ରେ ହେବାକୁ ଥିବା ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରୁ ଆଉ ଏହି ଶ୍ରେଣୀର ଆଥ୍‌ଲେଟଙ୍କୁ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବନି । ମହିଳା କ୍ରୀଡ଼ା ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାରୀ ନିର୍ଦ୍ଦେଶ ସହିତ ନୂତନ ଯୋଗ୍ୟତା ନୀତିରେ ଆଇଓସି ରାଜି ହେବାପରେ ଏହି ନିୟମ ଲାଗୁ ହୋଇଛି ।

ଜାତୀୟ ପାରା ଅସିଚାଳନା

## ୨ ଦିନରେ ଓଡ଼ିଶାକୁ ୬ ସ୍ୱର୍ଣ୍ଣ

**ଭୁବନେଶ୍ୱର,୨୬।୩(ସମିସ)**




ରାଜସ୍ଥାନର ଜୟପୁରଠାରେ ଚାଲିଥିବା ଜାତୀୟ ପାରା ଅସିଚାଳନା ପ୍ରତିଯୋଗିତାରେ ଓଡ଼ିଶା ଦଳର ସଫଳତା ହାସଲ ଅବ୍ୟାହତ ରହିଛି । ଏହି ପ୍ରତିଯୋଗିତାର ୨ ଦିନ ଶେଷରେ ଓଡ଼ିଶାକୁ ୬ ସ୍ୱର୍ଣ୍ଣ ଓ ୬ଟି କାଂସ୍ୟ ପଦକ ମିଳିଛି । ଆଜି ଅନୁଷ୍ଠିତ ଇଭେଣ୍ଟ ମଧ୍ୟରୁ ଓଡ଼ିଶା ଦଳ କାଂସ୍ୟରୁ ପଦକ ଅଭିଯାନ ଆରମ୍ଭ କରିଥିଲା । ମହିଳା ଫଏଲ କାଟେଗୋରୀରେ ବି ନର୍ମଦା ସିଂ ସେମିଫାଇନାଲରେ ପରାଜିତ ହୋଇ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା । କିନ୍ତୁ ଏହି କାଟାଗୋରୀର ମହିଳା ଦଳଗତ ଇଭେଣ୍ଟରେ ଓଡ଼ିଶା ସ୍ୱର୍ଣ୍ଣ ପଦକ ଜିତିଥିଲା । ଆଶା ସିଂ, କୁମାରୀ ମାଳତୀ ପାନୁରେ, ଶିଳା ମନ୍ତ୍ରୀ ଓ ମଧୁସ୍ମିତା ସାହୁ ସ୍ୱର୍ଣ୍ଣ ବିଜୟୀ ଦଳର ସଦସ୍ୟ ରହିଥିଲେ । ମହିଳା ସହ ପୁରୁଷ ଦଳ ମଧ୍ୟ ସ୍ୱର୍ଣ୍ଣପଦକ କବ୍‌ଜା କରିଥିଲା । ଏହି ଦଳରେ ଓମ୍‌ପ୍ରକାଶ ବେହେରା, ପୂର୍ଣ୍ଣଚନ୍ଦ୍ର ସେଠୀ, ରାଖାଲ କୁମାର ସେଠୀ ଓ ଭି ରମେଶ ରାଓ ସଦସ୍ୟ ରହିଥିଲେ । ରାଖାଲ କୁମାର ସେଠୀ ମଧ୍ୟ ଏହି ଇଭେଣ୍ଟର ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣ ପଦକ କବ୍‌ଜା କରିଥିଲେ । ଭି. ରମେଶ ରାଓଙ୍କୁ କାଂସ୍ୟ ପଦକ ମିଳିଥିଲା । ପୁରୁଷ ଫଏଲ କାଟାଗୋରୀ-ବି'ରେ ଓମ୍‌ପ୍ରକାଶ ବେହେରା ସ୍ୱର୍ଣ୍ଣ ଓ ଓମ୍‌ଙ୍କଠାରୁ ସେମିଫାଇନାଲରେ ପରାଜିତ ରାହୁଲ ମଲିକ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ । ଏହା ଫଳରେ ୬ଟି ସ୍ୱର୍ଣ୍ଣ ସହ ଓଡ଼ିଶା ଦଳର ପାରା ଅସିଚାଳକମାନେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଯାଉଛନ୍ତି । ଆସନ୍ତାକାଲି ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ ।

## କାରୋଲିନା ମାରିନଙ୍କ ଅବସର

**ମାଦ୍ରିଦ, ୨୬ ।୩ (ଏଜେନ୍ସି):** ପୂର୍ବତନ ଅଲିମ୍ପିକ ଚାମ୍ପିଅନ କାରୋଲିନ ମାରିନ ୧୫ ବର୍ଷର ପ୍ରଫେସନାଲ କ୍ୟାରିୟର ଅନ୍ତ ଘଟାଇ ବ୍ୟାଡ୍‌ମିଣ୍ଟନକୁ ଅଲ୍‌ବିଦା କହିଛନ୍ତି । ମାରିନ ଗୁରୁବାର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରି ଅବସର ନେଇ ଘୋଷଣା କରିଛନ୍ତି । ୩୨ ବର୍ଷୀୟା ଏହି ସ୍ପାନିଶ ତାରକା ତାଙ୍କ ଘରୋଇ ସହର ହୁଏଲଭାରେ ମ୍ୟାଚ୍ ଖେଳି ଅବସର ନେବେ ବୋଲି ଚିନ୍ତା କରିଥିଲେ । କିନ୍ତୁ ଆଘାତଜନିତ ସମସ୍ୟା ଲାଗି ଦୀର୍ଘ ୨ ବର୍ଷ ହେବ କୋର୍ଟରୁ ଦୂରେଇ ରହିଥିଲେ । ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ସେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ । ୨୦୧୬ ରିଓ ଅଲିମ୍ପିକରେ ମାରିନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । ସେହିଭଳି ବ୍ୟାଡ୍‌ମିଣ୍ଟନ ଇତିହାସର ପ୍ରଥମ ମହିଳା ଖେଳାଳି ଭାବେ ୩ଥର ବିଶ୍ୱ ଚାମ୍ପିଅନ ଟାଇଟଲ୍ ହାସଲ କରିଥିଲେ ।

ଏଲ୍‌ଏଲ୍‌ସିସି କପ୍ କ୍ରିକେଟ

## ପାରାମାଉଣ୍ଟ-ରେଡ୍ ଷ୍ଟାର ସେମିଫାଇନାଲ



**ଭୁବନେଶ୍ୱର,୨୬।୩(ସମିସ):** ଭୁବନେଶ୍ୱରର ଦୁଇ ଦଳ ପାରାମାଉଣ୍ଟ ସ୍ପୋର୍ଟିଂ ଓ ୟୁନିଟ୍-୬'ର ରେଡ୍‌ଷ୍ଟାର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଶନିବାର ଖେଳାଯିବ । ଆଜି ଖେଳାଯାଇଥିବା ଏଲ୍‌ଏଲ୍‌ସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ତଥା ଶେଷ କ୍ୱାର୍ଟରଫାଇନାଲରେ ଏମ୍‌ସିଏକୁ ୯ ୱିକେଟରେ ପରାସ୍ତ କରି ପାରାମାଉଣ୍ଟ ସ୍ପୋର୍ଟିଂ ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ସହିଦ୍ ସ୍ପୋର୍ଟିଂ ସହ ଆୟୋଜକ ଏଲ୍‌ଏଲ୍‌ସିସି-ଏ'ର ମୁକାବିଲା ହେବ । ଆଜିର ମ୍ୟାଚ୍‌ରେ୫୫ ବଲ୍‌ରୁ ଅପରାଜିତ ୬୫ ରନ୍ କରିବା ସହ ୨ଟି ୱିକେଟ ନେଇଥିବା ଆୟୁଷ୍ମାନ୍ ପାତ୍ରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଆର୍ଣ୍ଣିସ କନ୍‌ଷ୍ଟ୍ରକସନର ଏମ୍‌ଡି ରିଷି ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଏମ୍‌ସିଏ ୩୫ ଓଭରରେ ୧୨୭ ରନ୍ କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ଅଖିଳ ପ୍ରଧାନ ୪୪ ରନ କରିଥିଲେ । ଜବାବରେ ପାରାମାଉଣ୍ଟ ଗୋଟିଏ ୱିକେଟ ହରାଇ ବିଜୟୀ ହୋଇଥିଲା । ଆୟୁଷ୍ମାନଙ୍କ ସହ ସୁସଙ୍କେତ ରାଉତ ୫୬ରନ୍‌ରେ ଅପରାଜିତ ରହିଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS